ସ୍ୱାଗତଂ ଓଡ଼ିଶା

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

# ଡୁମାଣୀ ଖବର

Dumani Khabar (Odia Daily)

Visit us: www.dumanikhabar.in • e-paper.dumanikhabar.in

DUMANI TV

ବର୍ଷ-୬ | ସଂଖ୍ୟା-୫୭ | ମଙ୍ଗଳବାର | ୨୦ ମଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-57 | Tuesday | 20 May 2025 | Bhubaneswar | Pages-8 | Rs. 2.00

Follow us: Facebook YouTube Twitter


## ମୁଖ୍ୟମନ୍ତ୍ରୀଙ୍କ ୧୧ତମ ଅଭିଯୋଗ ଶୁଣାଣି

# ଗରିବ, ଅସହାୟଙ୍କୁ ସହାୟତା ଦେବା ଆମ ସରକାରଙ୍କ ପ୍ରାଥମିକତା: ମୁଖ୍ୟମନ୍ତ୍ରୀ



### ୧୪ଜଣଙ୍କୁ ତୁରନ୍ତ ମିଳିଲା ୧୩ ଲକ୍ଷ ୫୦ ହଜାର ଟଙ୍କା

ଭୁବନେଶ୍ୱର, ୧୯।୫ (ଡିକେ ନ୍ୟୁଜ୍): 'ଲୋକଙ୍କ ମୁଖ୍ୟମନ୍ତ୍ରୀ'ଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ୧୧ତମ ପାଳି। ଲୋକଙ୍କ ସରକାର ଲୋକଙ୍କ ସହିତ ଅଛନ୍ତି। ତାଙ୍କ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେଉଛନ୍ତି। ସୋମବାର ଭୁବନେଶ୍ୱର ୟୁନିଟ-୨ ଠାରେ ନୂଆ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହିତ ଏହାର ସମାଧାନ ଓ ପ୍ରତିକାର ପାଇଁ ତତ୍କାଳ ପଦକ୍ଷେପ ନେଇଛନ୍ତି। ସୋମବାର ୧ ହଜାର ଅଭିଯୋଗକାରୀ ଅନଲାଇନ ମାଧ୍ୟମରେ ନାମ ପଞ୍ଜିକୃତ କରିଥିଲେ। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳର ୬ଜଣ ବରିଷ୍ଠ ମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ମନ୍ତ୍ରୀ ଓ ସଚିବମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଭେଟି, ଆପତ୍ତି ଅଭିଯୋଗ ଶୁଣାଇ ଆତ୍ମସନ୍ତୋଷର ସହ ଲୋକମାନେ ଫେରୁଥାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ଭରା କଥା ଉପସ୍ଥିତ ଥିବା ଲୋକମାନଙ୍କୁ ଗଭୀର ଭାବେ ପ୍ରଭାବିତ କରୁଥିଲା ଏବଂ ସୁଶାସନର ଅନୁଭୂତି ସେମାନଙ୍କ ଆଖିରେ ଝଲସି ଉଠୁଥିଲା। ସବୁଥର ପରି ସୋମବାର ମୁଖ୍ୟମନ୍ତ୍ରୀ ପ୍ରଥମେ ସକାଳେ ଆସି ବାହାରେ ଅପେକ୍ଷା କରିଥିବା ଭିନ୍ନକ୍ଷମ ଓ ଦୂରାରୋଗ୍ୟରେ ପୀଡିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ ଓ ଦୂରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଛି। ଆଜି ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ପାଇଁ ନୟାଗଡର ସନ୍ତୋଷ ବିଶ୍ୱାଳଙ୍କୁ ୫୦ ହଜାର ଟଙ୍କା, ଯାଜପୁରର ବିଷ୍ଣୁଚରଣ ସାହୁଙ୍କୁ ୧ ଲକ୍ଷ ଟଙ୍କା, ଭଦ୍ରକର ଲକ୍ଷ୍ମୀଧର ସେଠୀଙ୍କୁ ୧ ଲକ୍ଷ ଟଙ୍କା, କଟକର ସାତ୍ତ୍ୱିକ କରଙ୍କୁ ୧ ଲକ୍ଷ ଟଙ୍କା, କେନ୍ଦୁଝରର ନବୀନ କୁମାର ସେଠୀଙ୍କୁ ୨ ଲକ୍ଷ ଟଙ୍କା, ମୟୁରଭଞ୍ଜର ସୁନିତା ଚୌଧୁରୀଙ୍କୁ ୧ ଲକ୍ଷ ଟଙ୍କା, କଟକର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ୫୦ ହଜାର ଟଙ୍କା, ବୌଦ୍ଧର ନିଳକଣ୍ଠ ପ୍ରଧାନ ଓ ଯଦୁମଣୀ କର୍ମୀଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ, ଗଞ୍ଜାମର ଛାୟା ନାୟକଙ୍କୁ ୧ ଲକ୍ଷ ଟଙ୍କା, ଭଦ୍ରକର ବୁଦ୍ଧିଆ ମଣ୍ଡଳଙ୍କୁ ୧ ଲକ୍ଷ ଟଙ୍କା, ନବରଙ୍ଗପୁରର କମଳା ନାୟକଙ୍କୁ ୧ ଲକ୍ଷ ଟଙ୍କା, ଖୋର୍ଦ୍ଧାର କୈଳାସ ପଲେଇଙ୍କୁ ୧ ଲକ୍ଷ ଟଙ୍କା ଏବଂ କଟକର ସୁରେଶ କୁମାର ଜେନାଙ୍କୁ ଅନୁକମ୍ପାମୂଳକ ସହାୟତା ବାବଦକୁ ୫୦ ହଜାର ଟଙ୍କା, ଏହିପରି ୧୪ ଜଣଙ୍କୁ ସମୁଦାୟ ୧୩ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଉପରେ ଲୋକଙ୍କ ଆସ୍ଥା ବଢ଼ିଛି। ସେମାନେ ବିଭିନ୍ନ ସମସ୍ୟା ନେଇ ଆମ ପାଖକୁ ଆସୁଛନ୍ତି। ଲୋକଙ୍କୁ ନିରନ୍ତର ନ୍ୟାୟ ପ୍ରଦାନ କରିବା ପାଇଁ ଆମେ ଏହି କାର୍ଯ୍ୟକ୍ରମ ଜାରି ରଖିଛୁ। ଆମ ସରକାର ନିରନ୍ତର ଭାବେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି, ଏବଂ ତାହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହା ମାଧ୍ୟମରେ ଗରିବ ଓ ଅସହାୟଙ୍କୁ ସହାୟତା ପ୍ରଦାନ କରାଯାଉଛି। ଆଗାମୀ ଦିନରେ ଆଞ୍ଚଳିକସ୍ତରରେ ମଧ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଦଶମ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୦,୨୩୪ଟି ଅଭିଯୋଗ ମଧ୍ୟରୁ ୮,୭୧୩ଟି ଅଭିଯୋଗର ସମାଧାନ କରାଯାଇଛି। ଯାହା ଶତକଡ଼ା ୮୫ ପ୍ରତିଶତ ଅଟେ। ବକେୟା ଅଭିଯୋଗ ଗୁଡ଼ିକ ପ୍ରୋସେସରେ ରହିଛି। ସୋମବାର ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମବାୟ, ହସ୍ତତନ୍ତ, • ପୃଷ୍ଠା ୭ ଦେଖନ୍ତୁ...

# ପୋଲାଭରମ୍ ପ୍ରକଳ୍ପର ସମୀକ୍ଷା କରିବେ ପ୍ରଧାନମନ୍ତ୍ରୀ

## ୨୮ରେ ୪ ମୁଖ୍ୟମନ୍ତ୍ରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ



ଭୁବନେଶ୍ୱର, ୧୯।୫ (ଡିକେ ନ୍ୟୁଜ୍): ଖୁବ୍‌ଶୀଘ୍ର ତୁଟିବ ପୋଲାଭରମ୍ ବିବାଦ। ମେ ୨୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ। ସାମିଲ ହେବେ ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ। ଆଭାସୀ ମାଧ୍ୟମରେ ୪ ରାଜ୍ୟର ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ। କେନ୍ଦ୍ର, ଛତିଶଗଡ଼, ଓ ଓଡ଼ିଶାରେ ଏବେ 'ଟ୍ରିପଲ ଇଞ୍ଜିନ ସରକାର' ରହିଛି। ସେହିଭଳି ଆନ୍ଧ୍ରରେ ଏବେ ଏନଡିଏ ସରକାର ରହିଛି। ଆପୋଷ ସମାଧାନ ପାଇଁ ସ୍ଥିତି ପୂରା ଅନୁକୂଳ ରହିଛି। ଏ ଦିଗରେ କେନ୍ଦ୍ର ଏବଂ ୪ ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ପୋଲାଭରମ୍ ବିବାଦ ବାଟ ଫିଟିବ ବୋଲି ଆଶା କରାଯାଉଛି। ପୋଲାଭରମ୍ ଉପରେ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ବୈଠକ ହେବ। ଯାହା ଆନ୍ଧ୍ର ପ୍ରଦେଶର 'ଜୀବନରେଖା' ଭାବରେ ବିବେଚିତ ଏକ ଜାତୀୟ ପ୍ରକଳ୍ପ। ତଥାପି, ତେଲେଙ୍ଗାନା, ଓଡ଼ିଶା ଏବଂ ଛତିଶଗଡ଼ର ପଡ଼ୋଶୀ ରାଜ୍ୟଗୁଡ଼ିକ ଜମି ଏବଂ ବସତି ବୁଡ଼ିଯିବା ଉପରେ ଆପତ୍ତି ଉଠାଇଛନ୍ତି। ଶୀର୍ଷ • ପୃଷ୍ଠା ୭ ଦେଖନ୍ତୁ...

# ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଭୁଟାନ ଗସ୍ତ



ଭୁବନେଶ୍ୱର, ୧୯।୫ (ଡିକେ ନ୍ୟୁଜ୍): ବିଶ୍ୱବ୍ୟାଙ୍କ ଦ୍ୱାରା ଆୟୋଜିତ ଦକ୍ଷିଣ ଏସିଆ ଲେବର୍ ମୋବିଲିଟି କନଫରେନ୍ସରେ ଯୋଗଦେବାକୁ ଭୁଟାନ ଗସ୍ତରେ ଗଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଆସନ୍ତା ୨୦ ଓ ୨୧ ତାରିଖରେ ଦୁଇଦିନ ଧରି ଦକ୍ଷିଣ ଏସିଆ ଲେବର୍ ମୋବିଲିଟି କନଫରେନ୍ସ ଭୁଟାନର ଥିମ୍ପୁ ଠାରେ ବିଶ୍ୱବ୍ୟାଙ୍କ ଦ୍ୱାରା ଆୟୋଜିତ ହେଉଛି। ଏଥିରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭାରତକୁ ପ୍ରତିନିଧିତ୍ୱ କରିବେ। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ ଶ୍ରୀ ସିଂହଦେଓ ବର୍ତ୍ତମାନ ଓଡ଼ିଶାର ଦାଦନ ଶ୍ରମିକ ବିସ୍ଥାପନ ଟାସ୍କଫୋର୍ସର ଚେୟାରମ୍ୟାନ ଅଛନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱବ୍ୟାଙ୍କ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଶ୍ରୀ ସିଂହଦେଓ ଭାରତର ପ୍ରତିନିଧିତ୍ୱ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ଏଥିରେ ଯୋଗଦାନ ଦାଦନ ଶ୍ରମିକ ଭଳି ସମସ୍ୟାର ସ୍ଥାୟୀ ସମାଧାନ ପନ୍ଥା, ନୀତି ନିରୂପଣ କରିବାରେ ବିଶେଷ ସହାୟକ ହେବ। ପ୍ରମୁଖ ଶାସନ ସଚିବ, ଶ୍ରମିକ ଓ କର୍ମଚାରୀ ରାଜ୍ୟ ବୀମା ଚିତ୍ରା ଅରୁମୁଗମ ମଧ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସହ ଉପସ୍ଥିତ ଅଛନ୍ତି। ଭୁଟାନ, ମଧ୍ୟପ୍ରାଚ୍ୟ ରାଷ୍ଟ୍ର, ଉତ୍ତର ଆଫ୍ରିକା, ଇଟାଲୀ, ଅଷ୍ଟ୍ରେଲିଆ, ଆରବ ଦେଶ, ଫିଲିପାଇନ୍ସ, ପପୁଆ ନିଉ ଗିନିଆ, ମାଳଦ୍ୱୀପ, ଶ୍ରୀଲଙ୍କା, ନେପାଳ, ଜାମାଇକା, ବାଂଲାଦେଶରୁ ପ୍ରତିନିଧି, ବିଶ୍ୱବ୍ୟାଙ୍କର ପ୍ରତିନିଧି ଓ ସରକାରୀ ଅଧିକାରୀଙ୍କ ସମେତ ପ୍ରାୟ ୧୦୦ ଜଣ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ।

# ଚକ ଅଖ ଡେରା ନୀତି ସମ୍ପନ୍ନ



ପୁରୀ, ୧୯।୫ (ଡିକେ ନ୍ୟୁଜ): ପରମ୍ପରା ଅନୁଯାୟୀ ପବିତ୍ର ଭଉଁରୀ ତିଥିରେ ସମ୍ପନ୍ନ ହୋଇଛି ଚକ ଅଖ ଡେରା ନୀତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ, ପ୍ରଭୁ ବଳଭଦ୍ର ତାଳଧ୍ୱଜ ଏବଂ ଦେବୀ ସୁଭଦ୍ରାଙ୍କ ଦର୍ପ ଦଳନ ରଥର ଦୁଇଟି ଲେଖାଏଁ ନାହାକଚକ ଅଖରେ ସଂଯୋଗ କରାଯାଇଛି। ଚକ ଡେରା ନୀତି ପାଇଁ ସୋମବାର ମହାପ୍ରଭୁଙ୍କ ସକାଳଧୂପ ଶେଷ ହେବା ପରେ ଶ୍ରୀମନ୍ଦିର ରତ୍ନସିଂହାସନରୁ ଶ୍ରୀବିଗ୍ରହମାନଙ୍କ ଆଜ୍ଞାମାଳ ବିଜେ କରାଯାଇଥିଲା। ଆଜ୍ଞାମାଳ ବିଜେ ପରେ ବଡ଼ଠାକୁରଙ୍କ ବାଡରୁ ଲକ୍ଷ୍ମୀ ନାରାୟଣ ପୂଜାପଣ୍ଡା ସାମନ୍ତ, ଦେବୀ ସୁଭଦ୍ରାଙ୍କ ବାଡରୁ ଗୋପବନ୍ଧୁ ପୂଜାପଣ୍ଡା ସାମନ୍ତ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡରୁ ବିଶ୍ୱନାଥ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଧରି ଶୋଭାଯାତ୍ରାରେ ଆସି ଶ୍ରୀନଅର ସମ୍ମୁଖରେ ପହଞ୍ଚିଥିଲେ। ଆଜ୍ଞାମାଳ ଲାଗି ପାଇଁ ପୂଜାର୍ଚ୍ଚନା ଶେଷ ହେବା ପରେ ପ୍ରଥମେ ତାଳଧ୍ୱଜ ରଥର ଚକରେ ଅଖ ସଂଯୋଗ କରଯାଇଥିଲା। ପରେ ନନ୍ଦିଘୋଷ ରଥ ଚକରେ ଅଖ ସଂଯୋଗ କରାଯାଇଥିବା ବେଳେ ଶେଷରେ ଦେବୀସୁଭଦ୍ରାଙ୍କ ରଥ ଚକରେ ଅଖ ସଂଯୋଗ କରାଯାଇଥିଲା। ବିଶ୍ୱକର୍ମା ମହାରଣା ଭୋଇ ସେବକଙ୍କ ସହାୟତାରେ ଚକରେ ଅଖ ସଂଯୋଗ କାର୍ଯ୍ୟ ସମ୍ପନ୍ନ କରିଥିଲେ। ପ୍ରତ୍ୟେକ ରଥର ୨ଟି ଲେଖାଏଁ ଚକରେ ଗୋଟିଏ ଲେଖାଏଁ ଅଖ ସଂଯୋଗ କରାଯାଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ସମେତ ଜିଲ୍ଲା ଓ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଏହି ନୀତି ସମ୍ପାଦନ ସମୟରେ ଉପସ୍ଥିତ ଥିଲେ। ଏହି ଅବସରରେ ଚଳିତ ବର୍ଷ ମହାପ୍ରଭୁଙ୍କ ରଥ ନିର୍ମାଣ ଓ ଭକ୍ତଙ୍କ ଗହଣରେ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଶୃଙ୍ଖଳିତ ଭାବେ ସମ୍ପାଦନ ହେବା ପାଇଁ ସମସ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଚକ ଅଖ ଡେରା ନୀତି ସମ୍ପାଦନ ଲାଗି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଭାରତ ଧର୍ମଶାଳା ନୁହେଁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୯।୫ (ହି.ସ): ଭାରତ ଗୋଟିଏ ଧର୍ମଶାଳ ନୁହେଁ। ଯାହା ବିଶ୍ୱର ବିଭିନ୍ନ ସ୍ଥାନରୁ ଆସୁଥିବା ଶରଣାର୍ଥୀଙ୍କ କଥା ବୁଝିବ। ଏମିତି କିଛି କହି ଜଣେ ଶ୍ରୀଲଙ୍କା ନାଗରିକଙ୍କ ଆବେଦନକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରି ଦେଇଛନ୍ତି। ଶ୍ରୀଲଙ୍କାର ନାଗରିକ ଜଣଙ୍କ ଭାରତରେ ଶରଣାର୍ଥୀ ଭାବେ ରହିବାକୁ ଆବେଦନ କରିଥିଲେ। କିନ୍ତୁ ଏହାକୁ ସର୍ବୋଚ୍ଚ ଅଦାଲତ ଗ୍ରହଣ କରି ନାହାନ୍ତି। ଜଷ୍ଟିସ ଦୀପଙ୍କର ଦତ୍ତା ଓ ଜଷ୍ଟିସ କେ ବିନୋଦ ଚନ୍ଦ୍ରନ ୨୦୧୫ରେ ଗିରଫ ହୋଇଥିବା ଜଣେ ଶ୍ରୀଲଙ୍କା ନାଗରିକଙ୍କ ଆବେଦନର ଶୁଣାଣି କରିଥିଲେ। ଏକଦା ଶ୍ରୀଲଙ୍କାରେ ସକ୍ରିୟ ରହିଥିବା ଆତଙ୍କବାଦୀ ସଂଗଠନ ଏଲଟିଟିଇ ସହ ତାଙ୍କର ସମ୍ପର୍କ ଥିବା ସନ୍ଦେହରେ ଗିରଫଦାରୀ ହୋଇଥିଲା। ୨୦୧୮ରେ ନିମ୍ନ ଅଦାଲତ ୟୁଏପିଏ ବଳରେ ତାଙ୍କୁ ୧୦ ବର୍ଷର ଜେଲ ଦଣ୍ଡରେ ଦଣ୍ଡିତ କରିଥିଲେ। ହେଲେ ୨୦୨୨ରେ ମାଡ୍ରାସ ହାଇକୋର୍ଟ ଦଣ୍ଡାଦେଶକୁ ୭ ବର୍ଷକୁ ଖସାଇ ଦେଇଥିଲେ। କିନ୍ତୁ ଦଣ୍ଡାଦେଶ ଶେଷ ହେବା ମାତ୍ରେ ତାଙ୍କୁ ତୁରନ୍ତ ଦେଶ ଛାଡ଼ି ଚାଲି ଯିବାକୁ ନିର୍ଦ୍ଦେଶ ମିଳିଥିଲା। ସେହିପରି ପ୍ରତ୍ୟର୍ପଣ ପ୍ରକ୍ରିୟା ଶେଷ ହେବା ଯାଏ ଶରଣାର୍ଥୀ କ୍ୟାମ୍ପରେ ରହିବାକୁ କହିଥିଲେ। ଆବେଦନକାରୀ ହେଉଛନ୍ତି ଜଣେ ଶ୍ରୀଲଙ୍କା ତାମିଲ। ନିଜର ଆବେଦନ ଜରିଆରେ ସେ ସୁପ୍ରିମକୋର୍ଟଙ୍କୁ କହିଥିଲେ ଯେ ଭାରତକୁ ସେ ଭିସା ନେଇ ଆସିଥିଲେ ଓ ନିଜ ଦେଶରେ ତାଙ୍କ ଜୀବନ ପ୍ରତି ବିପଦ ରହିଥିଲା। ଭାରତରେ ତାଙ୍କ ପତ୍ନୀ ଓ ପିଲାମାନେ ଥଇଥାନ ହୋଇ ରହିଛନ୍ତି। ୩ ବର୍ଷ ହେଲା ସେ ଅଟକ କେନ୍ଦ୍ରରେ ରହିଛନ୍ତି। ଏବେ ତାଙ୍କୁ ଭାରତରୁ ପ୍ରତ୍ୟର୍ପଣ ପାଇଁ ବ୍ୟବସ୍ଥା କରାଯାଉଛି। ଏହା ଆଦୌ ଠିକ ନୁହେଁ ବୋଲି ସେ କହିଥିଲେ। ଏହାର ଜବାବରେ ଜଷ୍ଟିସ ଦତ୍ତା କହିଛନ୍ତି, କ'ଣ ଭାରତ ସମଗ୍ର ବିଶ୍ୱର ଶରଣାର୍ଥୀଙ୍କ କଥା ବୁଝିବ? ଆମେ ୧୪୦ କୋଟି ଲୋକଙ୍କୁ ନେଇ ସଂଘର୍ଷ କରୁଛୁ। ଏହା ଗୋଟିଏ ଧର୍ମଶାଳା ନୁହେଁ, ଯାହା ବିଦେଶୀ ନାଗରିକଙ୍କ କଥା ବୁଝିବ। ଆବେଦନକାରୀଙ୍କ ଓକିଲ ସମ୍ବିଧାନର ଧାରା ୨୧ (ଜୀବର ସୁରକ୍ଷା ଓ ସ୍ୱତନ୍ତ୍ରତା) ଓ ବାକ ସ୍ୱାଧୀନତା ଓ ମୁକ୍ତ ବିଚରଣ ମୌଳିକ ଅଧିକାର ଦେଉଥିବା ଧାରା ୧୯ କଥା କହି ମାମଲାରେ ଯୁକ୍ତି ରଖିଥିଲେ। ଏହା ଶୁଣି ଜଷ୍ଟିସ ଦତ୍ତା କହିଥିଲେ ଆବେଦନକାରୀଙ୍କୁ ଅଟକ ରଖିବା ଧାରା ୨୧କୁ ଉଲ୍ଲଙ୍ଘନ କରୁ ନାହିଁ। କାରଣ ତାଙ୍କୁ ଆଇନ ଅନୁସାରେ ହେପାଜତକୁ ନିଆଯାଇଛି। ସେହିପରି ଧାରା ୧୯ କେବଳ ଭାରତୀୟଙ୍କ ପାଇଁ ଉପଲବ୍ଧ। କୋର୍ଟ କହିଛନ୍ତି, ଏଠାରେ ଥଇଥାନ ହେବାକୁ ଆପଣଙ୍କର କି ଅଧିକାର ରହିଛି? ଆବେଦନକାରୀଙ୍କ ଓକିଲ ଯେତେବେଳେ କହିଥିଲେ ଯେ ସେ ଜଣେ ଶରଣାର୍ଥୀ ଓ ଶ୍ରୀଲଙ୍କାରେ ତାଙ୍କ ଜୀବନ ପ୍ରତି ବିପଦ ରହିଛି ସେତେବେଳେ କୋର୍ଟ ତାଙ୍କୁ ଅନ୍ୟ କୌଣସି ଦେଶକୁ ଚାଲିଯିବାକୁ ପରାମର୍ଶ ଦେଇଥିଲେ। ଆବେଦନକାରୀ ଜଣଙ୍କ ଶ୍ରୀଲଙ୍କାର ନାଗରିକ ହୋଇଥିବା ବେଳେ ପ୍ରତ୍ୟର୍ପଣରୁ ସୁରକ୍ଷା ପାଇଁ ଆବେଦନ କରିଥିଲେ। ଶ୍ରୀଲଙ୍କାରେ ତାଙ୍କ ଜୀବନ ପ୍ରତି ବିପଦ ଥିବା ସେ ବାରମ୍ବାର କହିଥିଲେ ହେଁ ଏହାକୁ ସର୍ବୋଚ୍ଚ ଅଦାଲତ ଗ୍ରହଣ କରି ନାହାନ୍ତି।

# ୨୪ ମେ'ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଜିଲ୍ଲା ପାଇଁ ସତର୍କ ସୂଚନା



## ଘଡ଼ଘଡ଼ି ସହ ବର୍ଷା ପୂର୍ବାନୁମାନ

ଭୁବନେଶ୍ୱର, ୧୯।୫ (ଡିକେ ନ୍ୟୁଜ୍): ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଓଡ଼ିଶାର ବିଭିନ୍ନ ଜିଲ୍ଲା ପାଇଁ ଅରେଞ୍ଜ ଏବଂ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ୨୪ ମେ' ପର୍ଯ୍ୟନ୍ତ ବଜ୍ରପାତ, କୁଆପଥର ବର୍ଷା ଏବଂ ପ୍ରବଳ ପବନ ସହିତ ମଧ୍ୟମରୁ ହାଲୁକା ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ମାଲକାନଗିରି, କୋରାପୁଟ, ରାୟଗଡ଼ା ଏବଂ ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅପରାହ୍ନ/ସନ୍ଧ୍ୟା ସମୟରେ ୪୦-୫୦ କିଲୋମିଟର ପ୍ରତି ଘଣ୍ଟା ପବନ ବେଗରେ ପବନ ବହିବା ସହିତ ବଜ୍ରପାତ ସହିତ ବର୍ଷା ହେବାର ସମ୍ଭାବନା ଅଧିକ ରହିଛି। ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ସମ୍ବଲପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅପରାହ୍ନ/ସନ୍ଧ୍ୟା ସମୟରେ ଘଡ଼ଘଡ଼ି ସହିତ ଝଡ଼ବର୍ଷା ହୋଇପାରେ ଏବଂ ପବନର ବେଗ ଘଣ୍ଟାପ୍ରତି ୩୦-୪୦ କିମିରୁ ୫୦ କିମି ପର୍ଯ୍ୟନ୍ତ ପହଞ୍ଚିପାରେ। ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଏହା ବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗରମ ଏବଂ ଆର୍ଦ୍ର ଅବସ୍ଥା ଅଧିକ ହେବାର ସମ୍ଭାବନା ରହିଛି। ବୁଧବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅପରାହ୍ନ/ସନ୍ଧ୍ୟା ସମୟରେ ଘଡ଼ଘଡ଼ି ସହିତ ବଜ୍ରପାତ ଏବଂ ଘଣ୍ଟାପ୍ରତି ୪୦-୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗରମ ଏବଂ ଆର୍ଦ୍ର ପରିସ୍ଥିତି ରହିବାର ସମ୍ଭାବନା ଅଧିକ। ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୨ ମେ'ରେ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର ଏବଂ ନବରଙ୍ଗପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅପରାହ୍ନ/ସନ୍ଧ୍ୟା ସମୟରେ ୪୦-୫୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ପବନ ବହିବା ସହିତ ବଜ୍ରପାତ ସହିତ ବର୍ଷା ହେବାର ସମ୍ଭାବନା ଅଧିକ। ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ ଏବଂ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅପରାହ୍ନ/ସନ୍ଧ୍ୟା ସମୟରେ ଘଣ୍ଟାପ୍ରତି ୩୦-୪୦ କିଲୋମିଟର • ପୃଷ୍ଠା ୭ ଦେଖନ୍ତୁ...




## ଓଡ଼ିଶା ପାଲଟୁଛି ଅକ୍ଷୟ ଶକ୍ତି ବିନିର୍ମାଣ ହବ୍

# ମେକ୍ ଇନ୍ ଓଡ଼ିଶାରେ ମିଳିଛି ୪.୪ ଲକ୍ଷ କୋଟିର ନିବେଶ ପ୍ରସ୍ତାବ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ରାଜ୍ୟକୁ ଅକ୍ଷୟ ଶକ୍ତି ବିନିର୍ମାଣ ହବ୍ ଭାବେ ବିକଶିତ କରିବା ଦିଗରେ ରାଜ୍ୟରେ ବିଭିନ୍ନ ଯୋଜନା ଏବେ ପ୍ରଣୟନ ହେଉଛି। ରାଜ୍ୟରେ ସୋଲାର ଫଟୋଭୋଲଟିକ ସେଲ୍, ଇଲେକ୍ଟ୍ରୋଲାଇଜର, ବ୍ୟାଟେରୀ ଷ୍ଟୋରେଜ ସିଷ୍ଟମ ଭଳି କ୍ଷେତ୍ରରେ ନିବେଶ ଲାଗି କମ୍ପାନୀ ଏବେ ଆଗଭର ହେଉଛନ୍ତି। ଓଡ଼ିଶାକୁ ଅକ୍ଷୟ ଶକ୍ତି ଯନ୍ତ୍ରାଂଶ ଉତ୍ପାଦନରେ ଟପ୍ ୧୦ ରାଜ୍ୟରେ ସାମିଲ କରାଇବା ଲକ୍ଷ୍ୟ। ମେକ୍ ଇନ୍ ଓଡ଼ିଶାରେ ଅକ୍ଷୟ ଶକ୍ତି କ୍ଷେତ୍ର ୪.୪ ଲକ୍ଷ କୋଟିର ନିବେଶ ପ୍ରସ୍ତାବ ପାଇଛି। ଏହା ରାଜ୍ୟକୁ ଅକ୍ଷୟ ଶକ୍ତି ବିନିର୍ମାଣ ହବ୍ ଭାବେ ବିକଶିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶିଳ୍ପ ବିଭାଗ ପକ୍ଷରୁ ଆଶା କରାଯାଇଛି। ଶିଳ୍ପ ବିଭାଗ ସୂଚନା ମୁତାବକ ଶିଳ୍ପ କ୍ଷେତ୍ରରେ ୨୫% ଅକ୍ଷୟ ଶକ୍ତି ବ୍ୟବହାର ଯୋଜନା ମଧ୍ୟ ରହିଛି। ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତି କ୍ଷେତ୍ରରେ ନିଯୁକ୍ତିକୁ ୧.୫ ଗୁଣ ବଢ଼ାଇବେ ରାଜ୍ୟ ସରକାର। ବାର୍ଷିକ ୩ରୁ ୫ ନିୟୁତ ଟନ୍ ଗ୍ରୀନ ହାଇଡ୍ରୋଜେନ ଉତ୍ପାଦନ




ଦିଗରେ ରାଜ୍ୟ ଅଗ୍ରସର ହେଉଛି। ଏହା ଦ୍ୱାରା ପୂର୍ବ ଏବଂ ଦକ୍ଷିଣ ଭାରତରେ ଗ୍ରୀନ ଇଣ୍ଡଷ୍ଟ୍ରିଆଲ କରିଡର ନିର୍ମାଣରେ ସହାୟକ ହେବ। ରାଜ୍ୟ ଏବେ ଗ୍ରୀଡ୍ ଗୁଡ଼ିକର ଆଧୁନିକୀକରଣ, ଗ୍ରୀନ ହାଇଡ୍ରୋଜେନ ଯାନ ଚଳାଚଳ, ଏନର୍ଜି ଷ୍ଟୋରେଜ, ହାଇଡ୍ରୋଜେନ କ୍ଷେତ୍ରରେ ଗବେଷଣା ପ୍ରତିଷ୍ଠାନ, ହାଇଡ୍ରୋଜେନ ଟେଷ୍ଟିଂ ଲ୍ୟାବ ଏବଂ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଦ୍ୱାରା ନବସୃଜନ ଏବଂ ଟେକ୍ନୋଲୋଜି କ୍ଷମତାକୁ ବଢ଼ାଇବାକୁ ଯୋଜନା ରଖିଛନ୍ତି। ସେହିଭଳି ଉପଯୁକ୍ତ ଭୂମିର ଉପଲବ୍ଧତା ଅଭାବକୁ ନଜରରେ ରଖି ବଡ଼ ଜଳାଶୟ ଗୁଡ଼ିକରେ ଭାସମାନ ସୋଲାର ପିଭି ପ୍ରକଳ୍ପ ଉପରେ ମଧ୍ୟ ରାଜ୍ୟ ଫୋକସ କରୁଛି। ଏ କ୍ଷେତ୍ରରେ ଅକ୍ଷୟ ଶକ୍ତି ଜମି ଲିଜ୍ ନୀତି ଉପରେ କାମ ହେଉଛି। ଏହା ଦ୍ୱାରା ପତିତ ଜମି ଗୁଡ଼ିକୁ ସୌର ପ୍ରକଳ୍ପ ଲାଗି ବ୍ୟବହାର କରାଯାଇପାରିବ। ବିକଶିତ ଭାରତ ୨୦୪୭କୁ ନଜରରେ ରଖି ରାଜ୍ୟ ବିଜୁଳି ରପ୍ତାନୀ ଭାବେ ଉଭା ହେବାକୁ ଲକ୍ଷ୍ୟ ରଖିଛି। ରାଜ୍ୟ ସରକାରଙ୍କ ଯୋଜନା ଏବଂ ପିଏମ୍ କୁସୁମ ଦ୍ୱାରା କୃଷି କ୍ଷେତ୍ରରେ ୫୦% ଅକ୍ଷୟ ଶକ୍ତି ବ୍ୟବହାର ଯୋଜନା ରହିଛି। ଶକ୍ତି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ନୂଆ ଅକ୍ଷୟ ଶକ୍ତି ନୀତି ଦ୍ୱାରା ନିବେଶ, ଶିଳ୍ପ ସହ ଗୋଷ୍ଠୀ ବିକାଶ ଭଳି ଦିଗକୁ ପ୍ରାଥମିକତା ଦିଆଯାଇଛି। ପ୍ରକଳ୍ପ ଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ, ଅକ୍ଷୟ ଶକ୍ତିକୁ ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବା ଏବଂ ଭବିଷ୍ୟପନ୍ଥୀ ଗ୍ରୀଡ ଭଳି ବିକାଶ ଉପରେ ବିସ୍ତୃତ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଦେଶର ନେଟ୍ ଜିରୋ ଲକ୍ଷ୍ୟ ଦିଗରେ ଓଡ଼ିଶା ଏକ ମଡେଲ ରାଜ୍ୟ ହେବା ଦିଗରେ ଅଗ୍ରସର। ମେକ୍ ଇନ୍ ଓଡ଼ିଶାରେ ମିଳିଥିବା ୪.୪୦ ଲକ୍ଷ କୋଟିର ଅକ୍ଷୟ ଶକ୍ତି ନିବେଶ ପ୍ରସ୍ତାବ ମଧ୍ୟରେ ୨.୦୬ ଲକ୍ଷ କୋଟିର ୩୫ ଗିଗାୱାଟ୍ ପମ୍ପଡ ଷ୍ଟୋରେଜ ପ୍ରକଳ୍ପ, ୧.୧୦ ଲକ୍ଷ କୋଟି ଟଙ୍କାର ୨୧ ଗିଗାୱାଟର ସୋଲାର ପ୍ରକଳ୍ପ ରହିଛି। ରାଜ୍ୟ ଅକ୍ଷୟ ଶକ୍ତି ନୀତି ୨୦୨୨ ଲାଗୁ ହେବା ପରେ ୧୨,୩୧୮ କୋଟିର ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ରାଜ୍ୟ ୨୦୩୦ ସୁଦ୍ଧା ୧୦.୯୬ ଗିଗାୱାଟ ଅକ୍ଷୟ ଶକ୍ତି କ୍ଷମତା ଯୋଡିବାକୁ ଲକ୍ଷ୍ୟ ରଖିଛି। ଏଥିରେ ୭.୫ ଗିଗାୱାଟ ସୋଲାର ଏବଂ ୨ ଗିଗାୱାଟ ପବନ ଶକ୍ତି କ୍ଷମତା ସାମିଲ ରହିବ।

# ରାଉରକେଲାରେ ହେଉ ସେଲ୍ ଖଣି ମୁଖ୍ୟାଳୟ
## ସେଲ୍ ସୃଷ୍ଟି କରିବ ନିଜସ୍ୱ ଖଣି ବିଭାଗ




**ରାଉରକେଲା,(ଡିକେ ନ୍ୟୁଜ୍):** ଇସ୍ପାତ ମନ୍ତ୍ରାଳୟ ଅଧୀନ ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ (ସେଲ୍) ପକ୍ଷରୁ ନୂତନ ଭାବେ ଖଣି ବିଭାଗ ସ୍ଥାପନ କରାଯିବ। ସେଲ୍ ଅଧୀନରେ ଥିବା ବିଭିନ୍ନ ଖଣିର ଉତ୍ପାଦନ ବୃଦ୍ଧି, ସୁପରିଚାଳନା ଓ ଆଧୁନିକୀକରଣ ପାଇଁ ନିର୍ଦ୍ଦେଶକ (ଖଣି ଓ ଲଜିଷ୍ଟିକ) ପଦବି ସୃଷ୍ଟି କରାଯିବ। ଏହି ପଦବି ସୃଷ୍ଟି ହେବା ପର୍ଯ୍ୟନ୍ତ ବୈଷୟିକ, କଞ୍ଚାମାଲ ଓ ପ୍ରକଳ୍ପ ବିଭାଗ ନିର୍ଦ୍ଦେଶକ ଏହି ବିଭାଗର ନେତୃତ୍ୱ ନେବେ। ଏନେଇ ଗତ ୧୫ ତାରିଖରେ ଇସ୍ପାତ ମନ୍ତ୍ରାଳୟର ସେଲ୍ ଡିଭିଜନ୍‌ର ନିର୍ଦ୍ଦେଶକ ସେଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୂତନ ପଦବି ସୃଷ୍ଟି ନେଇ ବିଭାଗୀୟ ପ୍ରକ୍ରିୟା ଆରମ୍ଭ ହେବାପରେ ରାଉରକେଲାରେ ଏହାର ମୁଖ୍ୟାଳୟ ସ୍ଥାପନ ପାଇଁ ଦାବି ଆରମ୍ଭ ହୋଇଯାଇଛି। ବାସ୍ତବରେ ସେଲ୍ ଖଣି ଓ ଲଜିଷ୍ଟିକ୍ ବିଭାଗର ମୁଖ୍ୟାଳୟ ସ୍ଥାପନ କରିବାକୁ ରାଉରକେଲା ହେଉଛି ପ୍ରକୃଷ୍ଟ ସ୍ଥାନ। ପୂର୍ବରୁ ସେଲ୍ ପରିଚାଳିତ ଇସ୍ପାତ କାରଖାନାର ସମସ୍ତ ଖଣି ଓ କୋଲିୟାରି ଆଦି କାର୍ଯ୍ୟ କୋଲକାତାସ୍ଥ କଞ୍ଚାମାଲ ଡିଭିଜନ (ଆର୍‌ଏମଡ଼ି)ରେ ସମ୍ପାଦିତ ହେଉଥିଲା। କୋଲକାତା କାମା ଷ୍ଟ୍ରିଟ୍‌ରେ ଥିବା ଏହି କାର୍ଯ୍ୟାଳୟର ପରିଚାଳନା ତଥା ଆନୁସଙ୍ଗିକ ଖର୍ଚ୍ଚ ପରିମାଣ ମାତ୍ରାଧିକ ଥିଲା। ଏଣୁ ୨୦୨୧ ଜୁଲାଇ ୩୧ ତାରିଖରେ ଏହି ଖଣି ମୁଖ୍ୟାଳୟକୁ ବିଭାଜନ କରି ବିଭିନ୍ନ ଗ୍ରୁପ ଅଫ୍ ମାଇନ୍ସ ଅଧୀନରେ ରଖାଗଲା। ଏହି କ୍ରମରେ ରାଉରକେଲା ଇସ୍ପାତ କାରଖାନା ଅଧୀନରେ ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ରହିଥିବାବେଳେ ଭିଲାଇ ଇସ୍ପାତ କାରଖାନା ଅଧୀନରେ ଛତିଶଗଡ଼ ଗ୍ରୁପ୍ ଅଫ୍ ମାଇନ୍ସ ଓ ବୋକାରୋ ଇସ୍ପାତ କାରଖାନା ଅଧୀନରେ ଝାଡ଼ଖଣ୍ଡ ଗ୍ରୁପ୍ ଅଫ୍ ମାଇନ୍ସ ରହିଥିଲା। ଏହାସହ ସେଲ୍ ଅଧୀନରେ ଥିବା ୩ଟି କୋଲିୟାରି ପାଇଁ କାର୍ଯ୍ୟାଳୟ କାର୍ଯ୍ୟକ୍ଷମୟ ସଂପ୍ରତି, ସେଲ୍ ଖର୍ଚ୍ଚ ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେଉଥିବା ବେଳେ ଏହି ଖଣି ମୁଖ୍ୟାଳୟର କାର୍ଯ୍ୟାଳୟ ପ୍ରତିଷ୍ଠା ପୂର୍ବରୁ ଏସବୁ ଦିଗକୁ ଦୃଷ୍ଟି ଦେବା ଆବଶ୍ୟକୟ ରାଉରକେଲାରେ ଉପଲବ୍ଧ ଭିତ୍ତିଭୂମିକୁ ତର୍ଜମା କଲେ। ଏଠାରେ ଖଣି ମୁଖ୍ୟାଳୟ ସ୍ଥାପନ ହିଁ ଏକମାତ୍ର ବିକଳ୍ପ ଭାବେ ଉଭା ହୁଏ। ଆର୍‌ଏସ୍‌ପିର ଏକାଧିକ ବିଲ୍ଡିଂ, କାର୍ଯ୍ୟାଳୟ ତଥା କର୍ମଚାରୀ/ଅଧିକାରୀଙ୍କ ପାଇଁ ସହସ୍ରାଧିକ ବାସଗୃହ ଫାଙ୍କା ପଡ଼ିଛି। ରାଉରକେଲାରୁ ସମସ୍ତ ବଡ଼ ବଡ଼ ସହରକୁ ରେଳ ଓ ବିମାନ ଯୋଗାଯୋଗ ରହିଛି। କଞ୍ଚାମାଲ ଡିଭିଜନର ମୁଖ୍ୟାଳୟ ରାଉରକେଲାରେ ପ୍ରତିଷ୍ଠା ହେଲେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଓ ରାଜ୍ୟ ରାଜସ୍ୱ ବୃଦ୍ଧି ପାଇବ।

# ଭାରତୀୟ ଆମ୍ବକୁ ଆମେରିକାର ପ୍ରତ୍ୟାଖ୍ୟାନ




**ନୂଆଦିଲ୍ଲୀ,(ହି.ସ):** ଆମେରିକା ଭାରତୀୟ ରପ୍ତାନୀକାରୀଙ୍କୁ ଝଟ୍‌କା ଦେବା ଭଳି କାର୍ଯ୍ୟ କରିଛି। ଭାରତରୁ ଲସ୍‌ଏଞ୍ଜେଲ୍ସ, ସାନ୍ ଫ୍ରାନ୍ସିସ୍କୋ ଓ ଆଟଲାଣ୍ଟା ବିମାନବନ୍ଦରରେ ୧୫ କଣ୍ଟେନରରେ ପହଞ୍ଚିବା ଆମ୍ବକୁ କାଗଜପତ୍ରରେ ତ୍ରୁଟି ଥିବା ଦର୍ଶାଇ ଆମେରିକୀୟ କର୍ତ୍ତୃପକ୍ଷ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଏଥିଯୋଗୁ ଭାରତୀୟ ବ୍ୟବସାୟୀମାନଙ୍କୁ ୫ ଲକ୍ଷ ଡଲାର (ପ୍ରାୟ ୪ କୋଟି ୨୮ ଲକ୍ଷ ଟଙ୍କା)ର କ୍ଷତି ସହିବାକୁ ପଡ଼ିଛି। ଇକୋନୋମିକ୍ ଟାଇମ୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଭାରତରୁ ଏୟାର ଗାର୍ଗୋ ଯୋଗେ ୧୫ ଶିପ୍‌ମେଣ୍ଟରେ ଆମ୍ବ ପଠାଯାଇଥିଲା। ମୁମ୍ବାଇରୁ ରପ୍ତାନୀ ପୂର୍ବରୁ ମେ' ୮ ଓ ୯ ତାରିଖରେ ନଭି ମୁମ୍ବାଇରେ ଥିବା ୟୁନାଇଟେଡ୍ ଷ୍ଟେଟ୍ସ ଡିପାର୍ଟମେଣ୍ଟ ଅଫ୍ ଏଗ୍ରିକଲ୍‌ଚର (ୟୁଏସଡିଏ) ପ୍ରତିନିଧିଙ୍କ ତତ୍ତ୍ୱାବଧାନରେ ଆମ୍ବଗୁଡ଼ିକୁ ରେଡିଏଶନ୍ ଟ୍ରିଟ୍‌ମେଣ୍ଟ ପ୍ରକ୍ରିୟା ଜରିଆରେ ଯାଞ୍ଚ କରାଯାଇଥିଲା। ପିପିକ୍ୟୁ ୨୦୩ ଫର୍ମର ଆବଶ୍ୟକତା ଅନୁସାରେ ଉକ୍ତ ପ୍ରକ୍ରିୟାରେ ଆମ୍ବରେ କୀଟାଣୁନାଶ କରି ଏହାକୁ ଅଧିକ ସମୟ ସତେଜ ରଖିବା ସକାଶେ ବିକିରଣର ନିୟନ୍ତ୍ରିତ ଡୋଜ୍ ଦିଆଯାଇଥାଏ। ଆମେରିକାକୁ କୌଣସି ଫଳ ରପ୍ତାନୀ କରିବାକୁ ହେଲେ ଏହି ପ୍ରକ୍ରିୟା ଆପଣାଇବା ବାଧ୍ୟତାମୂଳକ କରାଯାଇଛି। ଏହା କରାଯିବା ସତ୍ତ୍ୱେ ଆମେରିକୀୟ ଅଧିକାରୀମାନେ ପିପିକ୍ୟୁ ୨୦୩ ଫର୍ମରେ ତ୍ରୁଟି ଥିବା ଦର୍ଶାଇ କଣ୍ଟେନରଗୁଡ଼ିକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ। ରପ୍ତାନୀକାରୀଙ୍କୁ ଦୁଇଟି ବିକଳ୍ପ ଦିଆଯାଇଥିଲା-ଆମ୍ବଗୁଡ଼ିକୁ ନଷ୍ଟ କରିଦିଅ କିମ୍ବା ଭାରତକୁ ଫେରାଇ ନିଅ। ତେବେ ଭାରତକୁ ଆମ୍ବ ଫେରାଇ ଆଣିବା ବ୍ୟୟବହୁଳ ହୋଇଥିବାରୁ ରପ୍ତାନୀକାରୀମାନେ ସେଗୁଡ଼ିକୁ ନଷ୍ଟ କରିବାକୁ ବାଧ୍ୟ ହୋଇଛନ୍ତି। ଏହି ଘଟଣା ଭାରତୀୟ ବ୍ୟବସାୟୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଥିସହ ଅନ୍ତର୍ଜାତୀୟ ବଜାରର ମାନକ ପୂରଣ ଦିଗରେ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ବାର୍ତ୍ତା ଦେଇଛି। ଅନେକ ଭାରତୀୟ ବ୍ୟବସାୟିକ ସଂସ୍ଥା ଭବିଷ୍ୟତରେ ଏପରି କ୍ଷତି ଏଡ଼ାଇବା ପାଇଁ ବର୍ତ୍ତମାନ ନିୟାମକ କର୍ତ୍ତୃପକ୍ଷମାନଙ୍କ ମଧ୍ୟରେ ଉନ୍ନତ ସମନ୍ୱୟ ରକ୍ଷା ଦାବି କରିଛନ୍ତି। ବିଶ୍ୱରେ ଭାରତୀୟ ଆମ୍ବର ଚାହିଦା ରହିଥିବାବେଳେ ଆମେରିକାର ଏପରି ପ୍ରତ୍ୟାଖ୍ୟାନ ଯୋଗୁ ବ୍ୟବସାୟୀମାନଙ୍କୁ ଝଟ୍‌କା ଲାଗିଛି। ଆଗାମୀ ଋତୁରେ ଏପରି ସମସ୍ୟା ଏଡ଼ାଇବା ଲାଗି ସେମାନେ ଆହୁରି ଅଧିକ ପ୍ରସ୍ତୁତ ହେବେ ବୋଲି କହିଛନ୍ତି। ଅନ୍ୟ ଜଣେ ବ୍ୟବସାୟୀ ଏହାଦ୍ୱାରା ଆମେରିକା ସହ ଭାରତର ବାଣିଜ୍ୟିକ ସମ୍ପର୍କ ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି।

# ବାଂଲାଦେଶରୁ ଆସୁଥିବା ୪୨% ଉତ୍ପାଦ ଉପରେ ରୋକ୍ ଲଗାଇଲା ଭାରତ

**ନୂଆଦିଲ୍ଲୀ,(ହି.ସ):** ଭାରତ ବାଂଲାଦେଶରୁ ଆସୁଥିବା ୪୨% ସାମଗ୍ରୀକୁ ନିଷେଧ କରିଛି। ଏହା ପ୍ରାୟ ୭୭୦ ନିୟୁତ ଡଲାର (ପ୍ରାୟ ୬୬ ହଜାର କୋଟି ଟଙ୍କା) ମୂଲ୍ୟର ସାମଗ୍ରୀ କାରବାରକୁ ପ୍ରଭାବିତ କରିବ। ଏହାର ଅର୍ଥ ହେଉଛି ଯେ ଭାରତ ଏବେ ବାଂଲାଦେଶରୁ କିଛି ଜିନିଷ କମ୍ ପରିମାଣରେ କିଣିବ। ଏହି ନିୟମଗୁଡ଼ିକ ସ୍ଥଳପଥ ଦେଇ ବାଣିଜ୍ୟ ପାଇଁ ପ୍ରଯୁଜ୍ୟ ହେବ। ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ନୂତନ ନିୟମ ଅନୁଯାୟୀ, ବାଂଲାଦେଶରୁ ଆସୁଥିବା ପ୍ରସ୍ତୁତ ପୋଷାକ, ପ୍ରକ୍ରିୟାକୃତ ଖାଦ୍ୟ ଏବଂ ପ୍ଲାଷ୍ଟିକ୍ ସାମଗ୍ରୀ ଭଳି କିଛି ଜିନିଷ ଏବେ କେବଳ କିଛି ସମୁଦ୍ର ବନ୍ଦର ଦେଇ ଭାରତରେ ପ୍ରବେଶ କରିପାରିବ। ସ୍ଥଳପଥରୁ କିଛି ଜିନିଷ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଉଦାହରଣ ସ୍ୱରୂପ, ପ୍ରତିବର୍ଷ ବାଂଲାଦେଶରୁ ପ୍ରାୟ ୬୧୮ ନିୟୁତ ଡଲାର ମୂଲ୍ୟର ରେଡିମେଡ୍



ପୋଷାକ ଭାରତକୁ ଆସିଥାଏ। ଏବେ ଏହି ପୋଷାକଗୁଡ଼ିକ କେବଳ କଲକାତା ଏବଂ ନଭା ଶେଭା ବନ୍ଦରରୁ ଆସିପାରିବ। ପୂର୍ବରୁ ଏହି ପୋଷାକଗୁଡ଼ିକ ସ୍ଥଳପଥ ଦେଇ ମଧ୍ୟ ଆସୁଥିଲା, ଯାହାକୁ ଏବେ ବନ୍ଦ କରିଦିଆଯାଇଛି। ଭାରତର ଏହି ପଦକ୍ଷେପ ବାଂଲାଦେଶର ଅର୍ଥନୀତି ଉପରେ ଖରାପ ପ୍ରଭାବ ପକାଇବ। ସବୁଠାରୁ ଅଧିକ ପ୍ରଭାବ କପଡ଼ା ରପ୍ତାନି ଉପରେ ପଡ଼ିବ। ଯଦି ଭାରତ ଏହିପରି କଠୋର ଆଚରଣ ଜାରି ରଖେ, ତେବେ ବାଂଲାଦେଶ ମଧ୍ୟ ପାକିସ୍ତାନ ପରି ତଳକୁ ଖସିଯିବ। ଜିଟିଆର୍‌ଆଇ ରିପୋର୍ଟରେ କୁହାଯାଇଛି ଯେ ଭାରତ ଏହି ପଦକ୍ଷେପ ଏକା ନେଇନାହିଁ। ଭାରତୀୟ ସାମଗ୍ରୀ ଉପରେ ବାଂଲାଦେଶ ଦ୍ୱାରା ଲଗାଯାଇଥିବା ବାଣିଜ୍ୟ ପ୍ରତିବନ୍ଧକ ଏବଂ ଚୀନ୍ ସହିତ ବଢୁଥିବା ବନ୍ଧୁତାକୁ ଦୃଷ୍ଟିରେ ରଖି ଭାରତ ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି।




# ପାକିସ୍ତାନ ଗୁଇନ୍ଦା ସଂସ୍ଥା ପାଇଁ କାମ କରୁଥିବା ୟୁପି ଯୁବକ ଗିରଫ

**ନୂଆଦିଲ୍ଲୀ,(ହି.ସ):** ପାକିସ୍ତାନକୁ ତଥ୍ୟ ଯୋଗାଉଥିବା ଅଭିଯୋଗରେ ଆଉ ଜଣେ ଭାରତୀୟ ବ୍ୟକ୍ତି ଗିରଫ ହୋଇଛନ୍ତି। ପାକିସ୍ତାନର ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ପାଇଁ ଗୁପ୍ତଚର କାର୍ଯ୍ୟରେ ସମ୍ପୃକ୍ତ ଥିବା ଜଣେ ବ୍ୟକ୍ତିଙ୍କୁ ଉତ୍ତର ପ୍ରଦେଶ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଗିରଫ କରିଥିବା ସୂଚନା ରହିଛି। ରାମପୁର ଜିଲ୍ଲାର ବାସିନ୍ଦା ଅଭିଯୁକ୍ତ ଜଣକ ଶେହଜାଦ୍ ଭାବେ ପରିଚିତ। ତାଙ୍କୁ ଶନିବାର ମୋରାଦାବାଦରୁ ହେପାଜତକୁ ନିଆଯାଇଛି



ବୋଲି ଅଧିକାରୀମାନେ କହିଛନ୍ତି। ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ପାଇଁ ଗୁପ୍ତଚର କାର୍ଯ୍ୟ କରୁଥିବା ଅଭିଯୋଗରେ ଦେଶବ୍ୟାପୀ କାର୍ଯ୍ୟାନୁଷ୍ଠାନ ମଧ୍ୟରେ ଶେହଜାଦଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ପୂର୍ବରୁ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର୍ ଏବଂ ୟୁଟ୍ୟୁବର୍ସ ସମେତ ଅନେକ ଲୋକଙ୍କୁ ଗିରଫ କରାଯାଇଛି। ଏଟିଏସ୍ ଦ୍ୱାରା ଜାରି ଏକ ପ୍ରେସ୍ ରିଲିଜ୍ ଅନୁଯାୟୀ, ଇସଲାମାବାଦର ଗୁଇନ୍ଦା ସଂସ୍ଥା ସହ ଶେହଜାଦଙ୍କ ସମ୍ପୃକ୍ତି ରହିଛି। ଭାରତ-ପାକିସ୍ତାନ ସୀମା ଦେଇ ଚୋରା ଚାଲାଣରେ ଶେହଜାଦଙ୍କ ହାତ ରହୁଥିଲା। ବିଶ୍ୱସ୍ତ ଗୁଇନ୍ଦା ସୂଚନା ପରେ ତାଙ୍କ ଉପରେ ନଜର ରଖାଯାଇଥିଲା। ଏବେ ତାଙ୍କ ବିରୋଧରେ ପ୍ରମାଣ ବି ମିଳିଛି। ତଦନ୍ତରୁ ଜଣାପଡିଛି ଯେ ସେ ବହୁବାର ପାକିସ୍ତାନ ଯାତ୍ରା କରିଥିଲେ ଏବଂ ପ୍ରସାଧନ ସାମଗ୍ରୀ, ପୋଷାକ, ମସଲା ଏବଂ ଅନ୍ୟାନ୍ୟ ସାମଗ୍ରୀର ଅବୈଧ ସୀମାପାର ବାଣିଜ୍ୟରେ ଲିପ୍ତ ଥିଲେ।

# ଦେଶର ସର୍ବବୃହତ୍ ଫ୍ରେଞ୍ଚ ଫ୍ରାଇଜ କାରଖାନା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ଉଦ୍‌ଘାଟିତ

**ନୂଆଦିଲ୍ଲୀ,(ହି.ସ):** ଓଡ଼ିଶାର ଅଗ୍ରଣୀ ବ୍ୟବସାୟ ପ୍ରତିଷ୍ଠାନ ଫାଲକନ ଗ୍ରୁପ ପକ୍ଷରୁ ଫାଲକନ ଏଗ୍ରିଫ୍ରିଜ ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ ଜରିଆରେ ଗୁଜରାଟର ମେହସାନାରେ ନୂଆ ଫ୍ରୋଜେନ ପଟାଟୋ କାରଖାନା ସ୍ଥାପନ କରାଯାଇଛି। ତାହା ହେଉଛି ଦେଶର ସର୍ବବୃହତ ଫ୍ରେଞ୍ଚ ଫ୍ରାଇଜ କାରଖାନା। ଯେଉଁଥିରେ ୩୫୦ ମିଟରର ବୃହତ୍ ଉତ୍ପାଦନ ଲାଇନ୍ ରହିଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହାକୁ ଉଦଘାଟନ କରିଛନ୍ତି। ଦୁଇ ବର୍ଷ ମଧ୍ୟରେ ସ୍ଥାପନ କରାଯାଇଥିବା ଏହି କାରଖାନାର ଉତ୍ପାଦନ କ୍ଷମତା ଘଣ୍ଟା ପିଛା ୧୫ ଟନ୍ ଫ୍ରେଞ୍ଚ ଫ୍ରାଇଜ ଓ ୩.୫ ଟନର ଆଳୁରୁ ପ୍ରସ୍ତୁତ ସ୍ୱତନ୍ତ୍ର ଉତ୍ପାଦ ରହିଛି। ସ୍ଥାୟିତ୍ୱକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଥିବା ଏହି କାରଖାନାର ୬୫୦ କୋଟି ଟଙ୍କାରୁ ଅଧିକ ନିବେଶ ହୋଇଛି। ଗୁଜରାଟରେ ୧୦୫୦ କୋଟି ଟଙ୍କା ନିବେଶ କରିବାକୁ ଫାଲକନ ଗ୍ରୁପ ପକ୍ଷରୁ ଗୁଜରାଟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା। ଏହି କାରଖାନା ଦେଶର ଓ ଅନ୍ତର୍ଜାତୀୟ ବଜାରର ଆବଶ୍ୟକତା ପୂରଣ କରିବ। ପଞ୍ଜାବ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ହରିୟାଣା, ଲେହ, ଲଦାଖରେ ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ବିହନ ପ୍ରସ୍ତୁତ କରି ସେଗୁଡିକୁ ଗୁଜରାଟ ପଠାଯାଉଛି। ସେଠାରେ ୪୦୦୦ରୁ ଅଧିକ ଚାଷୀଙ୍କୁ ନେଇ କଣ୍ଟ୍ରାକ୍ଟ ଫାର୍ମିଂ ଅଧୀନରେ ଚାଷ କରାଯାଉଛି। ଏହି ଅବସରରେ ଫାଲକନ୍ ଗ୍ରୁପ୍ ଅଧ୍ୟକ୍ଷ ତାରା ରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ଭାରତର କୃଷି କ୍ଷେତ୍ରରେ ଗୁଜରାଟ ସର୍ବଦା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଫାଲକନ୍ ପାଇଁ ଏହା ଏକ ସ୍ୱାଭାବିକ ବିକଳ୍ପ ଥିଲା। ରାଜ୍ୟର ପ୍ରଚୁର ଆଳୁ ଉତ୍ପାଦନ, ଦୃଢ଼ କୃଷି ସମ୍ପ୍ରଦାୟ ଏବଂ ବ୍ୟବସାୟ ଅନୁକୂଳ ଜଳବାୟୁ ଏହାକୁ ଆମର ପ୍ରମୁଖ ଫ୍ୟାସିଲିଟି କାରଖାନା ନିର୍ମାଣ କରିବା ପାଇଁ ଉପଯୁକ୍ତ ସ୍ଥାନ କରିଥିଲ। ଆମେ ଖାଦ୍ୟ ପ୍ରକ୍ରିୟାକରଣରେ ଫାଲକନକୁ ବିଶ୍ୱସ୍ତରରେ ଅଗ୍ରଣୀ କରିବାକୁ ଲକ୍ଷ୍ୟ ରଖିଛୁ। ଫାଲକନ୍ ଗ୍ରୁପର ଉପାଧ୍ୟକ୍ଷ ପାର୍ଥଜିତ ପଟ୍ଟନାୟକ କହିଛନ୍ତି ଯେ ବିଭିନ୍ନ କ୍ଷେତ୍ର, ସ୍ଥାନ ଏବଂ ପିଢ଼ି ମଧ୍ୟରେ ଫାଲକନର ଯାତ୍ରା ସର୍ବଦା ସମ୍ଭାବନାକୁ ବାସ୍ତବତାରେ ପରିଣତ କରିବା ବିଷୟରେ ରହିଆସିଛି। ଏହି କାରଖାନା ବିଶ୍ୱସ୍ତରୀୟ ପ୍ରତିଯୋଗୀ ତଥା ଭାରତ ଦ୍ୱାରା ନେତୃତ୍ୱାଧୀନ ଉଦ୍ୟୋଗ ଗଠନ ପ୍ରତି ଆମର ପ୍ରତିବଦ୍ଧତାରେ ଏକ ସାହସିକ ପଦକ୍ଷେପ। ଆମେ ଆମ କୃଷକମାନଙ୍କ ସାମର୍ଥ୍ୟ, ପ୍ରଯୁକ୍ତିବିଦ୍ୟାର ଶକ୍ତି ଏବଂ ଏକ ନୂତନ ଭାରତର ଦୃଷ୍ଟିକୋଣକୁ ଉପଯୋଗ କରି ଖାଦ୍ୟ ପ୍ରକ୍ରିୟାକରଣର




ଭବିଷ୍ୟତକୁ ଆକାର ଦେଉଛୁ ବୋଲି ସେ କହିଛନ୍ତି। ଫାଲକନ୍ ଏଗ୍ରିଫ୍ରିଜ୍‌ର ନିର୍ଦ୍ଦେଶକ ଏବଂ ସିଇଓ ମନୀଷ ତିବ୍ରେୱାଲ୍ କହିଛନ୍ତି ଯେ ଏହି ପ୍ରକଳ୍ପ ଭାରତର ଖାଦ୍ୟ ପ୍ରକ୍ରିୟାକରଣ ନେତୃତ୍ୱ ଆଡ଼କୁ ଏକ ନିର୍ଣ୍ଣାୟକ ପଦକ୍ଷେପ। ଦକ୍ଷ କୃଷିବିଜ୍ଞାନୀମାନଙ୍କ ଦ୍ୱାରା ସମର୍ଥିତ ଆମର ଉତ୍ସର୍ଗୀକୃତ ବିହନ କାର୍ଯ୍ୟକ୍ରମ, ମୂଳରୁ ଶେଷ ପର୍ଯ୍ୟନ୍ତ ନିରୀକ୍ଷଣ ଏବଂ ସ୍ଥିର ଗୁଣବତ୍ତା ସୁନିଶ୍ଚିତ କରୁଛି। ବିଶ୍ୱସ୍ତରୀୟ ସ୍ୱୟଂଚାଳିତକରଣ ଏବଂ କୃଷକ ପ୍ରଥମେ ପଦ୍ଧତି ସହିତ ଆମେ ଭାରତ ବିଶ୍ୱକୁ କ'ଣ ପ୍ରଦାନ କରିପାରିବ ତାହା ପୁନଃକଳ୍ପନା କରୁଛୁ। ଏହା କେବଳ ଏକ ଯାତ୍ରାର ଆରମ୍ଭ ଯାହା ଭାରତକୁ ବିଶ୍ୱ ଖାଦ୍ୟ ମାନଚିତ୍ରର ହୃଦୟରେ ରଖିବା ବୋଲି ସେ କହିଛନ୍ତି। ଏହି ଅବସରରେ ଫାଲକନ୍ ଗ୍ରୁପ୍ ଅଧ୍ୟକ୍ଷ ତାରା ରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ଭାରତର କୃଷି କ୍ଷେତ୍ରରେ ଗୁଜରାଟ ସର୍ବଦା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଫାଲକନ୍ ପାଇଁ ଏହା ଏକ ସ୍ୱାଭାବିକ ବିକଳ୍ପ ଥିଲା। ରାଜ୍ୟର ପ୍ରଚୁର ଆଳୁ ଉତ୍ପାଦନ, ଦୃଢ଼ କୃଷି ସମ୍ପ୍ରଦାୟ ଏବଂ ବ୍ୟବସାୟ ଅନୁକୂଳ ଜଳବାୟୁ ଏହାକୁ ଆମର ପ୍ରମୁଖ ଫ୍ୟାସିଲିଟି କାରଖାନା ନିର୍ମାଣ କରିବା ପାଇଁ ଉପଯୁକ୍ତ ସ୍ଥାନ କରିଥିଲା। ଆମେ ଖାଦ୍ୟ ପ୍ରକ୍ରିୟାକରଣରେ ଫାଲକନକୁ ବିଶ୍ୱସ୍ତରରେ ଅଗ୍ରଣୀ କରିବାକୁ ଲକ୍ଷ୍ୟ ରଖିଛୁ। ଫାଲକନ୍ ଗ୍ରୁପର ଉପାଧ୍ୟକ୍ଷ ପାର୍ଥଜିତ ପଟ୍ଟନାୟକ କହିଛନ୍ତି ଯେ ବିଭିନ୍ନ କ୍ଷେତ୍ର, ସ୍ଥାନ ଏବଂ ପିଢ଼ି ମଧ୍ୟରେ ଫାଲକନର ଯାତ୍ରା ସର୍ବଦା ସମ୍ଭାବନାକୁ ବାସ୍ତବତାରେ ପରିଣତ କରିବା ବିଷୟରେ ରହିଆସିଛି। ଏହି କାରଖାନା ବିଶ୍ୱସ୍ତରୀୟ ପ୍ରତିଯୋଗୀ ତଥା ଭାରତ ଦ୍ୱାରା ନେତୃତ୍ୱାଧୀନ ଉଦ୍ୟୋଗ ଗଠନ ପ୍ରତି ଆମର ପ୍ରତିବଦ୍ଧତାରେ ଏକ ସାହସିକ ପଦକ୍ଷେପ। ଆମେ ଆମ କୃଷକମାନଙ୍କ ସାମର୍ଥ୍ୟ, ପ୍ରଯୁକ୍ତିବିଦ୍ୟାର ଶକ୍ତି ଏବଂ ଏକ ନୂତନ ଭାରତର ଦୃଷ୍ଟିକୋଣକୁ ଉପଯୋଗ କରି ଖାଦ୍ୟ ପ୍ରକ୍ରିୟାକରଣର ଭବିଷ୍ୟତକୁ ଆକାର ଦେଉଛୁ ବୋଲି ସେ କହିଛନ୍ତି। ଏହି ଅବସରରେ ଗୁଜରାଟ ଶିଳ୍ପ ମନ୍ତ୍ରୀ ବଲୱନ୍ତ ସିଂହ ରାଜପୁତ, ଫାଲକନ ନିର୍ଦ୍ଦେଶକ ପ୍ରଭ ରଞ୍ଜନ ପଟ୍ଟନାୟକ, ଜିତେନ୍ଦ୍ର ନାଥ ପଟ୍ଟନାୟକ, କାରଖାନାର ପ୍ରଯୁକ୍ତି ପ୍ରଦାନକାରୀ ସଂସ୍ଥାଗୁଡ଼ିକର ପ୍ରତିନିଧି, ଚାଷୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂପାଦକୀୟ

# ସ୍ମୃତିରେ ଚିନ୍ତାନାୟକ ଲୋକନାଥ ଚୌଧୁରୀ

ରାଜନୀତିରେ ଆସିଛି ଏବେ ନୂଆ ପରିବର୍ତ୍ତନ। ତା ସହିତ ତାଳ ଦେଇ ପରିବର୍ତ୍ତନ ହେଉଛି ବ୍ୟକ୍ତିର ବ୍ୟକ୍ତିତ୍ୱର। ମାତ୍ର ଯେଉଁ କେତେଜଣ ଜନନେତା ପ୍ରତିକୂଳ ପରିସ୍ଥିତି ଓ ସମାଲୋଚନାକୁ ଖାତିର ନକରି ନିଜର ସ୍ୱତନ୍ତ୍ରତାକୁ ବଜାୟ ରଖିଛନ୍ତି, ତନ୍ମଧ୍ୟରୁ ଜଣେ ହେଉଛନ୍ତି ପ୍ରବୀଣ ରାଜନୀତିଜ୍ଞ ତଥା ପୂର୍ବତନ ସାଂସଦ ଓ ବିଧାୟକ ଲୋକନାଥ ଚୌଧୁରୀ। ଏହି ନିଆରା ଜନନେତା ଅବିଭକ୍ତ କଟକ ଜିଲ୍ଲା ସମ୍ପ୍ରତି ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ତାଳଦଣ୍ଡା ଗ୍ରାମରେ ୧୯୨୫ ମସିହା ମେ ୧୯ ତାରିଖରେ ପିତା କୈଳାସ ଚନ୍ଦ୍ର ଚୌଧୁରୀ ମାତା ଚଞ୍ଚଳା ଦେବୀଙ୍କ କୋଳମଣ୍ଡନ କରିଥିଲେ। ଆରପାରିକି ଚାଲିଗଲେ ୨୦୦୩ ମସିହା ମେ ମାସ ୧୨ ତାରିଖରେ। ଦୀର୍ଘ ୭୮ ବର୍ଷର କର୍ମମୟ ଜୀବନର ଅବସାନ ଘଟିଲା। ଆଜି ତାଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯାଉଛି। ଏହି ଅବସରରେ ତାଙ୍କର କର୍ମମୁଖର ଓ ଘଟଣାବହୁଳ ଜୀବନ ସମ୍ପର୍କରେ ଆଲୋକପାତ କରିବା ଏହି କ୍ଷୁଦ୍ର ଆଲେଖ୍ୟଟିର ଉଦ୍ଦେଶ୍ୟ।

ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଚିନ୍ତାନାୟକ ଲୋକନାଥ ଚୌଧୁରୀ। ଏକାଧାରରେ ସେ ଥିଲେ ଜଣେ ରାଷ୍ଟ୍ରନୀତିଜ୍ଞ, ବାଗ୍ମୀ, ମହାନ ବିପ୍ଳବୀ, ବାମପନ୍ଥୀ ନେତା ଓ ଏମାଟିର ଗର୍ବ ଓ ଗୌରବ। ବିଶେଷ କରି ଜଗତସିଂହପୁର ଲୋକସଭା ମଣ୍ଡଳୀରେ ଯେଉଁମାନେ ସାଂସଦ ହୋଇଛନ୍ତି ସେମାନଙ୍କ ମଧ୍ୟରୁ କୁଜଙ୍ଗ ମାଟିର ତିନିଜଣ। ଯଥା- ଲୋକନାଥ ଚୌଧୁରୀ, ବିଭୁଧେନ୍ଦ୍ର ମିଶ୍ର ଓ ଡାକ୍ତର କୁଳମଣି ସାମଲ। ୧୯୫୭ ମସିହାରେ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇ ପ୍ରଥମଥର ପାଇଁ ପାଦ ଆପିଥିଲେ ଲୋକନାଥ ଚୌଧୁରୀ। ତାପରେ ୧୯୬୧ ଓ ୧୯୭୪ ମସିହାରେ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଜଣେ ବାମପନ୍ଥୀ ନେତା ହିସାବରେ ଖଟିଖିଆ ମେହେନତି ମଣିଷ, କୃଷକ ଓ ଶିକ୍ଷକ ସମାଜର ଉନ୍ନତି ପାଇଁ ସର୍ବଦା ଚେଷ୍ଟିତ ଥିଲେ। ସେ ଦେଖିଥିଲେ ଶିକ୍ଷକମାନଙ୍କୁ ଓ ତାଙ୍କ ସମସ୍ୟାକୁ ସେତେବେଳେ ଶିକ୍ଷକମାନଙ୍କର ଚାକିରି ଚାଳଗଛ ଛାଇ ସଦୃଶ ଥିଲା। ସକାଳ ଚାକିରି ସଞ୍ଜକୁ ନଥିଲା। ଏକଥା ତାଙ୍କୁ ବ୍ୟଥିତ କରିଥିଲା। ସେତେବେଳେ ନନ୍ଦିନୀ ଶତପଥୀଙ୍କ ସରକାର ମାଛିମୁଣ୍ଡ ନବାଖଣ୍ଡ। ଜଣେ ଡାଣ୍ଡା ମୁଖ୍ୟମନ୍ତ୍ରୀ ହିସାବରେ ଲୌହମାନବୀ ନନ୍ଦିନୀ ବେଶ୍ ଜଣାଶୁଣା ଥିଲେ। ତଥାପି ଋଣହୁଙ୍କାର ଦେଇଥିଲେ ସ୍ୱର୍ଗତ ଲୋକନାଥ ଚୌଧୁରୀ। ପ୍ରତ୍ୟକ୍ଷ ଦରମା ନଦେଲେ ସରକାରକୁ ସମର୍ଥନ ପ୍ରତ୍ୟାହାର କରାଯିବ ବୋଲି ଧମକ ଦେଇଥିଲେ ସ୍ୱର୍ଗତ ଚୌଧୁରୀ। ଫଳସ୍ୱରୂପ ୧୯୭୪ ମସିହାରେ ଶିକ୍ଷକମାନେ ପ୍ରତ୍ୟକ୍ଷ ଦରମା ପାଇଲେ। ଏଥିପାଇଁ ସାରା ଶିକ୍ଷକ ସମାଜ ତାଙ୍କ ପାଖରେ ଋଣୀ। ସେହିପରି ଭାଗଚାଷୀ ଆଇନ, ପୁଁଜୀୟନ କରି ସେ କୃଷକମାନଙ୍କ ପ୍ରିୟ ଭାଜନ ହୋଇପାରିଥିଲେ। ତେଣୁ ତାଙ୍କୁ କେବଳ ରାଜନୀତିକ ଦୃଷ୍ଟିଭଙ୍ଗୀରେ ଦେଖିଲେ ଚଳିବ ନାହିଁ। ତାଙ୍କ କଥା ଆଲୋଚନା କଲେ ସ୍ମୃତି ପଟ୍ଟରେ ଅନେକ କଥା ଉଙ୍କିମାରେ। ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତା ପରିସ୍ଫୁଟ ହୋଇଥାଏ। ଏହାକୁ ସେ ଅକ୍ଷରେ ଅକ୍ଷରେ ପ୍ରତିପାଦନ କରିଛନ୍ତି ପ୍ରତିଟି କାର୍ଯ୍ୟରେ।

ଲୋକନାଥ ଚୌଧୁରୀଙ୍କ ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ ଥିଲା। ୧୯୫୭ ମସିହାରୁ ୧୯୯୧ ମସିହା ପର୍ଯ୍ୟନ୍ତ ପ୍ରାୟ ୩ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେ ଓଡିଶାର ରାଜନୀତିକୁ ପ୍ରଭାବିତ କରିଆସିଥିଲେ। ତିନିଥର ବିଧାୟକ ଦୁଇ ଥର ସାଂସଦ ଭାବେ କାର୍ଯ୍ୟ କରିବା ଭିତରେ ସେ ସମାଜର ବିଭିନ୍ନ ସମସ୍ୟା ଉପରେ ସରକାରଙ୍କୁ ଜଣାଉଥିଲେ ଓ ଲୋକମାନଙ୍କ ଦାବି ଦୃଢ ଭାବରେ ଉପସ୍ଥାପନ କରୁଥିଲେ ଏହାହିଁ ତାଙ୍କର ବ୍ୟକ୍ତିତ୍ୱର ବିଶେଷତ୍ୱ। ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବା ସମୟରେ ସେ ଏଗାର ଦିନ ୨୨ଦିନ ୪୨ ଦିନ ଅନଶନ କରି ସେ ସରକାରଙ୍କୁ ବାଧ୍ୟ କରୁଥିଲେ ସମସ୍ୟା ସମାଧାନ କରିବାକୁ। ଅନ୍ୟ ଅର୍ଥରେ କହିଲେ ସେ କେବଳ ସରକାରଙ୍କ ପାଖରେ କେବଳ ଲୋକମାନଙ୍କର ଦାବି ଉପସ୍ଥାପନ କରୁନଥିଲେ ବରଂ ତାର ସମାଧାନ ପାଇଁ ପ୍ରାଣପଣେ ଚେଷ୍ଟା କରୁଥିଲେ କାହାର ଧମକ ଚମକରେ ସେ ଦବି ଯାଉନଥିଲେ। ଏହାହିଁ ଥିଲା। ଅନ୍ୟଏକ ବିଶେଷତ୍ୱ। ପଶ୍ଚିମ ଓଡିଶାର ଖାଦ୍ୟ ଅଭାବ ଓ ଦାରିଦ୍ର ପଣିଆ ଦେଖାଇ ଲୋକସଭାରେ ଅନଶନ ଧମକ ଦେଇ କେନ୍ଦ୍ରକୁ ଯୋଜନା ପ୍ରଣୟନ କରିବାପାଇଁ ବାଧ୍ୟ ହୋଇଥିଲେ। ଉପକୂଳବର୍ତ୍ତୀ ଅଞ୍ଚଳକୁ ଲୁଣାପାଣିରୁ ରକ୍ଷା ପାଇବା ପାଇଁ ସାଲାଜନ ତିତିଳନ ସୃଷ୍ଟି କରିଥିଲେ। ଏହା ତାଙ୍କ ବ୍ୟକ୍ତିତ୍ୱର ପ୍ରଭାବ ବୋଲି ଲୋକମାନେ ଏବେବି ବିଶ୍ୱାସ କରନ୍ତି। ଏଥିସହିତ ସେ ଭାରତୀୟ ପ୍ରତିନିଧି ଭାବେ ଜାତିସଂଘକୁ ପ୍ରତିନିଧିତ୍ୱ କରିଥିଲେ।

ଓଡିଆ ଜାତିର ସ୍ୱାଭିମାନ ସ୍ୱର ଏବେ କମିବାରେ ଲାଗିଛି। ଓଡିଶାର ସ୍ୱାଭିମାନ ରକ୍ଷା କରିବା ପାଇଁ ପ୍ରତ୍ୟେକ ନିର୍ବାଚିତ ପ୍ରତିନିଧି ଏ ଦିଗରେ ଆଗେଇ ଆସିଲେ ସେମାନେ ଓଡିଶାର ଜନନେତା ଭାବେ ଇତିହାସ ପୃଷ୍ଠା ମଣ୍ଡନ କରିପାରିବେ। ଆଜି ଲୋକନାଥ ଚୌଧୁରୀଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯାଉଛି। ଏହି ଅବସରରେ ଆୟୋଜକମାନଙ୍କୁ ଯେତେ ପ୍ରଶଂସା କଲେବି କମ ହେବ। କେବଳ ଦିନକ ପାଇଁ ନୁହେଁ ସବୁବର୍ଷ ତାଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବକୁ ବିଧିବଦ୍ଧ ଭାବେ ପାଳନ କରାଯିବା ସହିତ ତାଙ୍କ ନୀତି, ଆଦର୍ଶ ଓ ତ୍ୟାଗପୂତ ଜୀବନକୁ ନେଇ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ପ୍ରବନ୍ଧ ପ୍ରତି ଯୋଗିତା କରାଯାଇ ସ୍ୱର୍ଗତ ଲୋକନାଥ ଚୌଧୁରୀଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବାକୁ ପ୍ରୟାସ କରାଯାଉ। ତାହାଲେ ତାହାହିଁ ହେବ ଏହି ଚିନ୍ତାନାୟକଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି। ଆମକୁଜଙ୍ଗ ମାଟିର ପୁଅ ଆମ ପାଇଁ ଗର୍ବ ଓ ଗୌରବ ହେଲେ ତାଙ୍କ କର୍ମମୟ ଜୀବନର ଅବସାନ ଘଟିଛି ୨୦୦୩ ମସିହା ମେ ମାସ ୧୨ ତାରିଖରେ। ତଥାପି ଆମକୁ ଲାଗୁଛି ସେ ଜିଇଁ ରହିଛନ୍ତି ଓ ରହିଥିବେ କାଳକାଳକୁ ତାଙ୍କର ସୁଗୁଣ ଓ ସୁକର୍ମ ପାଇଁ। ଏହା ଅନସ୍ୱୀକାର୍ଯ୍ୟ। ତାଙ୍କର ବିରଳ ବ୍ୟକ୍ତିତ୍ୱ ତାଙ୍କୁ ଅମର କରି ରଖିବ ଏଥିରେ ସନ୍ଦେହର ଅବକାଶ ନାହିଁ। କବିବର ରାଧାନାଥଙ୍କ ଭାଷାରେ - ମାଟି ଦେହ ତୁମ ଗ୍ରାସିଛି ଶ୍ମଶାନ, ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ୍।

ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି ସାରସ୍ୱତ ପରିଷଦ, ଜଗତସିଂହପୁର,
ମୋ-୯୩୩୭୨୨୧୯୭୪

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ।

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ଖରାଦିନିଆ ସମସ୍ୟା


ଡାକ୍ତର ରାମ ପ୍ରସାଦ ରାୟ

ସଂପ୍ରତି ପ୍ରଚଣ୍ଡ ଖରା ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିଦେଲାଣି। ଏହା ଭିତରେ ଅଚାନକ କାଳବୈଶାଖୀ ମଧ୍ୟ ସମ୍ପୂର୍ଣ୍ଣ ପାଣିପାଗକୁ ବିଗାଡ଼ି ଦେଉଛି। ଡହ ଡହ ଖରାରେ ମଣିଷ ମାନଙ୍କ ଠାରୁ ପଶୁପକ୍ଷୀ ପର୍ଯ୍ୟନ୍ତ ସମସ୍ତେ ତ୍ରାହି ତ୍ରାହି ଡାକ ଛାଡ଼ି ଲେଣି। କହିବାକୁଗଲେ ଦିନ ବାରଟା ପରେ ଆଉ ଘରୁ ବାହାରିବା ମଧ୍ୟ ମୁସ୍କିଲ ହୋଇଗଲାଣି। ସହରାଞ୍ଚଳ ବ୍ୟତୀତ ଗ୍ରାମାଞ୍ଚଳର ଅନେକ ଛୋଟବଡ଼ ଜଳାଧାର ଶୁଖିଗଲାଣି। ତେବେ ଖରା ଦିନରେ ଆମ୍ଭ ମାନଙ୍କର ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇଥାଏ। ସେ ସମ୍ପର୍କରେ ଏଠାରେ ଆଲୋଚନାଟି ଉପସ୍ଥାପନ କରୁଛୁ।

ଚର୍ମ କର୍କଟ : ଏହି ଋତୁରେ ଡାକ୍ତରଖାନାରେ ବେଶି ସଂଖ୍ୟାରେ ଚର୍ମ କର୍କଟ ରୋଗୀଙ୍କୁ ଦେଖିବାକୁ ମିଳେ। ପ୍ରତି ବର୍ଷ ଏକ ନିୟୁତ ଲୋକ ଚର୍ମ କର୍କଟରେ ଆକ୍ରାନ୍ତ ହୁଅନ୍ତି। ଅଧିକ ସମୟ ଖରାରେ ବିତାଇଲେ, ଅସହାୟ ଖରାକୁ ତ୍ୱଚା ସହ୍ୟ କରି ନପାରି ପୋଡ଼ିଯାଏ। ଏହାକୁ ଅଣଦେଖା କଲେ ଏହା ଧୀରେ ଧୀରେ କର୍କଟର ରୂପ ନିଏ। ଏହାକୁ ଆରମ୍ଭରୁ ଚିହ୍ନି ପାରିଲେ ସହଜରେ ଚିକିତ୍ସା କରିହେବ। ହେଲେ ଯଦି ଜାଣି ନପାରି ବିଳମ୍ବ ହୁଏ, ତେବେ ବହୁ ଅସୁବିଧାର ସାମ୍ନା ହେବାକୁ ପଡ଼େ। ତେଣୁ ଖରାରୁ ସର୍ବଦା ତ୍ୱଚାକୁ ସୁରକ୍ଷା କରନ୍ତୁ। ବେଶି ଖରାରେ ବାହାରକୁ ବାହାରନ୍ତୁ ନାହିଁ। ଯଦି ଅତି ଦରକାର ଅଛି, ତେବେ ଛତା ନେଇ ବାହାରନ୍ତୁ।

ଅଂଶୁଘାତ : ପ୍ରଚଣ୍ଡ ଖରା ଯୋଗୁଁ ଅଂଶୁଘାତ ପରି ସମସ୍ୟା ଦେଖାଯାଏ। ଅଂଶୁଘାତ ହେଲେ ଜ୍ୱର ହେବା ପରି ଦେହ ତାତି ଯାଏ, ମୁଣ୍ଡ ବୁଲାଇ ପକାଏ, ଝାଳ ବୋହେ ନାହିଁ, ଶରୀର ବିଚଳିତ ହୋଇପଡ଼େ। ଏହା ଜୀବନ ନେଇଯାଇପାରେ। ଏଣୁ ଖରାରେ ବାହାରିଲେ ଛତା ନେବା ସହ ଘରୁ ପ୍ରଚୁର ପାଣି ପିଇ ବାହାରନ୍ତୁ। ସାଙ୍ଗରେ ପାଣି ବୋତଲ ଧରି ବାହାରନ୍ତୁ। ଅତି ଦରକାର ନ ହେଲେ ଖରାରେ ଘରୁ ବାହାରକୁ ବାହାରନ୍ତୁ ନାହିଁ।

ଫୁଡ୍ ପଏଜନିକ୍ : ଏକ ସର୍ଭେ ଅନୁଯାୟୀ ପ୍ରତି ବର୍ଷ ୭୬ ନିୟୁତ ଲୋକ ଫୁଡ୍ ପଏଜନିକ୍ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏହିଦିନେ ଲୋକମାନେ ବାହାରେ ବେଶି ବୁଲାବୁଲି କରିବାକୁ ପସନ୍ଦ କରନ୍ତି। ରାସ୍ତା କଡ଼ରେ ଖୋଲା ଆକାଶ ତଳେ ପ୍ରସ୍ତୁତ ହେଉଥିବା ଖାଦ୍ୟ ଖାଆନ୍ତି। ଖରା ଦିନେ ଅଧିକ ଲୁ ପବନ ବାହିବା ଯୋଗୁଁ ଖାଦ୍ୟରେ ଧୂଳି ମାଟି ଉଡି ମିଶିଥାଏ। ଏହାକୁ ଖାଇବା ଦ୍ୱାରା ଫୁଡ୍ ପଏଜନିକ୍ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼େ। ଏଥିପାଇଁ ବାହାର ଖାଦ୍ୟ ଖାଆନ୍ତୁ ନାହିଁ। ଦୂର ବାଟ ଯାଉଥିଲେ ସାଙ୍ଗରେ ଖାଦ୍ୟ ଓ ପାଣି ଧରି ଯାଆନ୍ତୁ।

ଆଖି ଦୁର୍ବଳ : ଅତ୍ୟଧିକ ଖରା ଯୋଗୁଁ ଆଖି ମଧ୍ୟ ଦୁର୍ବଳ ହୋଇପଡ଼େ। ମନେରଖନ୍ତୁ ଯେତେବେଳେ ଖରାରେ ବାହାରକୁ ବାହାରୁଛନ୍ତି ସନ୍ ଗ୍ଲାସ୍ ପିନ୍ଧି ବାହାରିବା ପାଇଁ ଭୁଲନ୍ତୁ ନାହିଁ।

ଦୁର୍ଘଟଣା : ଏହି ଦିନରେ ମଧ୍ୟ ଅଧିକ ଗାଡ଼ି ଦୁର୍ଘଟଣା ସମସ୍ୟା ଦେଖାଯାଏ। ଖରା ଯୋଗୁଁ ଶରୀର ତାତି ରହେ। ମୁଣ୍ଡ ମଧ୍ୟ ବୁଲାଏ। ଡ୍ରାଇଭର ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିପାରେ ନାହିଁ। ଯେଉଁଥି ପାଇଁ ଦୁର୍ଘଟଣା ହୋଇଥାଏ। ଡ୍ରାଇଭିଙ୍ଗ ସମୟରେ କେବେ ବି ମଦ୍ୟପାନ କରନ୍ତୁ ନାହିଁ। କାରଣ ଖରା ସହ ଏହା ଶରୀରକୁ ଅଧିକ ଗରମ କରିଦିଏ। ପାଖରେ ପାଣି ବୋତଲ ରଖନ୍ତୁ। ମଧ୍ୟାହ୍ନ ସମୟରେ ଡ୍ରାଇଭିଙ୍ଗ କରନ୍ତୁ ନାହିଁ।

ବୁଡ଼ି ମରିବା : ଗ୍ରୀଷ୍ମ ଋତୁରେ ପାଣିରେ ବୁଡ଼ି ମରିବା ପରି ସମସ୍ୟା ବେଶି ଦେଖାଯାଏ। ପ୍ରତିବର୍ଷ ପ୍ରାୟ ୩,୦୦୦ ଲୋକ ବୁଡ଼ି ମରିଥାନ୍ତି। ଅତ୍ୟଧିକ ଗରମ ହେତୁ ଥଣ୍ଡା ପାଣି ନଦୀ ଓ ନାଳ, ପୋଖରୀରେ ଗାଧୋଇବାକୁ ଯାଇ ଜୀବନ ହାରନ୍ତି। ଏଥିପାଇଁ କେବେ ହେଲେ ଏକା ଗାଧୋଇବାକୁ ଯାଆନ୍ତୁ ନାହିଁ। ବେଶି ଗଭୀର ପାଣିରେ ଗାଧାନ୍ତୁ ନାହି। ସାଙ୍ଗରେ ଟିଉ ଧରି ପହଁରନ୍ତୁ।

ଶରୀରରୁ ପାଣି କମିଯିବା : ଖରାଦିନେ ଅତ୍ୟଧିକ ଝାଳ ବାହାରିବା ଯୋଗୁଁ ଶରୀରରୁ ଜଳୀୟ ଅଂଶ କମିଯାଏ। ଏହାଦ୍ୱାରା ହିଁ ଅଂଶୁଘାତ ପରି ସମସ୍ୟା ହୋଇଥାଏ। ତେଣୁ ଦୂର ଯାତ୍ରା କରୁଥିଲେ ସାଙ୍ଗରେ ପାଣି ଧରି ବାହାରନ୍ତୁ। ପ୍ରଚୁର ଥଣ୍ଡା ପାନୀୟ ପିଅନ୍ତୁ। ତରଭୂଜ ପରି ପ୍ରଚୁର ପାଣିଥିବା ଫଳ ଖାଆନ୍ତୁ। ଦିନକୁ ପ୍ରାୟ ୮-୧୦ ଲିଟର ପାଣି ପିଅନ୍ତୁ।

ମଶା କାମୁଡ଼ିବା : ଏହି ଦିନେ ମଶାମାନଙ୍କର ମଧ୍ୟ ବହୁତ ପ୍ରାର୍ଦୁଭାବ ଦେଖାଯାଏ। ମଶା କାମୁଡ଼ି ହେବା ସହ ଯନ୍ତ୍ରଣା ହୋଇଥାଏ। ଏହାଦ୍ୱାରା ମ୍ୟାଲେରିଆ ପରି ରୋଗ ହୋଇଥାଏ। ଯେତେ ସମ୍ଭବ ମଶାରୀ ଟାଙ୍ଗି ଶୁଅନ୍ତୁ, ମଶା ଧୂପ ବ୍ୟବହାର କରନ୍ତୁ।

ଅନସେଫ୍ ସେକ୍ସ : ଏହି ଦିନରେ ସେକ୍ସ ରିଲେସନ୍‌କୁ ଇନ୍‌ଫେକସନ୍ ମଧ୍ୟ ହୋଇଥାଏ। ଏପରିକି ଇନ୍‌ଫେକସନ୍‌ରୁ ଏଚ୍‌ଆଇଭି ପରି ମାରାତ୍ମକ ରୋଗ ମଧ୍ୟ ହୋଇଥାଏ। ତେଣୁ ପ୍ରଥମେ ଏହାର ସୁରକ୍ଷିତ ଦିଗଗୁଡ଼ିକୁ ଭଲ ଭାବରେ ଜାଣନ୍ତୁ। ତାପରେ ରିଲେସନ୍ ରଖନ୍ତୁ।

ନିଆଁ ଲାଗିବା : ଏହି ଦିନରେ ପ୍ରତିବର୍ଷ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ନିଆଁରେ ପୋଡ଼ି ହୋଇ ମରନ୍ତି। ଖରାରେ ଘର ଏବଂ ଘରର ଆସବାପତ୍ର ମଧ୍ୟ ତାତି ଥାଏ। ଟିକେ ନିଆଁ ସଂସ୍ପର୍ଶରେ ଆସିଲେ ଏଗୁଡ଼ିକ ଜଳିଯାଏ। ଏହାସହ ଲୋକ ମଧ୍ୟ ଜଳିଯାଆନ୍ତି। ତେଣୁ ଯେତେ ସମ୍ଭବ ନିଆଁକୁ ଯତ୍ନ ସହାୟତାରେ ବ୍ୟବହାର କରନ୍ତୁ। ପିଲାଙ୍କୁ ନିଆଁ ଠାରୁ ଦୂରେଇ ରଖନ୍ତୁ। ସର୍ବଦା ଫାୟାର ଷ୍ଟେସନର ଫୋନ ନମ୍ବର ପାଖରେ ରଖନ୍ତୁ। ସେପରି ପରିସ୍ଥିତି ଉପୁଜିଲେ ଅଫିସକୁ ଫୋନ କରିପାରିବେ।

ଖରାଦିନେ ସୁସ୍ଥ ରହିବାକୁ ହେଲେ ସୁସ୍ଥ ଖାଦ୍ୟ ଖାଇବା ଦରକାର। ପ୍ରଥମତଃ ପ୍ରଚୁର ପାଣି ପିଅନ୍ତୁ, ନଡ଼ିଆ ପାଣି, ତରଭୂଜ ଆଦି ପାଣି ଥିବା ଫଳ ଖାଆନ୍ତୁ। ଏଥିରେ ପ୍ରଚୁର ପରିମାଣରେ ପୋଟାସିୟମ୍ ଥିବାରୁ ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ଏହାଦ୍ୱାରା ଶରୀରରୁ ଜଳୀୟ ଅଂଶ କମେ ନାହିଁ। ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ। କେତେବେଳେ ବି ଅଧିକ ଖାଇବେ ନାହିଁ। ଭିଟାମିନ୍ ସି ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଏଥିରେ ପ୍ରଚୁର ମାତ୍ରାରେ ଆଣ୍ଟି ଅକ୍ସିଡାଣ୍ଟ ଥିବାରୁ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ଖରା ଦିନରେ କୌଣସି ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ। ଖରା ଦିନରେ ପାଚନ ଶକ୍ତି ପ୍ରଭାବିତ ହେଉଥିବାରୁ ଗରମ ଖାଦ୍ୟ, ଫ୍ରିଜରୁ ବାହାରୁଥିବା ଥଣ୍ଡା ଖାଦ୍ୟ, ଗରିଷ୍ଠ ଖାଦ୍ୟ ଓ ଆମିଷ ଖାଦ୍ୟ ଠାରୁ ଦୂରେଇ ରହିବା ଭଲ। ସବୁଠାରୁ ଭଲ ସୁଷମ ଖାଦ୍ୟ ଖାଇବା ଓ ତଟକା ପନିପରିବା ସହ ଫଳ ଖାଇବା। ଋତୁଜାତୀୟ ଫଳ ଗୁଡ଼ିକ ସ୍ୱାସ୍ଥ୍ୟ ପାଇଁ ଖୁବ ଭଲ। ଖରାଦିନରେ ଦିନରେ କୌଣସି ଅତ୍ୟଧିକ କାର୍ଯ୍ୟ ବ୍ୟସ୍ତତା ଥିଲେ ଅଧଘଣ୍ଟାରୁ ଘଣ୍ଟାଏ ପର୍ଯ୍ୟନ୍ତ ବିଶ୍ରାମ ନେବା ଭଲ। ପାଣିକୁ ବିଶୋଧିତ କରି ଥଣ୍ଡା ହେବା ପାଇଁ ମାଟି ପାତ୍ର ସବୁଠାରୁ ଭଲ। ଏସି ରୁମରେ ଶୋଇବା ଅନେକଙ୍କୁ ଭଲ ଲାଗିଥାଏ ତେବେ ଏଥିରୁ ଦୂରେଇ ରହିବା ଅନେକ ଦୃଷ୍ଟିରୁ ଭଲ ଅଭ୍ୟାସ।

ଖରାଦିନେ ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗ କରି ଶାରୀରିକ ବ୍ୟାୟାମ, ଯୋଗାସନ ଓ ପ୍ରାତଃ ଭ୍ରମଣ କଲେ ଏହା ଶରୀରକୁ ଦିନ ତମାମ ଫୂର୍ତ୍ତି ରଖିଥାଏ। ବାହାରକୁ ଯାଉଥିଲେ ସାଙ୍ଗରେ ରୁମାଲ ସହିତ ମୁଣ୍ଡ ପାଇଁ ଟୋପି ଓ ପାଣି ବୋତଲଟି ସାଙ୍ଗରେ ରଖନ୍ତୁ। ତେବେ ଆପଣଙ୍କର ହୃଦରୋଗ, ଡାଏବେଟିସ ଓ ବ୍ଲଡପ୍ରେସର ସମସ୍ୟା ଥିଲେ ବାହାରକୁ ବାହାରିବା ପୂର୍ବରୁ ନିଜକୁ ସତର୍କ ରଖନ୍ତୁ। ଏହି ସମୟରେ ବିଶେଷକରି ସନ୍‌ଷ୍ଟ୍ରୋକ୍, ଡାଇରିଆ, ଗ୍ୟାସଷ୍ଟିକ୍, କଲେରା, ଜଣ୍ଡିସ୍ ପରି ରୋଗ ବେଶୀ ଦେଖାଯାଏ। ଏଥିପାଇଁ ସର୍ବଦା ସତର୍କ ରହିଥିବେ। ରାସ୍ତା କଡ଼ରେ ତିଆରି ହେଉଥିବା ଖାଦ୍ୟ ଖାଇବେ ନାହିଁ। ପରିଷ୍କାର ପାଣି ପିଇବେ। ଖାଲି ପେଟରେ ରହିବେ ନାହିଁ। ବେଶୀ ଗରମ ଖାଦ୍ୟ ଖାଇବେ ନାହିଁ। ଦିନକୁ ୬-୮ ଲିଟର ପାଣି ପିଇବେ। ଖରାଦିନଟିକୁ ସେପରି ଏକ ଭୟର ଋତୁ ବା ମାସ ବୋଲି ଭାବନ୍ତୁ ନାହିଁ। ନିଜ ଉତ୍ତମ ଶରୀରର ନିମିତ୍ତ ଆବଶ୍ୟକୀୟ ରୁଟିନ ଲାଇଫଟି ତିଆରି କରି ସେହିଥିରେ ଚାଲିଲେ ଏହି ଋତୁଟି ଆପଣଙ୍କ ପାଇଁ ଅତ୍ୟନ୍ତ ଆନନ୍ଦମୟ ହେବ।

**କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ,**
**ଦୂରଭାଷ : ୮୨୬୦୪୦୮୮୩୬**

# ବିଚାର କ୍ଷମତା


କିଶୋର କୁମାର ଜେନା

ବିଚାର ହେଉଛି ଏକ ତେଜୋଦୀପ୍ତ ଜୀବନ୍ତ ଶକ୍ତି। ଜଗତରେ ଯେତେସବୁ ଶକ୍ତି ରହିଛି, ସେମାନଙ୍କ ମଧ୍ୟରେ ବିଚାରଶକ୍ତି ହେଉଛି ସବୁଠାରୁ ଅଧିକ ଜୀବନ୍ତ, ଅଧିକ ସୂକ୍ଷ୍ମ ଓ ଅଧିକ ବଳିଷ୍ଠ। ବିଚାର ଏକ ବିରାଟ ଶକ୍ତି। ବିଚାର ଏକ କ୍ରିୟାଶୀଳ ଶକ୍ତି। ଆତ୍ମିକ ପ୍ରାଣ ବା ସୂକ୍ଷ୍ମପ୍ରାଣ ଦ୍ୱାରା ମନସ୍ତରରେ କମ୍ପନ ସୃଷ୍ଟି ହେଲେ ବିଚାର ଉତ୍ପନ୍ନ ହୁଏ। ମାଧ୍ୟାକର୍ଷଣ ଶକ୍ତି, ସଂଶ୍ଳେଷଣ ଶକ୍ତି ବା ବିକର୍ଷଣ ଶକ୍ତିପରି ବିଚାର ଶକ୍ତି ମଧ୍ୟ ଏକ ନିଶ୍ଚିତ ନିର୍ଭୁଲ ଶକ୍ତି। ଆମେ ମନୁଷ୍ୟକୁ ବିଚାର କରିବାକୁ ଭାଜନ କି ? ଏହା ଏକ ପ୍ରଶ୍ନ। ସାଧାରଣତଃ ଆମେ ସବୁବେଳେ ପରସ୍ପରକୁ ଉପଦେଶ ଦେଉ - 'ଏଇଟା କର, ଏଇଟା କରନା। ଏହା କଲେ ଭଲ ହେବ, ଏହା କଲେ ଖରାପ ହେବ, ତୋର ଏଭଳି କରିବା ଉଚିତ।' କିନ୍ତୁ କେବେହେଲେ ନିଜକୁ ପ୍ରଶ୍ନ କରୁନାହୁଁ ଏଭଳି ଉପଦେଶ ଦେବାକୁ ମୁଁ ଯୋଗ୍ୟ କି? କ'ଣ ଭଲ, କ'ଣ ମନ୍ଦ ଆମେ କେତେ ଜାଣିଛୁ। ଅନ୍ୟ ଅପେକ୍ଷା ଆମର ଦୃଷ୍ଟି ସ୍ୱଚ୍ଛତମ, ବାଞ୍ଛନୀୟ ଓ ସତ୍ୟତର - ଏହା ଆମେ ପରୀକ୍ଷା କରିଜାଣିଛୁ କି ? ଯଦି ନ ଜାଣିଛୁ ତେବେ ଅନ୍ୟକୁ ଉପଦେଶ ଦେବା କାହିଁକି ? ଅନ୍ୟର ବ୍ୟାପାରରେ ହସ୍ତକ୍ଷେପ କରିବା ଉଚିତ ନୁହେଁ। ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ମନୁଷ୍ୟର ପ୍ରତ୍ୟେକଟି ବିଚାର ସକଳ ଦୃଷ୍ଟିରୁ ମୂଲ୍ୟବାନ। ସତ୍ ବିଚାର ତିନୋଟି ସ୍ତରରେ ଉପକାର କରେ। ପ୍ରଥମତଃ ସତ୍ ବିଚାର ପୋଷଣ କରିଥିବା ବ୍ୟକ୍ତିର ମାନସିକ ବିକାଶ ଘଟେ, ଫଳରେ ସେ ଉପକୃତ ହୁଏ। ଦ୍ୱିତୀୟତଃ ଯେଉଁ ବ୍ୟକ୍ତିଙ୍କ ବିଷୟରେ ସତବିଚାର ପୋଷଣ କରାଯାଏ ତାଙ୍କର ମଙ୍ଗଳ ସାଧିତ ହୁଏ। ତୃତୀୟତଃ ସତ ବିଚାର ସର୍ବସାଧାରଣଙ୍କର ମନୋରାଜ୍ୟରେ ସତ ପ୍ରଭାବ ପକାଇ ସକଳ ଲୋକଙ୍କର ମଙ୍ଗଳ ସାଧନ କରେ।' ଅନ୍ୟର ବ୍ୟାପାରରେ ହସ୍ତକ୍ଷେପ କରିବା ଉଚିତ ନୁହେଁ। ସେତିକିବେଳେ ହସ୍ତକ୍ଷେପ କରିବା ଉଚିତ ଯେତେବେଳେ ଜଣେ ନିଃସନ୍ଦେହ ଯେ ସେ ବିଭୁକୃପାରୁ ସତ୍ୟଦୃଷ୍ଟି ପାଇଛି ଓ ତା'ର ପରିଣାମସ୍ୱରୂପ ଫଳାଫଳ ସମ୍ବନ୍ଧରେ ତା'ର ଜ୍ଞାନ ଅଛି। ସେ ଯଦି ବାସ୍ତବରେ ଭବିଷ୍ୟଦ୍ରଷ୍ଟା ହୋଇଥିବ ତେବେ ସେ ଆତ୍ମବିଶ୍ୱାସର ସହ ଅନ୍ୟ କାର୍ଯ୍ୟରେ ହସ୍ତକ୍ଷେପ କରିପାରିବ। ବାସ୍ତବରେ ଆମେ କେବଳ ଏତିକି କରିପାରୁ ସାଧକମାନଙ୍କର ଅନୁଭବସିଦ୍ଧ ବାକ୍ୟରୁ କିଛି ଶିକ୍ଷା କରି ତାହାକୁ ଉଦ୍ଧାର କରିପାରୁ। କାରଣ ସେମାନେ ସ୍ୱୟଂସିଦ୍ଧ, ବିଚକ୍ଷଣ, ନିରପେକ୍ଷ ବିଚାର କରିବାରେ ସମର୍ଥ; କିନ୍ତୁ ଯେଉଁ ମଣିଷ ଆବେଗ, ମାୟା, କାମନା, ବାସନା, ଶୋକ, ପ୍ରତିକ୍ରିୟାରୁ ନିଜକୁ ମୁକତ କରିପାରି ନାହିଁ, ସେ ଯଦି ଅନ୍ୟକୁ ଉପଦେଶ ଦିଏ ତେବେ ଅନ୍ଧ ଅନ୍ଧକୁ ବାଟ କଢ଼ାଇବା ଅବସ୍ଥା ହେବ। ତେଣୁ ସର୍ବାନ୍ତକରଣରେ ଆଗ ନିଜକୁ ଏ ସମସ୍ତ ନିମ୍ନତର ଗୁଣାବଳୀଠାରୁ ଉର୍ଦ୍ଧ୍ୱକୁ ନେଇଯିବାକୁ ପଡ଼ିବ।

ସେହି କାର୍ଯ୍ୟଟି ନିଷ୍ଠାର ସହ କରିବା ପାଇଁ ଆଧ୍ୟାତ୍ମବାଦରେ ବିଶ୍ୱାସ ରଖି ଏକାଗ୍ରତା ସହକାରେ ବିଭୁ ଶରଣାପନ୍ନ ହେବାକୁ ପଡ଼ିଥାଏ। ଯେ ପର୍ଯ୍ୟନ୍ତ ଆମେ ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରିବାରେ ସମର୍ଥ ହୋଇନାହୁଁ, ସେ ପର୍ଯ୍ୟନ୍ତ ଏ ସଂସାରରେ ଜଣେ ବ୍ୟକ୍ତି କି ଅବସ୍ଥାରେ ଅଛି, କି ପ୍ରତିକୂଳ ପରିସ୍ଥିତି ସହ ତାକୁ ଲଢ଼େଇ କରିବାକୁ ପଡୁଛି ତା'ର ପରିବେଶକୁ ଅନୁଶୀଳନ କରିବାର ସାମର୍ଥ୍ୟ ନଥିବା ସାଧାରଣ ମଣିଷର କି ଅଧିକାର ଅଛି ତାକୁ ପରାମର୍ଶ ଦେବାକୁ ? ଅହଙ୍କାର ମଦମତ୍ତ ସବ୍‌ଜାନ୍ତା ମଣିଷ ହିଁ ଏହିଭଳି ଅନଧିକାର ଚର୍ଚ୍ଚା କରିପାରେ। ତେଣୁ ସର୍ବପ୍ରଥମ କର୍ତ୍ତବ୍ୟ ହେଲା ବହୁ ଦୋଷ ଗୁଣରେ ପରିପୂର୍ଣ୍ଣ ମାୟାଜଗତରେ ଆତଯାତ ହେଉଥିବା ମଣିଷ ଆଉ ଜଣେ ମଣିଷକୁ ବିଚାର କରିବାକୁ ସମର୍ଥ ନୁହେଁ। କେବଳ ଭଲ ପାଇବାକୁ ସମର୍ଥ। କରୁଣା ପ୍ରଦାନରେ ସମର୍ଥ, ଶ୍ରଦ୍ଧା କରିବାକୁ ସମର୍ଥ। ନିଜେ ସଦ୍‌ଗୁଣାବଳୀରେ ଭୂଷିତ ହେଲେ, ପ୍ରଜ୍ୱଳିତ ପ୍ରଦୀପ ପରି ଜଳିପାରିଲେ ସିନା ଅନ୍ଧକାରରେ ଥିବା ବ୍ୟକ୍ତିମାନଙ୍କୁ ଆଲୋକ ଦେଖାଇ ପାରିବା। ଜୀବନକୁ ସୁନ୍ଦର କରିବାର ଏକମାତ୍ର ଉପାୟ ହେଲା ଜଗତକୁ ଭଲ ପାଇବା, ଦିବ୍ୟ ଅନୁଭୂତିରେ ନିଜକୁ ପବିତ୍ର କରିବା, ଆନନ୍ଦ ଜଗତରୁ ଆନନ୍ଦ ଆହରଣ କରିବାର ଶକ୍ତି ସଂଗ୍ରହ କରିବା, ଗୋଟିଏ କ୍ଷୁଦ୍ର ସୁନ୍ଦର କର୍ମକରି ତହିଁରୁ ଦିବ୍ୟ ଅନୁଭବ ଲାଭ କରିବା। ଗଭୀର ବିଶ୍ୱାସ ଓ ଭଲ ପାଇବା ସହ ନୈତିକ ନିୟମାବଳୀକୁ ପାଳନ କଲେ ଚିତ୍ତ ଶୁଦ୍ଧ ହେବ, ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ନୈତିକତା ଚିହ୍ନି ହେବ, କପଟଶୂନ୍ୟ, ନୀତି ଆଧାରିତ ଶୁଦ୍ଧ ଜୀବନର ଅଧିକାରୀ ହେବା ସହଜସାଧ୍ୟ ନୁହେଁ; ବରଂ ଅତ୍ୟନ୍ତ ଆୟାସସାଧ୍ୟ, କିନ୍ତୁ ଅସମ୍ଭବ ନୁହେଁ। ଆତ୍ମନିୟନ୍ତ୍ରଣ କ୍ଷମତା ରହିଲେ, ଇନ୍ଦ୍ରିୟମାନଙ୍କୁ ବଶ କରିପାରିଲେ, ଧୈର୍ଯ୍ୟଶୀଳ ହେଲେ, ବିଭୁପ୍ରେମରେ ହୃଦୟ ପରିପୂର୍ଣ୍ଣ କଲେ ମଣିଷ ସଦିଚ୍ଛାକୁ କ୍ରିୟାଶୀଳ କରିପାରେ। ଆତ୍ମସଂଯମ ଏଥିନିମନ୍ତେ ସର୍ବପ୍ରଥମ ସର୍ତ୍ତ।

ମନକୁ ନିଷ୍କର୍ମା କରି ରଖନ୍ତୁ ନାହିଁ। ତାକୁ ସର୍ବଦା କୌଣସି ନା କୌଣସି କାର୍ଯ୍ୟରେ ନିଯୁକ୍ତ କରି ରଖନ୍ତୁ। ତେବେ ଯାଇଁ ମନରେ କୌଣସି ଦୁର୍ଭାବନା ପ୍ରବେଶ କରିବ ନାହିଁ। ଶୂନ୍ୟ ନିଷ୍କର୍ମା ମନ ହେଉଛି ଶଇତାନର ଶାଳ। ତେଣୁ ପ୍ରତିମୁହୂର୍ତ୍ତରେ ମନ ଉପରେ ତୀକ୍ଷ୍ଣଦୃଷ୍ଟି ରଖନ୍ତୁ। ନିଜକୁ ସର୍ବଦା କୌଣସି ଏକ କର୍ମରେ ଲଗାଇ ରଖନ୍ତୁ। ବାଜେ କଥା ଓ ଅଯଥା ଗପସପ କରନ୍ତୁ ନାହିଁ। ମନକୁ ସର୍ବଦା ଗୀତା, ଉପନିଷଦ, ଯୋଗବାଶିଷ୍ଟପରି ସଦଗ୍ରନ୍ଥମାନଙ୍କରେ ଦିଆଯାଇଥିବା ବିଚାରରେ ପୂର୍ଣ୍ଣ କରି ରଖନ୍ତୁ।

**ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ : ୭୩୨୫୯୦୪୯୨୭,**
**E-mail : kishorekumarjena.adv@gmail.com**

# ସୁସ୍ଥତାର ମନ୍ତ୍ର


ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ତଣ୍ଟି ପାଖରେ ଟିକେ ଦରଜ ହେଉଛି। ମୁଣ୍ଡ ଭରା ଭରା ଲାଗୁଛି। ନାଁ ଜ୍ୱର ନାହିଁ। କାଶ ବି ହେଉି। କ'ଣ କରୋନା ହୋଇଗଲା କି? ଏହି ଭୟ ଏବେ ଆମ ସଭିଙ୍କ ମତରେ। ଘର ଭିତରେ ନିଜକୁ ଘଣ୍ଟା ଘଣ୍ଟା ଧରି ବନ୍ଦ କରି ବସି ରହିଲେ କାମ କେମିତି ହେବ? ୱାର୍କ ଫ୍ରମ ହୋମ ସୁବିଧା ସମସ୍ତଙ୍କ ପାଖରେ ନାହିଁ। ପୁଣି ସେହି ସୁବିଧା ମିଳିଲେ ଯେ ବଜାରକୁ ଯିବାକୁ ପଡ଼ିବ ନାହିଁ ସେ କଥା ମଧ୍ୟ ଗ୍ୟାରେଣ୍ଟି ଦେଇ କହି ହେବନାହିଁ। ଠିକ ଅଛି ବଜାର ଯିବାକୁ ପଡ଼ିବ ନାହିଁ। ହୋମ ଡେଲିଭରୀରେ ଜିନିଷ ମଗାଇ ପାରିବେ। କନ୍ତୁ ଡେଲିଭରୀ ବୟ ଯେ ସଂକ୍ରମିତ ହୋଇନଥିବ ସେ କଥା କିଏ କହିବ? ମୋଟ ଉପରେ କହିବାକୁଗଲେ ଏବେ ପ୍ରତି ପଦକ୍ଷେପରେ କରୋନା ଭୟ ଆମ ସହିତ ଲାଗି ରହିଛି। କିନ୍ତୁ ଏହି ଭୟ କାରଣରୁ ଅନେକ ଲୋକ ମାନସିକ ଭାବେ ଅସୁସ୍ଥ ହୋଇପଡୁଛନ୍ତି। ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିଗଲେ ଏହା ଶରୀର ପ୍ରତି ମଧ୍ୟ ନକାରାତ୍ମକ ପ୍ରଭାବ ପକାଇବ। ସବୁବେଳେ ଚାପରେ ରହିଲେ ରୋଗ ପ୍ରତିରୋଧକ ଶକ୍ତି କମିଯାଏ ବୋଲି ମଧ୍ୟ ଚିକିତ୍ସା ବିଜ୍ଞାନରେ ଉଲ୍ଲେଖ ରହିଛି। ତେଣୁ ଏଭଳି ପରିସ୍ଥିତିରେ ଆମ ସମସ୍ତଙ୍କୁ ଭୟ ଓ ଚାପମୁକ୍ତ ରହିବାକୁ ହେବ। ଭୟ ଓ ଚାପମୁକ୍ତ ରହିବା ପାଇଁ କହିଦେଲେ ଯେ ଜଣେ ସବୁ ପ୍ରକାର ଭୟ ଓ ଚାପରୁ ନିଜକୁ ମୁକ୍ତ କରିପାରିବ ସେ କଥା ବି ନୁହେଁ। ଚାପମୁକ୍ତ ରହିବା ଏକ ପ୍ରକାର କଳା। ଏହି କଳା ଆମକୁ ଆଜିଠୁ, ଏବେଠୁ ଶିଖିବାକୁ ହେବ। କରୋନା ନ ହୋଇ ମଧ୍ୟ କାଳେ ସଂକ୍ରମିତ ହୋଇଥିବାର ଭୟରୁ ଆମକୁ ଦୂରେଇ ରହିବାକୁ ହେବ। ଆମକୁ ସୁସ୍ଥତାର ମନ୍ତ୍ର ଜାଣିବାକୁ ହେବ। ଯଦି ଆମେ ମାନସିକ ସ୍ତରରେ ସୁସ୍ଥ ରହି ପାରିବା ତେବେ ସର୍ବପ୍ରଥମେ ଆସନ୍ତୁ ଆମେ ଈଶ୍ୱରଙ୍କ ଉପରେ ଭରସା ରଖିବା।

ଭୂତାଣୁ ଆକ୍ରମଣୁ ବଞ୍ଚିବାକୁ ହେଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ନିହାତି ଆବଶ୍ୟକ। କିନ୍ତୁ ଆମ ଜୀବନଯାପନର ନାନା ସମସ୍ୟା କାରଣରୁ କ୍ରମଶଃ କମିବାରେ ଲାଗିଛି ମଣିଷର ରୋଗ ପ୍ରତିରୋଧକ କ୍ଷମତା। ରୋଗ ପ୍ରତିରୋଧକ ଶକ୍ତି ବଜାୟ ରଖିବା ପାଇଁ କେଉଁ ଅଭ୍ୟାସ ଗୁଡ଼ିକ ଉପରେ ଜୋର ଦେବା ଆବଶ୍ୟକ ଜାଣନ୍ତୁ। ପାଣି ପିଇବାରେ ଅଳସୁଆମି କରନ୍ତୁ ନାହିଁ। ଶରୀରରେ ଜଳର ପରିମାଣ କମିଗଲେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ କମିଯାଏ। ଶରୀରରେ ଜମା ହୋଇଥିବା ଜୀବାଣୁ, ଭୂତାଣୁ ମୂତ୍ର ସହିତ ବାହାରିଯାଆନ୍ତି। କିନ୍ତୁ ପାଣି ପିଇବା କମିଗଲେ ସେଗୁଡ଼ିକ ଶରୀରରୁ ସହଜରେ ବାହାରି ପାରନ୍ତି ନାହିଁ। ଆଉ ଏକ ଅଭ୍ୟାସ ଉପରେ ଗରୁତ୍ୱ ଦେବାକୁ ଭୁଲିବେ ନାହିଁ। ତାହା ହେଉଛି ନିୟମିତ ନିଦ୍ରା। ପ୍ରତିଦିନ ଭିନ୍ନ ଭିନ୍ନ ସମୟରେ ଶୋଇବା ଏବଂ ପର୍ଯ୍ୟାପ୍ତ ମାତ୍ରାରେ ନ ଶୋଇବା ନିଦ୍ରା ଯିବାର ଏହି ଦୁଇଟି ବଦଭ୍ୟାସକୁ ଛାଡ଼ିବାକୁ ହେବ। ଅନିୟମିତ ନିଦ୍ରା ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ନଷ୍ଟ କରେ ବୋଲି ଚିକିତ୍ସକମାନେ କୁହନ୍ତି। ସଠିକ ମାତ୍ରାରେ ନିଦ ନ ହେଲେ ଦୁର୍ବଳ ଅନୁଭବ ହୁଏ। ତେଣୁ ରୋଗ ସହିତ ମୁକାବିଲା କରିବାର କ୍ଷମତା ମଧ୍ୟ ପ୍ରଭାବିତ ହୋଇଥାଏ। ରୋଗ ପ୍ରତିରୋଧକ ଶକ୍ତି କମାଇବାରେ ଧୂମପାନର ଭୂମିକା ସବୁଠୁ ଅଧିକ। ତେଣୁ ଏହି କୁଅଭ୍ୟାସଗୁଡ଼ିକୁ ଆଜି ହିଁ ବିଦାୟ ଜଣାନ୍ତୁ। ଧୂମପାନ କରୁନଥିଲେ ମଧ୍ୟ ଯିଏ ଧୂମପାନ କରିଥିବେ ତାଙ୍କ ସଂସ୍ପର୍ଶରୁ ମଧ୍ୟ ଦୂରେଇ ରହିବାର ଅଭ୍ୟାସ ଗଢ଼ି ତୋଳନ୍ତୁ। ସବୁବେଳେ ଗୋଟିଏ ଜାଗାରେ ବସି ରହିବା ବଦଳରେ ଟିକେ ଚଲାବୁଲା କରିପାରିବେ। ଘର ଭିତରେ ହିଁ ନିଜ କାମ ନିଜେ କରିବାର ଅଭ୍ୟାସ ଆପଣାନ୍ତୁ। ନିଜ ପୋଷାକ ନିଜେ ସଫା କରନ୍ତୁ, ଶୁଖାନ୍ତୁ, ଇସ୍ତ୍ରୀ କରନ୍ତୁ। ଫଳରେ ଲଣ୍ଡ୍ରି ଯିବାର ଅଭ୍ୟାସ କମିବ। ଆଉ ଆପଣ ସେଇ ବାହାନାରେ ଟିକେ କାମ କରିପାରିବେ ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହେବ। ରସପ୍ତାହରେ ଥରେ ଘର ଝଡ଼ା, ପୋଛା ଆଦି କରନ୍ତୁ। ଦେଖିବେ ଥକ୍କା ଲାଗିବ ନିଶ୍ଚୟ। କିନ୍ତୁ ଆପଣଙ୍କୁ ଶୋଷ ହେବ। ଭୋକ ବି ଭଲ କରି ଲାଗିବ। କାରଣ ଏସବୁ କାମ କଲାବେଳେ ଶରୀରରୁ ଝାଳ ତ ବାହାରିବ ନିଶ୍ଚୟ। ଶେଷରେ ରହିଲା ମନକୁ ହାଲୁକା ରଖିବାର ଅଭ୍ୟାସ ସୃଷ୍ଟି କରିବା। ମାନସିକ ଭାବେ ଚାପମୁକ୍ତ ରହିବାର ଅନେକ ଉପାୟ ଅଛି। ଯେଉଁ ଉପାୟଟି ଆପଣଙ୍କ ପାଇଁ ସହଜ ହେଉଛି ସେଇଟିକୁ ବାଛି ନିଅନ୍ତୁ।

ଖାଦ୍ୟାଭ୍ୟାସରେ ଆଣନ୍ତୁ ପରିବର୍ତ୍ତନ। ତେଣୁ ଏହି ସମୟରେ ଖିଆପିଆ ଉପରେ ନଜର ଦେବା ନିହାତି ଆବଶ୍ୟକ। ବଢ଼ାଇବାକୁ ହେବ ରୋଗ ପ୍ରତିରୋଧକ କ୍ଷମତା। କ'ଣ ଖାଇବେ, କେଉଁ ଖାଦ୍ୟ ଏଡ଼ାଇ ଚାଲିବେ ଏସବୁ କଥା ଭୁଲିଗଲେ ଚଳିବ ନାହିଁ। ତେଣୁ ନିଜ ଶରୀରର ଆବଶ୍ୟକତା ଅନୁସାରେ ଆମକୁ ଡାଏଟ ମାନି ଚଳିବାକୁ ହେବ। ଡାଏଟିଶିଆନ ଓ ନ୍ୟୁଟ୍ରିଶନିଷ୍ଟ ମାନଙ୍କ ଅନୁସାରେ ଯେଉଁ ମାନଙ୍କର ପେଟର ସମସ୍ୟା ରହିଛି ବା ଅତ୍ୟଧିକ ଏସିଡିଟି ଅଛି ସେମାନେ ଲେମ୍ବୁ, ଭିନେଗାର ମିଶିଥିବା ଖାଦ୍ୟ ଏଡାଇ ଚାଲନ୍ତୁ। ଯଦି ଭିଟାମିନ ସି ପାଇଁ ନିହାତି ଲେମ୍ବୁ ଖାଇବାକୁ ପଡୁଥାଏ ତେବେ ଡାଲିରେ ଲେମ୍ବୁ ରସ ମିଶାଇ ଖାଇପାରିବେ। କିନ୍ତୁ ଖାଲି ପେଟରେ ଆଦୌ ନୁହେଁ। ଫଳ, ପନିପରିବା, ଶାଗ ଆଦି ଅଧିକ ପରିମାଣରେ ଖାଇବାକୁ ହେବ। କେବଳ ଭିଟାମିଟ ସପ୍ଲିମେଣ୍ଟ ଭାବରେ ମିଳୁଥିବା ଟାବଲେଟ ଗିଳିଦେଲ ଯେ କାମ ସରିଲା ଏଭଳି ଭାବନାରୁ ନିବୃତ୍ତ ରହିବାକୁ ହେବ। ଏମିତି ଖାଦ୍ୟ ଯେଉଁଥିରେ ଭିଟାମିନ ଏ, ସି, ଡି ଏବଂ ଜିଙ୍କ ରହିଛି ସେଗୁଡ଼ିକ ଖାଇବା ଉପରେ ଜୋର ଦିଅନ୍ତୁ। ଦହି, ଫଳ ଆଦି ଦେଇ ପାନୀୟ ତିଆରି କରି ପିଇପାରିବେ। ବାଦାମ, ବଟର ଆଦି ଅଳ୍ପ ଅଳ୍ପ କରି ଖିଆ ଯାଇପାରିବ। କେବଳ ଅଧିକ ପାଣି ପିଇଦେଲେ ଚଳିବ ନାହିଁ। ଅଦା, ଗୋଲମରିଚ ମିଶା ଚା, ଚିକେନ କିମ୍ବା ଭେଜିଟେବଲ ସୁପ, ଫଳରସ, ପଇଡ଼ ପାଶଣିକୁ ମଧ୍ୟ ଡାଏଟରେ ବାଧ୍ୟତାମୂଳକ ଭାବରେ ସାମିଲ କରନ୍ତୁ। ଅଧିକ ଦୁର୍ବଳ ଲାଗୁଥିଲେ ମଝିରେ ମଝିରେ ଗ୍ଲୁକୋନ ଡି, ଇଲେକ୍ଟ୍ରୋଲାଇଟ ପାନୀୟ ମଧ୍ୟ ପିଇପାରିବେ। କୋଭିଡ଼ ସଂକ୍ରମିତ ହେବା ପରେ ଅନେକଙ୍କ ସ୍ୱାଦ ବାରିବାର କ୍ଷମତା ଚାଲିଯାଇଥାଏ। ତେଣୁ ଖାଇବାରେ ସମସ୍ୟା ହୋଇଥାଏ। ତେଣୁ ପାଟିକୁ ଭଲ ଲାଗିବ ବୋଲି ଅଧିକ ତେଲମସଲା ଦିଆ ଚଟାପଟ ଖାଦ୍ୟ ଖାଇଦେଲେ ଚଳିବ ବୋଲି ଯଦି କେହି ଭାବୁଥାନ୍ତି ତେବେ ସେହି ଭାବନାରୁ ଦୂରରେ ରୁହନ୍ତୁ। ଅଳ୍ପ ତେଲ ମସଲାରେ ମଧ୍ୟ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ।

ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ ସ୍ୱୀକାର କରିଛି ଯେ ପ୍ରାକୃତିକ ଜଡ଼ିବୁଟିରେ ରହିଛି ଅନେକ ରୋଗ ପ୍ରତିରୋଧକ କ୍ଷମତା। ଅଦା, ମହୁ, ତୁଳସୀପତ୍ର, ଲବଙ୍ଗ, ଡାଲଚିନି, ମିଶ୍ରି, ତେଜପତ୍ର, ଗୋଲମରିଚ ଆଦି ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଶକ୍ତି କରିପାରିବ। ଖାଦ୍ୟ ତାଲିକାରେ ଏସବୁ ଜିନିଷ ସାମିଲ କରନ୍ତୁ। ସମ୍ଭବ ହେଲେ ଏହି ସବୁ ଜିନିଷ ମଧ୍ୟରୁ କେତୋଟିକୁ ଏକାଠି କରି ପାଣିରେ ଫୁଟାଇ ଦିନକୁ ଦୁଇରୁ ତିନିଥର ଅଳ୍ପ ଅଳ୍ପ କରି ପିଅନ୍ତୁ। ଗଳା ଦରଜ ହୋଇଥିଲେ ଉପକାର ପାଇବେ। ଏହା ସହିତ କଫ ମଧ୍ୟ କମିବ। ଏହା ବ୍ୟତୀତ ହଳଦୀର ଉପକାରିତା ବିଷୟରେ ଆପଣମାନେ ଜାଣିଥିବେ। କିନ୍ତୁ କ୍ଷୀରରେ ହଳଦୀ ମିଶାଇ ପିଇଲେ ଦେହହାତ ବିନ୍ଧାରୁ ଅନେକାଂଶରେ ଆରାମ ପାବେ। କ୍ଷୀର ଦେହରେ ଯାଉନଥିଲେ ଉଷୁମ ପାଣିରେ ସାମାନ୍ୟ ହଳଦୀ ଓ ମହୁ ମିଶାଇ ପିଇପାରିବେ। ପାଟିରେ ପାନ ଜାକିବା ବଦଳରେ ଛୋଟ ଅଦା ଖଣ୍ଡେ କିମ୍ବା ଅଁଳା ଜାକିବାର ଅଭ୍ୟାସ ଆଜିଠୁ ଆରମ୍ଭ କରିଦିଅନ୍ତୁ।

ବର୍ତ୍ତମାନ ମଣିଷ ଚାହିଁଲେ ବି ଖୁସି ରହିପାରୁନାହିଁ। ଭୟର ବାତାବରଣ ଭିତରେ ଖୁସି ରହିବା ସମସ୍ତଙ୍କ ପକ୍ଷରେ ସହଜ ହୋଇନପାରେ। ଚିକିତ୍ସା ବିଜ୍ଞାନ ମଧ୍ୟ ଏକଥା ସ୍ୱୀକାର କରିଛି। ଯେ ଖୁସି ରହୁଥିବା ଲୋକମାନେ ଦୀର୍ଘାୟୁ ହୋଇଥାନ୍ତି। ଜାଣନ୍ତି କି ଯୋଗାସନ ମଣିଷକୁ ଖୁସି ରଖିବାରେ ବେଶ ସହାୟକ ହୋଇପାରିବ। ଏକଥା ମନୋବିଦମାନେ ମଧ୍ୟ ଜୋର ଦେଇ କହୁଛନ୍ତି। ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ ଏହା ସ୍ୱୀକାର କରିଛି ଯେ ମଣିଷ ଖୁସିରେ ରହିବାକୁ ଚାହିଁଲେ ଯୋଗର ସହାୟତା ନିଆଯାଇପାରିବ। ତେବେ ସବୁ ଯୋଗମୁଦ୍ରା ନୁହେଁ, ବରଂ କେତୋଟି ନିର୍ଦ୍ଦିଷ୍ଟ ଯୋଗ ମଣିଷକୁ ଖୁସି ରଖିବାରେ ସହାୟକ ହୋଇପାରିବ। ପ୍ରାଣ ଯୋଗକୁ ଖୁସି ଏବଂ ଚାପମୁକ୍ତ ଜୀବନର ମୂଳମନ୍ତ୍ର କୁହାଯାଉଛି। ଏହି ଯୋଗମୁଦ୍ରାକୁ ନିୟମିତ ଅଭ୍ୟାସ କରିବା ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର ହେଉଥିବାର ପ୍ରମାଣ ମିଳିଛି। ତେବେ ଉଚ୍ଚ ରକ୍ତଚାପ ରୋଗୀମାନେ ଏହି ମୁଦ୍ରା ଅଭ୍ୟାସ କରିବା ପୂର୍ବରୁ ଚିକିତ୍ସକଙ୍କ ସହିତ ପରାମର୍ଶ କରିନେବା ଉଚିତ। ପ୍ରାଣଯୋଗ କରିବା ଦ୍ୱାରା କେବଳ ମନ ଚାପମୁକ୍ତ ରହେନାହିଁ ବରଂ ମନରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ ଓ ଏକାଗ୍ରତା ବଢିଥାଏ। ସାମଗ୍ରିକ ଭାବେ ସୁସ୍ଥ ରହିବାକୁ ହେଲେ ଯୋଗ ଓ ପ୍ରାଣାୟମ ଅଭ୍ୟାସ ଉପର ଗୁରୁତ୍ୱ ଦିଅନ୍ତୁ। ଜିମ ଯାଇ ବ୍ୟାୟାମ କଲେ ଯେ ସୁସ୍ଥ ରହିବେ ଏମିତି ନୁହେଁ। ନିୟମିତ ଭାବେ ଯୋଗାସନ କରିବା ଦ୍ୱାରା ଆପଣ ସୁସ୍ୱାସ୍ଥ୍ୟର ଅଧିକାରୀ ହୋଇପାରିବେ। ତେବେ ଯୋଗ କରିବା ପୂର୍ବରୁ କେତୋଟି କଥା ମନେ ରଖିବାକୁ ହେବ। ମନଇଚ୍ଛା ଯୋଗାଭ୍ୟାସ କରନ୍ତୁ ନାହିଁ। ୟୁଟ୍ୟୁବ କିମ୍ବା ହ୍ୱାଟସଆପ ଦେଖି ନିଜ ଇଚ୍ଛାନୁସାରେ ଯୋଗାସନ କରିବା ବି ଠିକ ନୁହେଁ। ଯୋଗାଭ୍ୟାସ କରିବା ଆଗରୁ ନିଜ ଶରୀରର ଗଠନ କିପରି ତାହା ବୁଝିବାକୁ ହେବ। ଘର ଭିତରେ ହିଁ ଆପଣ ଏହି ବ୍ୟାୟାମ କରିପାରିବେ। ହାଲୁକା ଗୀତ ଶୁଣି ଶୁଣି ବ୍ୟାୟାମ ଅଭ୍ୟାସ କରନ୍ତୁ। ରିଦିମିକ ଏକ୍ସରସାଇଜ ସହଜରେ କରାଯାଇପାରିବ। ପ୍ରାଣାୟାମ କ୍ଷେତ୍ରରେ ବି ସେହି ଏକା ନିୟମ ଲାଗୁ ହୋଇଥାଏ। ମନଇଚ୍ଛା ନିଃଶ୍ୱାସ ପ୍ରଶ୍ୱାସ ନେବା ଛାଡ଼ିବା କେବେ ବି ପ୍ରାଣାୟାମ ହୋଇନପାରେ। ପ୍ରାଣାୟାମ କରିବାର ମଧ୍ୟ ଏକ ବିଧି ଅଛି। ସେହି ବିଧି ମାନି ପ୍ରାଣାୟାମ କଲେ ଲାଭ ମିଳିବ। ପ୍ରାଣାୟାମ କରିବା ପୂର୍ବରୁ ଡିପ ବ୍ରିଦିଂ ଏକ୍ସରସାଇଜ କରିପାରିବେ। ମନେ ରଖନ୍ତୁ ଗୋଟିଏ ଦିନରେ ଯୋଗ କି ପ୍ରାଣାୟାମ ଏକ୍ସପର୍ଟ ହେବା ଆଦୌ ସମ୍ଭବ ନୁହେଁ। କିନ୍ତୁ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଆପଣ ଆଜିଠାରୁ ହିଁ ଆପଣେଇ ପାରିବେ ବ୍ୟାୟାମ, ଯୋଗ ଓ ପ୍ରାଣାୟାମ। ସାରା ବିଶ୍ୱ ଜାଣି ସାରିଛି ଭାରତୀୟ ଯୋଗର ମହନୀୟତା ବିଷୟରେ। ତେଣୁ ଆପଣ କାହିଁକି ଏହି ଅଭ୍ୟାସର ଲାଭ ଉଠାଇବେ ନାହିଁ?

**କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ,**
**ଏମ୍‌ଆରଆଇ କେନ୍ଦ୍ର,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ**
**କଲେଜ, କଟକ,**
**E-mail :**
**drprafulldas007@gmail.com**

# ସ୍କେଟିଂରେ ଇଣ୍ଡିଆ ବୁକ ଅଫ୍ ରେକର୍ଡରେ ଅଲାନ୍ୟା




**ସମ୍ବଲପୁର,(ଡିକେ ନ୍ୟୁଜ):** ଅଲାନ୍ୟା ସାହୁ (୫ବର୍ଷ) ମାଆ ପୂଜା ସାହୁ ଏବଂ ବାସୁଦେବ ସାହୁଙ୍କର କନ୍ୟା। ଘର ବରଗଡର ଦୁଲମପୁର। ବାପା ଅବସରପ୍ରାପ୍ତ ନୌସେନା। ୨୦୨୩ରେ ଅବସର। ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ଚାକିରି କରୁଛନ୍ତି। ଝିଅ ଏବେ ୟୁକେଜିରେ। ଦେଢବର୍ଷ ବୟସରେ କର୍ଣ୍ଣାଟକ କାରଓ୍ୱା ନେଭାଲ ବେସରେ ଥିବା ସମୟରେ ଛୁଆମାନଙ୍କୁ ସ୍କେଟିଂ କରୁଥିବା ଦେଖି ସ୍କେଟିଂ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ପ୍ରଥମେ ସ୍କେଟିଂକୁ ଖେଳ ଭାବରେ ଆରମ୍ଭ ହୋଇଥିଲା। ତେବେ ଝିଅର ଆଗ୍ରହ ଦେଖି ସ୍କେଟିଂକୁ ଗମ୍ଭୀରତାର ସହ ନେଇଥିଲେ। ସେଠାରେ ଦେଢବର୍ଷ ଛୁଆକୁ ସ୍କେଟିଂ ଶିଖାଇ ବାକୁ ମନା କରିଦେଇଥିଲେ। ହେଲେ ମାଁ ବାପା ଛୁଆକୁ ରାସ୍ତାରେ ନିଜେ ସ୍କେଟିଂ ଶିଖାଇଥିଲେ। ନେଟରୁ ସାଢ଼େ ପାଞ୍ଚ ବର୍ଷ ର ଛୁଆଙ୍କ ସ୍କେଟିଂରେ ରେକର୍ଡ ଖୋଜିବା ପରେ ବୁଢ଼ାରଜା ପାହାଡ଼ରେ ପାହାଚରେ ସ୍କେଟିଂ କରିବା ପାଇଁ ଅଭ୍ୟାସ କରିଥିଲେ। ଏଥିପାଇଁ ଇଣ୍ଡିଆ ବୁକ ରେକର୍ଡ ଗୁରଗାଓଁ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଥିଲେ। ଗତ ୧୬ ଏପ୍ରିଲରେ ଭିଡିଓ କରି ପଠାଇଥିଲେ। ଏହାପରେ ଗତ ମେ ୧୬ ତାରିଖରେ ରେକର୍ଡ ଘରକୁ ଡାକଯୋଗେ ପହଞ୍ଚି ଥିଲା। କୋଚ ବୁର୍ଲା ଶଶାଙ୍କ କୁମାର ଦାଶ ନିୟମିତ ରେଲୱେ ଷ୍ଟାଡିୟମରେ ଛଅ ମାସ ହେବ ସ୍କେଟିଂ ଶିଖାଉଛନ୍ତି। ସମ୍ବଲପୁରରେ ଇଣ୍ଡିଆ ବୁକ ରେକର୍ଡ ହାସଲ କରିଛନ୍ତି ସମ୍ବଲପୁର ବୁଢ଼ାରଜା ପାହାଡ଼ର ପାହାଚ ରାସ୍ତାରେ ରୋଲର୍ ସ୍କେଟିଂ ଦ୍ୱାରା ୧୨ମିନଟ ୫୮ ସେକେଣ୍ଡରେ ସମୟ ମଧ୍ୟରେ ମନ୍ଦିର ଉପରକୁ ଚଢ଼ି ଥିଲେ।

# ଏମକେସିଜି ହସ୍ପିଟାଲରେ ଅଭିଜ୍ଞ ଡାକ୍ତରଙ୍କ ଅଭାବ : ମିଳୁନି ସଠିକ୍ ଚିକିତ୍ସା

**ବ୍ରହ୍ମପୁର,(ଡିକେ ନ୍ୟୁଜ):** ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଓ ହସ୍ପିଟାଲ (ଏମକେସିଜି) ବ୍ରହ୍ମପୁରରେ ଅଭିଜ୍ଞ ଡାକ୍ତରଙ୍କ ଅଭାବ ଏବଂ ଅପାରଗତା ଯୋଗୁଁ ରୋଗୀମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ନ ମିଳି କଟକର ଏସସିବି ମେଡିକାଲ ରେଫର କରାଯାଉଛି। ଯାହା ଗରିବ ରୋଗୀଙ୍କ ପାଇଁ ଆର୍ଥିକ ଏବଂ ମାନସିକ ଯନ୍ତ୍ରଣାର କାରଣ ହେଉଛି। ଏହି ସ୍ଥିତି ନେଇ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ଡାକ୍ତରଙ୍କ ବିରୁଦ୍ଧରେ ଆନ୍ଦୋଳନର ଦାବି ଉଠିଛି। ଅଭିଯୋଗ ଅଛି ଯେ ଅନେକ ଡାକ୍ତର ହସ୍ପିଟାଲରେ କାର୍ଯ୍ୟ କରିବା ବଦଳରେ ସହରର ଘରୋଇ କ୍ଲିନିକରେ ସମୟ ବିତାଉଛନ୍ତି। ଫଳରେ, ହସ୍ପିଟାଲରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଯୋଗୁଁ ରୋଗୀମାନେ ଚିକିତ୍ସା ନ ପାଇ ଭୁବନେଶ୍ୱର, କଟକ କିମ୍ବା ଆନ୍ଧ୍ରପ୍ରଦେଶକୁ ଯିବାକୁ ବାଧ ହେଉଛନ୍ତି। ଏହା ଗରିବ ଏବଂ ଅସହାୟ ରୋଗୀଙ୍କ ପାଇଁ ଅତ୍ୟନ୍ତ କଷ୍ଟଦାୟକ। ଜଣେ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି, ଆମେ ଏଠାକୁ ଆସୁଛୁ ଚିକିତ୍ସା ପାଇଁ, କିନ୍ତୁ ଡାକ୍ତର ନାହାନ୍ତି କି ସଠିକ ଚିକିତ୍ସା ମିଳୁନାହିଁ। କଟକ ଯିବା ପାଇଁ ଆମ ପାଖରେ ଟଙ୍କା କେଉଁଠୁ ଆସିବ? ଏହା ବ୍ୟତୀତ, ହସ୍ପିଟାଲରେ ଅତ୍ୟଧିକ ଭିଡ଼, ଅପରିଷ୍କାର ପରିବେଶ ଏବଂ ଅକାର୍ଯ୍ୟକ୍ଷମ ଯନ୍ତ୍ରପାତି ସମସ୍ୟାକୁ ଆହୁରି ଗମ୍ଭୀର କରୁଛି। ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ ହସ୍ପିଟାଲ ପ୍ରଶାସନ ଏବଂ ସରକାର ଏହି ସମସ୍ୟା ପ୍ରତି ଉଦାସୀନୟ ଜଣେ ସାମାଜିକ କର୍ମୀ କହିଛନ୍ତି, ଏହା ଏକ ଲଜ୍ଜାଜନକ ସ୍ଥିତି। ଗରିବ ଲୋକଙ୍କ ଜୀବନ ନେଇ ଖେଳାଯାଉଛି। ଏହା ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ ହେବା ଉଚିତ। ଏମକେସିଜିର ଡିନ୍ (ଭାରପ୍ରାପ୍ତ) ଡକ୍ଟର ସୁଚିତ୍ରା ଦାସ କହିଛନ୍ତି ଯେ ଡାକ୍ତରଙ୍କ ଅନୁପସ୍ଥିତି ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି ଏବଂ ଆବଶ୍ୟକ ପଦକ୍ଷେପ ନିଆଯିବ। କିନ୍ତୁ ରୋଗୀ ଓ ସେମାନଙ୍କ ପରିବାର ଏହି ଆଶ୍ୱାସନାରେ ସନ୍ତୁଷ୍ଟ ନୁହନ୍ତି। ସ୍ଥାନୀୟ ଲୋକେ ଏବଂ ରୋଗୀମାନେ ଦାବି କରୁଛନ୍ତି ଯେ ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ନିଯୁକ୍ତି, ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ଏବଂ ହସ୍ପିଟାଲରେ ମୌଳିକ ସୁବିଧାର ଉନ୍ନତି କରାଯାଉ। ଏହି ସଙ୍କଟମୟ ସ୍ଥିତି ଦୃଷ୍ଟିରେ ବ୍ରହ୍ମପୁରର ଜନସାଧାରଣ ଏକଜୁଟ ହୋଇ ଏମକେସିଜି ହସ୍ପିଟାଲରେ ସୁଧାର ପାଇଁ ସରକାର ଏବଂ ପ୍ରଶାସନ ଉପରେ ଚାପ ସୃଷ୍ଟି କରିବାକୁ ପ୍ରସ୍ତୁତ ହେଉଛନ୍ତି। ଯଦି ଶୀଘ୍ର ସମସ୍ୟାର ସମାଧାନ ନ ହୁଏ, ତେବେ ଏକ ବଡ଼ ଧରଣର ଆନ୍ଦୋଳନ ଅନିବାର୍ଯ୍ୟ ହୋଇପଡ଼ିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

# ମୋଟାବାଡି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଝୁଲୁଛି ତାଲା: ଲୋକେ ହନ୍ତସନ୍ତ



**ବୁଗୁଡ଼ା,(ଡିକେ ନ୍ୟୁଜ):** ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଝୁଲୁଛି ତାଲା ବାବୁ ନାହାନ୍ତି ଚେୟାର ପଡିଛି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ। ବଦଳି ଯାଇଛି ସରକାର କିନ୍ତୁ ବଦଳି ପାରୁନି ସରକାରୀ ବ୍ୟବସ୍ଥା ଓ ବାବୁମାନଙ୍କ କାର୍ଯ୍ୟ କରିବାର ଢାଞ୍ଚା। ସରକାରୀ ନିୟମକୁ ବେଖାତିରି କରି ଠିକ୍ ସମୟର ଉପସ୍ଥିତ ରହୁନାହାନ୍ତି ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟର ବାବୁମାନେ। ପଚାରିଲେ କୁହନ୍ତି ଆମେ ଫିଲ୍ଡ କାମରେ ଯାଉଛୁ। ପ୍ରତ୍ୟେକ ଦିନ ଦୂରଦୂରାନ୍ତରୁ ଗ୍ରାମାଞ୍ଚଳର ଲୋକେ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟକୁ ନିଜର ବିଭିନ୍ନ କାମ ନେଇ ଆସିଥାନ୍ତି। କିନ୍ତୁ କାର୍ଯ୍ୟାଳୟରେ ତାଲା ପଡ଼ିଥିବାରୁ ସେମାନେ ନିରାଶ ହୋଇ ଫେରିଯାଉଥିବାର ଦେଖିବାକୁ ମିଳୁଛି। ମୋଟାବାଡି ରାଜସ୍ୱ ମଣ୍ଡଳ ଅଧିନରେ ବହୁ ଗ୍ରାମ ରହିଥିବା ବେଳେ ଆଜି ଗୌଡିଆ ବୋରୋଦାର ରିନା ସାହୁ, ଡାକରାବାଡିର ଅଞ୍ଜଳି ପ୍ରଧାନ ଅଫିସ ବାହାରେ ଖରାରେ ବସିଥିବା ଦେଖିବାକୁ ମିଳିଥିଲା। ସେମାନଙ୍କୁ ପଚାରିବାରୁ ସେମାନଙ୍କ ଦୁଇଦିନ ହେଲା ଆସି ଢ଼ହ ଢ଼ହ ଖରାରେ ଫେରିଯାଉଥିବା କଥା କହିଥିଲେ। ହେଲେ ଏଠି ପ୍ରଶ୍ନ ଉଠୁଛି ଆରଆଇ ବାବୁ ଜଣଙ୍କ କଣ ପାଇଁ ସରକାରୀ ନିୟମକୁ ମାନୁ ନାହାନ୍ତି। ଯଦି ଉପରିସ୍ଥ ଅଧିକାରୀ ଏହାର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଏ ବାବୁ ମାନଙ୍କୁ ତାଗିଦ୍ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ଦେଖାଯାଉ ଏ ଖବର ପ୍ରସାରଣ ପରେ ପ୍ରଶାସନର ନିଦ କେବେ ଭାଙ୍ଗୁଛି ଏବଂ ବାବୁମାନଙ୍କୁ କି ପ୍ରକାର ତାଗିଦ୍ ମିଳୁଛି ତାହା ଦେଖିବାକୁ ବାକି ରହିଲା।

# ସୁକିନ୍ଦା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

**ଯାଜପୁର,(ଡିକେ ନ୍ୟୁଜ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୭୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୪ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୪୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୪୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ୍, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ତହସିଲଦାର, ସୁକିନ୍ଦା ମାନସ ରଞ୍ଜନ ତ୍ରିପାଠୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ସୁକିନ୍ଦା ବ୍ଲକ ପିଙ୍ଗଳ ଗ୍ରାମ ପଞ୍ଚାୟତର ଦିବ୍ୟାଙ୍ଗ ପ୍ରେମଲତା ବେହେରାଙ୍କୁ ଏକ ଟ୍ରାଇ ସାଇକଲ ବଣ୍ଟନ କରାଯାଇଥିଲା।

# ପ୍ରକଳ୍ପ ଅଧିକାରୀଙ୍କ ପୀରଜାହାନିଆଁ ପର୍ଯ୍ୟଟନ ସ୍ଥଳ ଉନ୍ନତି ପାଇଁ ପରିଦର୍ଶନ



**ଅସ୍ତରଙ୍ଗ,(ଡିକେ ନ୍ୟୁଜ):** ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ଜାହାନିଆଁ ପର୍ଯ୍ୟଟନ ସ୍ଥଳ ବେଳାଭୂମି ସହ ପାରିପାର୍ଶ୍ୱିକ ଉନ୍ନତି ପାଇଁ ଆଜି ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ପରିଦର୍ଶନ କରିଥିଲେ। ଆଜି ଦିନ ୧୧ଟା ସମୟରେ ପୀର ଜାହାନିଆଁ ଠାରେ ପହଞ୍ଚି ପର୍ଯ୍ୟଟନ ସ୍ଥଳର ପିଇବା ପାଣି, ପରିମଳ, ପାର୍କିଙ୍ଗି ସହ ବିଭିନ୍ନ ଆବଶ୍ୟକୀୟ ସୁବିଧା ତଥା ବ୍ୟବସାୟୀମାନଙ୍କ ପାଇଁ ନୂତନ ଦୋକାନ ଗୃହ ନିର୍ମାଣ ସ୍ଥାନ ପରିଦର୍ଶନ କରିଥିଲେ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପର୍ଯ୍ୟଟନ ସ୍ଥଳରେ ପର୍ଯ୍ୟଟକଙ୍କ ଆବଶ୍ୟକୀୟ ସୁବିଧା ଉପରେ ପୀରଜାହାନିଆଁ ବ୍ୟବସାୟୀ ସଂଘ ସଭାପତି ବୃନ୍ଦାବନ ବିଶ୍ୱାଳ ପ୍ରକଳ୍ପ ଅଧିକାରୀଙ୍କ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ମଣ୍ଡଳ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା, ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ସେଠି, କନିଷ୍ଠ ଯନ୍ତ୍ରୀ ରଶ୍ମିରେଖା ସାହୁ, ସରୋଜ ଛାଟୋଇ ଓ ଅସ୍ତରଙ୍ଗ ଥାନା ଉପନିରୀକ୍ଷକ ଅନିରୁଦ୍ଧ ଜାଲି ପ୍ରମୁଖ ଉପସ୍ଥିତ ଥିଲେ।

# ବଇଣ୍ଡା ଚନ୍ଦନ ଯାତ୍ରା ମହାଆଡମ୍ବରରେ ପାଳିତ

**ଆଠମଲ୍ଲିକ,(ଡିକେ ନ୍ୟୁଜ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡର ବଇଣ୍ଡା ଠାରେ ଆରମ୍ଭ ହୋଇଛି ଅଞ୍ଚଳ ପ୍ରସିଦ୍ଧ ଚଦନ ଯାତ୍ରା ତଥା ପ୍ରଭୂ ଶ୍ରୀଶ୍ରୀ ରାଧାକୃଷ୍ଣଙ୍କ ଚାପଖେଳ। ଏହି ଅବସରରେ ବଇଣ୍ଡା ବିକାଶ ପରିଷଦ ଓ ଚନ୍ଦନ ଯାତ୍ରା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମୀନାବଜାର, ସହିତ ବ୍ରେକଡାନ୍ସ, ରାମଦୋଳି, ବିଭିନ୍ନ ପ୍ରକାରର ମନୋହରି ଦୋକନ, ଅକ୍ଷୟ ତୃତୀୟା ପରଠାରୁ ଏହି ମହାନ୍ ଗଣପର୍ବରେ କୃଷି ଭିତ୍ତିକ ସରଞ୍ଜାମ କିଣି ଚାଷୀ ତାର ଆଗାମୀ ଚାଷ କିପରି ଭଲରେ କଟିବ ମନସ୍କାମନା କରିଥାନ୍ତି। ସଂଧ୍ୟାରେ ଶ୍ରୀଜୀଉଙ୍କୁ ସ୍ନାନ କରିବା ପାଇଁ ଚନ୍ଦନ ପୋଖରୀ ନିଆଯାଇ ଯାତ୍ରାପଡିଆରେ ଥିବା ଅସ୍ଥାୟୀ ମଣ୍ଡପକୁ ନିଆଯାଇ ସେଠାରେ ପୂଜା ଅର୍ଚ୍ଚନା ପରେ ଚନ୍ଦନନଗର ନିଆଯାଇ ଥାଏ। ସେଠାରୁ ମଧ ରାତ୍ରରେ ଶ୍ରୀ ଜୀଉଙ୍କ ଦୋଳ ଗୋବିନ୍ଦକୁ ତଥା ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମାଙ୍କୁ ଏକ ସୁସଜ୍ଜିତ ରଥରେ ଭକ୍ତମାନଙ୍କ ଦ୍ୱାରା ଘଣ୍ଟ ବାଦ୍ୟ, ଲଉଡ଼ି ବାଡି, ଶଙ୍ଖ ବାଦ୍ୟ, ନାମ ସଂକୀର୍ତ୍ତନ, ବୌଦ୍ଧରୁ ଦୁଲ୍‌ଦୁଲି ବାଦ୍ୟ, ପୁରୀରୁ, ନାଗା ନୃତ୍ୟ ଗ୍ରୁପ, ବିଭିନ୍ନ ପ୍ରକାର ପାରମ୍ପରିକ ନୃତ୍ୟକୁ ଓ ଡ଼ିଜେର ତାଳେ ତାଳେ ହଜାର ହଜାର ଯାତ୍ରା ପ୍ରେମୀ ନାଚ ଗୀତର ମଜା ନେଇଥିଲେ। ଏଥି ସହିତ ରଙ୍ଗବେରଙ୍ଗର ଆତଶ ବାଜି ଓ ଆଧାତ୍ମିକ ପରିବେଶ ମଧ୍ୟରେ ଚିନ୍ତାମଣି ସାହୁ, ଦୀପକ ସାହୁ, ବିଶ୍ୱଜିତ ପଟ୍ଟନାୟକ ସୁଚନା ଓ ଧାରା ବୀବରଣୀ ସହଯୋଗ କରିଥିଲେ। ଶ୍ରୀ ଜୀଉଙ୍କୁ ଚନ୍ଦନପୋଖରୀକୁ ନିଆଯାଇ ସେଠାରେ ପ୍ରାତଃରେ ଶ୍ରୀ ଜୀଉଙ୍କୁ ଡଙ୍ଗାରେ ଜଳକ୍ରୀଡା ତଥା ଚାପଖେଲା ରୀତି ନୀତି କରାଯାଇଥିଲା। ଏହି ଯାତ୍ରାରେ ଓଡ଼ିଶାର ଖ୍ୟାତନାମା ଲୁବୁନ ତୁବୁନ ଡ୍ୟାନ୍ସ ଗ୍ରୁପ୍ , ସୁନାମ ଧନ୍ୟ କଣ୍ଠଶିଳ୍ପୀ ଦିପ୍ତିରେଖା ଓ ସାଥି ଓ ଦେବ ଶଙ୍କର, କଣ୍ଠ ଶିଳ୍ପୀ ଲିପସା ମହାପାତ୍ର ଓ ସାଥୀ ଯାତ୍ରା ର ପରବର୍ତ୍ତୀ ଦିନ ମାନଙ୍କରେ କାର୍ଯ୍ୟକ୍ରମରେ ଦର୍ଶକଙ୍କ ଚନ୍ଦନ ମହୋତ୍ସବରେ ମନମୁଗ୍ଧ କରିବେ ବୋଲି କମିଟି ପକ୍ଷରୁ ସଭାପତି ଜିତେନ୍ଦ୍ର କୁମାର ବେହେରା, ଅଭିରାମ ସାହୁ, ବିନିତ୍ ସାହା ଜଣାଇଛନ୍ତି।

# ହତ୍ୟା ନାଁ ଷଡ଼ଯନ୍ତ୍ର, ଶବକୁ ଖୋଜୁଛି ପୋଲିସ




**ପାରାଦୀପ,(ଡିକେ ନ୍ୟୁଜ):** ବିହାର ଶ୍ରମିକ ହତ୍ୟା ଘଟଣାର ନୂଆ ମୋଡ। ସାଥି ଶ୍ରମିକର ମୁଣ୍ଡକୁ ତାଓ୍ୱାରେ ପିଟି ହତ୍ୟା କରିଥିଲା ଅଭିଯୁକ୍ତ। ଦୋଛକି ନିକଟ ବିଏସ୍ ହେବି ଇଣ୍ଡଷ୍ଟ୍ରିସ୍ କମ୍ପାନୀ ପଛ ପଟେ ଜେସିବି ଲଗାଇ ମୃତ ଦେହକୁ ଖୋଜୁଛି ବିହାର ଓ ପାରାଦ୍ୱୀପ ପୋଲିସ। ଗତ ଫେବୃଆରୀ ମାସରେ ବିହାରର ଗୋରଖ କୁମାର ପାରାଦୀପ ଦୋଛକି ନିକଟରେ ଥିବା ବି.ଏସ୍.ହେବି ଇଣ୍ଡଷ୍ଟ୍ରି କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ସେ ତାର ସାଥି ଶ୍ରମିକ ଅଜୟ କୁମାରଙ୍କ ସହ କମ୍ପାନୀ ପରିସରରେ ଥିବା ମେସ୍ ରେ ରହୁଥିଲେ। ତେବେ କମ୍ପାନୀରେ ରହିବାର କିଛିଦିନ ପରେ ଗୋରଖଙ୍କ ସହ ପରିବାରର କୌଣସି ଯୋଗାଯୋଗ ନ ହେବାରୁ ତାକୁ ଖୋଜିବା ପାଇଁ ତାର ପରିବାର ପାରାଦୀପ ରେ ପହଞ୍ଚି ଜାଣିବାକୁ ପାଇଥିଲେ ଗୋରଖ ନିଖୋଜ ଥିବା ସହ ସାଙ୍ଗରେ ରହୁଥିବା ଅଜୟ ଫେରାର ଥିଲା। ଏନେଇ ଉଭୟ ବିହାର ଓ ପାରାଦୀପ ଲକଥାନାରେ ପରିବାର ଲୋକେ ଅଭିଯୋଗ କରିଥିଲେ। ବିହାର ପୋଲିସ ଫେରାର ଥିବା ଅଜୟ କୁମାରକୁ ଗିରଫ କରି ରିମାଣ୍ଡରେ ପାରାଦୀପ ଆଣି ପଚରାଉଚରା କରିବା ପରେ ଗୋରଖ କୁ ହତ୍ୟା କରି ଫିଙ୍ଗି ଦେଇଥିବା ନେଇ ଅଭିଯୁକ୍ତ ସ୍ୱିକାର କରିଥିଲା। କମ୍ପାନୀ ମେସ୍ ରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସାକୁ ନେଇ ଲୁହା ତାଓ୍ୱାରେ ଗୋରଖଙ୍କ ମୁଣ୍ଡକୁ ପିଟି ହତ୍ୟା କରିବା ସହ କମ୍ପାନୀ ପଛପଟ ସନ୍ତସନ୍ତିଆ ବଣ ଭିତରେ ଫିଙ୍ଗି ଦେଇଥିଲା। ତିନି ମାସ ପରେ ଖୋଜିବା ପାଇଁ ଜେସିବି ସାହାଯ୍ୟ ରେ ଖୋଜା ଚାଲିଛି ମୃତଦେହକୁ। ଘଟଣା ସ୍ଥଳରେ କୁଜଙ୍ଗ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ବିହାର ପୋଲିସ, ପାରାଦିପ ଲକ୍ ପୋଲିସ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ଉପସ୍ଥିତିରେ ଖୋଜା ଚାଲିଛି ଗୋରଖର ମୃତ ଦେହ।

# ଭଞ୍ଜନଗର ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଅଭିଯୋଗ ଶୁଣାଣି

**ଭଞ୍ଜନଗର,(ଡିକେ ନ୍ୟୁଜ):** ଭଞ୍ଜନଗରରେ ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଗଞ୍ଜାମ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ସମୁଦାୟ ୧୮୨ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଆଜିର ଏହି ଅଭିଯୋଗ ମଧ୍ୟରେ ବ୍ୟକ୍ତିଗତ ଅଭିଯୋଗ ୧୭୪ଟି ଥିବାବେଳେ, ଗ୍ରାମୀୟ ଅଭିଯୋଗ ୮ଟି ଥିଲା। ଜିଲ୍ଲାପାଳ ତ୍ୱରିତ ୮ଟି ଅଭିଯାଗର ଫଇସଲା କରିଥିଲେ। ରେଡ଼କ୍ରସ ରିଲିଫ ପାଣ୍ଠିରୁ ଜଣଙ୍କୁ ତିରିଶି ହଜାର ଟଙ୍କା ହିସାବରେ ତିନି ଜଣଙ୍କୁ ନବେ ହଜାର ଟଙ୍କା ଏବଂ ଆଉ ଜଣଙ୍କୁ ଦଶ ହଜାର ଟଙ୍କା, ଅନ୍ୟ ଜଣଙ୍କୁ ଚାରି ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଭଞ୍ଜନଗର ଏନଏସିର ଭିନ୍ନକ୍ଷମ ସୁବାଷ ଚନ୍ଦ୍ର ନାଇକଙ୍କୁ ଏକ ଟ୍ରାଇ ସାଇକଲ ପ୍ରଦାନ କରାଯାଇଥିଲା। ଆଜିର ଅଭିଯୋଗ ସମୟରେ ଅଭିଯୋଗ ଗୁଡିକ ମୁଖ୍ୟତଃ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ଖାଉଟି କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ଭୂମିହୀନଙ୍କ ପାଇଁ ବସୁନ୍ଧରା ଯୋଜନାରେ ଜାଗା ଆବଣ୍ଟନ ଉପରେ ମୁଖ୍ୟତଃ ଥିଲା। ଆଦିବାସୀମାନଙ୍କ ଜଙ୍ଗଲ ଜମି ପଟା ସକାଶେ ସୋରଡ଼ା ବ୍ଲକ ଅଞ୍ଚଳରୁ ଅଭିଯୋଗ ଆସିଥିଲା। ଗ୍ରହଣ କରିଥିବା ଆବେଦନଗୁଡିକର ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ଦିଗରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣି ସମୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷିକ ରଞ୍ଜନ କୁମାର ଦେ, ଭଞ୍ଜନଗର ଡେପୁଟି କଲେକ୍ଟର ସୁମନ ଘୋଷ, ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ଭଞ୍ଜନଗର ତହସିଲଦାର ଅବିନାଶ ମହାର, ଭଞ୍ଜନଗର ବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ପୂର୍ତ୍ତ ବିଭାଗ ଏସଡିଓ ଭଞ୍ଜନଗର ପ୍ରତାପ ନାୟକ, ଭଞ୍ଜନଗର, ବିଜ୍ଞାପିତ ଅଞ୍ଚଳ ଭଞ୍ଜନଗର କାର୍ଯ୍ୟନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା, ଭଂଜନଗର, ସହାୟକ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର, ଜିଲ୍ଲା ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ କୁମାର ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ଏବଂ ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଯୁଗ୍ମ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର



**ବରପାଲି,(ଡିକେ ନ୍ୟୁଜ):** ସୋହେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲଙ୍କ ସମେତ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ କୃଣାଲ ମୋତିରାମ ଚୌହାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଣବ ଶବର, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ଦାଶ ଏଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ କରିସ୍ମା ଭେସ୍ରା ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସୂଚନାଯୋଗ୍ୟକି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୬୩ ଗୋଟି ଅଭିଯୋଗ ମଧ୍ୟରୁ ୩୮ ଗୋଟି ବ୍ୟକ୍ତିଗତ, ୨୫ ଗୋଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଗାଁ ମଝିଦାଣ୍ଡରେ ମୁକୁଳା ଟ୍ରାନ୍ସଫର୍ମର: ବିପଦକୁ ଆମନ୍ତ୍ରଣ



**ସମ୍ବଲପୁର,(ଡିକେ ନ୍ୟୁଜ):** ଡାକୁଛି ବିପଦ। ରାସ୍ତା ମଝିରେ ଟ୍ରାନ୍ସଫର୍ମର। ମୁଣ୍ଡ ଉପରେ ଝୁଲୁଛି ବିଦ୍ୟୁତ ତାର। ସେପଟେ ଶୋଇପଡ଼ିଲାଣି ଅନେକ ବିଦ୍ୟୁତ ଖୁଣ୍ଟ। ବର୍ଷ ବର୍ଷ ଧରି ଅଭିଯୋଗ ପରେ ମଧ୍ୟ ଟିପିଡବ୍ଲୁଡିଓଏଲ ଏହାର ରକ୍ଷଣା ବେକ୍ଷଣ କାର୍ଯ୍ୟକୁ ନିଜର ଉତ୍ତର ଦାୟିତ୍ୱ ବୋଲି ଜାଣି ପାରିନି କି ଏହାର ପରିବର୍ତ୍ତନ ପାଇଁ ମୁଣ୍ଡ ପୁରାଇନି। ଏଣୁ ବିଭାଗୀୟ ଦକ୍ଷତାକୁ ନେଇ କେବଳ ପ୍ରଶ୍ନ ଉଠିନାହିଁ ବରଂ ଆସନ୍ନ ଦୁର୍ଘଟଣାକୁ ଏଡାଇବାକୁ ବିଭାଗୀୟ ତତ୍ପରତା ଦେଖାଦେବା ଉଚିତ୍ ବୋଲି ଏବେ ଜନମତ ସୃଷ୍ଟି ହୋଇଛି। ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ପଡିଆବାହାଲ ବିଦ୍ୟୁତ ସବଷ୍ଟେସନ ଅନ୍ତର୍ଗତ ବାହାମ ପଞ୍ଚାୟତର ନୁଆଁକେଣ୍ଠା ଗ୍ରାମରେ। ଗ୍ରାମବାସୀଙ୍କ ଏହା ବର୍ଷ ବର୍ଷର ଅଭିଯୋଗ। ଅଭିଯୋଗକୁ କିନ୍ତୁ ଖାତିର କରୁନି ଟିପିଡବ୍ଲୁଡିଓଏଲ। ଫଳରେ ଗାଁରେ କେବଳ ଅଶାନ୍ତି ବଢୁନି ବରଂ ଆସନ୍ନ ଦୁର୍ଘଟଣା ଭୟରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏହି ଗାଁରେ ଅନେକ ସମୟରେ ହାତୀଙ୍କ ଉପସ୍ଥିତି ଦେଖିବାକୁ ମିଳିଥାଏ। ଗାଁ ଦାଣ୍ଡରେ ମୁକୁଳା ହୋଇ ପଡ଼ିଥିବା ଟ୍ରାନ୍ସଫରମର କେବଳ ଗାଁକୁ ବିପଦ ନୁହେଁ, ବରଂ ମୁଣ୍ଡ ଉପରେ ଝୁଲୁଥିବା ଓ ଗଛ ବାଡ଼ ଦେଇ ଯାଇଥିବା ବିଦ୍ୟୁତ ତାର ବଡ଼ ବିପଦ ହୋଇ ଠିଆ ହୋଇଛି। ବିଭାଗୀୟ ଅଧିକାରୀଙ୍କ ପାଖରେ ସ୍ପର୍ଶ କରୁନଥିବା ଏହି ସ୍ପର୍ଶକାତର ଅଭାବନୀୟ ଦୃଶ୍ୟ ସାମ୍ନାକୁ ଆସିବା ପରେ ଏବେ ଦେଖିବାକୁ ବାକି ରହିଲା ଟିପିଡବ୍ଲୁଡିଓଏଲ ଏବେ କରୁଛି କଣ? ସେ ଚେତି ଆସନ୍ନ ଦୁର୍ଘଟଣାକୁ ରୋକିବାରେ ପ୍ରତିକାରାତ୍ମକ ବ୍ୟବସ୍ଥା କରିବ ନାଁ ନିଜର ସ୍ୱଭାବରେ ଚୁପ ରହି ଗାଁ ମଣିଷ ଓ ହାତୀଙ୍କୁ ମୃତ୍ୟୁ ମୁଖକୁ ଠେଲିଦେବ?

# ଅଗ୍ନିକାଣ୍ଡରେ ଘର ଜଳି ପାଉଁଶ : ସହାୟତା ଅପେକ୍ଷାରେ ମାନସ



**ବୋଲଗଡ,(ଡିକେ ନ୍ୟୁଜ):** ବୋଲଗଡ ବ୍ଲକ ଅନ୍ତର୍ଗତ କଳାଙ୍ଗ ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମର ଚାଷୀ ମାନସ କୁମାର ମନ୍ତ୍ରୀ (୩୮)ଙ୍କର ଗତ ସପ୍ତାହରେ ୧୩ ତାରିଖଦିନ ସକାଳ ୮ ଟା ସମୟରେ ସର୍ଟ ସର୍କେଟ ଯୋଗୁଁ ରହିବା ଘରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଘରେ ଥିବା ବର୍ଷ ଯାକ ପାଇଁ ସମସ୍ତ ଖାଦ୍ୟ, ଧାନ, ଚାଉଳ, ମୁଗ, ବିରି, କିଛି ରୋଜଗାର ଆର୍ଥିକଟଙ୍କା, କାଠ ଜିନିଷ ପତ୍ର ଜଳି ପୋଡ଼ି ପାଉଁଶ ହୋଇଯାଇ ଥିଲା। ମୁଣ୍ଡ ଝାଳ ତୁଣ୍ଡରେ ମାରି ପାଣି କାଦୁଅରେ ଘାଣ୍ଟି ହୋଇ ପୁଣି ସ୍ୱଳ୍ପ ବୃଷ୍ଟି ଓ ବାତ୍ୟା ସହିତ ଲଢ଼େଇ କରି କୃଷି ଋଣ ସହାୟତାରେ ପରିବାର ମୁହଁରେ ବର୍ଷକର ଆହାର ଦେବାକୁ ସାଇତିକି ରଖିଥିବା ସମସ୍ତେ ପଦାର୍ଥ ହୁତାଶନ ହୋଇଯାଇଥିବାର ଦେଖି ମାନସଙ୍କ ପତ୍ନୀ ନର୍ମଦା ମନ୍ତ୍ରୀ (୨୭) ହତାଶ ହୋଇପଡ଼ିଥିଲେ। ଗାଁ ଲୋକ ବୋଲଗଡ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଅଗ୍ନିଶମ ବାହିନୀ ଆସି ନିଆଁ ଲିଭାଇଥିଲେ। ନର୍ମଦାଙ୍କ ସ୍ୱାମୀ ଘରେ ନଥିଲେ, ପରିବାର ପ୍ରତିପୋଷଣ କରିବା ପାଇଁ ବାହାରକୁ କାମ କରିବା ପାଇଁ ଯାଇଥିଲେ ମାନସ। ଖବର ପାଇ ମାନସ ତା ’ପର ଦିନ ଘରକୁ ଆସିଥିଲେ। ମାନସ ମାଣିକାଗୋଡ଼ା ରାଜସ୍ୱ ନିରୀକ୍ଷକଙ୍କ ନିକଟକୁ ଯାଇ ଅଗ୍ନିକାଣ୍ଡ ସମ୍ପର୍କରେ ଜଣାଇଥିଲେ। ରାଜସ୍ୱ ଅଧିକାରୀ ତଦନ୍ତ କରି ଜରି ପଲିଥିନ ଖଣ୍ଡେ ଦେଇଥିଲେ। ବୋଲଗଡ ତହସିଲଦାରଙ୍କୁ ମାନସ ଭେଟି ଅଗ୍ନିଶମ ବାହିନୀ ଦେଇଥିବା ଅଗ୍ନିକାଣ୍ଡ ରିପୋର୍ଟକୁ ବୋଲଗଡ ତହସିଲଦାରଙ୍କୁ ପ୍ରଦାନ କରିଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି କିଯେ ଗରିବ ଖଟିଖିଆ ମାନସ ଏନେଇ ସହାୟତା ପାଇଁ ଆକୁଳ ନିବେଦନ କରିଥିଲେ ମଧ କୌଣସି ସରକାରୀ ବାବୁ ତାଙ୍କ ପାଖରେ ପହଞ୍ଚି ନଥିବା ବେଳେ ଚାଷୀଙ୍କ ତଥା ଖଟିଖିଆ ଦିନ ମଜୁରିଆ ଦୁଃଖକୁ ହୃଦୟଙ୍ଗମ କରି ସମବେଦନା ଜଣାଇବାକୁ ପହଞ୍ଚିଥଲେ ଯୁବ ସମାଜସେବୀ ତଥା ଯୁବ ନେତା ପ୍ରଶାନ୍ତ କୁମାର ହୋତା । ଶ୍ରୀ ହୋତା ଆଶ୍ୱାସନା ଦେଇ ମାନସଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ଖୁବ୍ ଶୀଘ୍ର ସରକାରଙ୍କ ତରଫରୁ ସହାୟତା ମିଳିବ ବୋଲି କହିଛନ୍ତି । ଅପର ପକ୍ଷେ ସ୍ଥାନୀୟ ସରପଞ୍ଚଙ୍କୁ ଭେଟି ମାନସ ଓ ତାଙ୍କ ପତ୍ନୀ ନର୍ମଦା ଆକୁଳ ନିବେଦନ କରିଥିଲେ ବି ପଞ୍ଚାୟତର ସରପଞ୍ଚଙ୍କ ପକ୍ଷରୁ ମଧ୍ କୌଣସି ସାହାଯ୍ୟ ମିଳିପାରିନାହିଁ ବୋଲି କହିଛନ୍ତି ମାନସ। ଜିଲ୍ଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ବୋଲଗଡ ତହସିଲଦାର ବିଜୟ କୁମାର ସେଠୀ, ବୋଲଗଡ ବିଡ଼ିଓ ସୁମନ ସୁଧା କୁଣ୍ଡୁ ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଏଥିପ୍ରତି ଦୃଷ୍ଟି ଦେଇ ଗରିବ ଦିନମଜୁରିଆ ମାନସ ପାଇଁ ରହିବା ପାଇଁ ଏକ ବାସ ଗୃହ ଏବଂ ଜୀବନ ବଞ୍ଚିବା ପାଇଁ କିଛି ଖାଦ୍ୟ ପ୍ରଦାନ କରିବାକୁ ବୋଲଗଡ ଅଞ୍ଚଳବାସୀ ଏବଂ ଯୁବସମାଜ ସେବୀ ପ୍ରଶାନ୍ତ କୁମାର ହୋତା ନିବେଦନ କରିଛନ୍ତି।

# ପୋର୍ଟଫୋଲିଓ ଜଷ୍ଟିସ ଭି. ନରସିଙ୍ଘାଙ୍କୁ ଅନୁଗୋଳ ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା



**ଅନୁଗୋଳ,(ଡିକେ ନ୍ୟୁଜ):** ଅନୁଗୋଳ ଓକିଲ ସଂଘ ପକ୍ଷରୁ ଜିଲ୍ଲା କୋର୍ଟସ୍ଥିତ ଓକିଲ ମାନଙ୍କ ସଭାଗୃହ ଠାରେ ପୋର୍ଟଫୋଲିଓ ଜଷ୍ଟିସ ଭି. ନରସିଙ୍ଘାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମଞ୍ଚରେ ଓକିଲ ସଂଘର ସଭାପତି ହିମାଂଶୁ ଭୂଷଣ ସାମଲ ଉପସ୍ଥିତ ଥିବା ଅତିଥି ଜଷ୍ଟିସ ଭି. ନରସିଙ୍ଘାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ହାଇକୋର୍ଟର ରେଜିଷ୍ଟର (ସାଧାରଣ ) ରାଧାକାନ୍ତ ପଟ୍ଟନାୟକ ଓ ଅନୁଗୋଳ ଜିଲ୍ଲା ଜଜ୍ ଦାମୋଦର ରଥ ମଞ୍ଚାସିନ ଥିଲେ। ଏହି ସଭାରେ ଓକିଲ ସଂଘର ସଭାପତି ହିମାଂଶୁ ଭୂଷଣ ସାମଲ ଜଷ୍ଟିସ ନରସିଂଘାଙ୍କୁ କୋର୍ଟ ପରିସରରେ ଏକ କ୍ୟାଣ୍ଟିନ ଗୃହ ନିର୍ମାଣ, କମର୍ସିଆଲ କୋର୍ଟ ଓ ଅନ୍ୟାନ୍ୟ ଦାବି ସମ୍ମିଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାନ୍ୟବର ଜଷ୍ଟିସ ନରସିଂଘା ଏହାକୁ ଅତିଶୀଘ୍ର ପୂରଣ କରିବାକୁ ସହମତି ପ୍ରକାଶ କରିଥିଲେ। ଓକିଲ ସଂଘ ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଓକିଲ ସଂଘର ଉପସଭାପତି ପ୍ରତାପ ନାଏକ, ସାଧାରଣ ସମ୍ପାଦକ ଧ୍ରୁବ ଚରଣ ସାହୁ, ସହସମ୍ପାଦକ ନରୋତ୍ତମ ନାୟକ, ସାଂସ୍କୃତିକ ସମ୍ପାଦକ ଜ୍ୟୋସ୍ନାମୟୀ ସାହୁ, କୋଷାଧକ୍ଷ ପ୍ରଦୀପ ସେଠୀ, ବରିଷ୍ଠ ଆଇନଜୀବୀ ଭାସ୍କର ବେହେରା, ବସନ୍ତ ଦାସ, ସୁବାସ ସାହୁ, ରବୀନ୍ଦ୍ର ପଟ୍ଟନାୟକ, ଉଦୟ ଶଙ୍କର ମିଶ୍ର, ଦ୍ୱାରିକା ପ୍ରସାଦ ନନ୍ଦ, ହେମନ୍ତ ସାହୁ, ରମେଶ ସାହୁ, ଗୋପାଳ ନାଥ, ପ୍ରଦୀପ ପଣ୍ଡା, ଅର୍ଜୁନ ମୁଦୁଲି, ବିଜୟ ମହାରଣା, ବିପିନ ସାହୁ, ରଞ୍ଜନ ପାତ୍ର, ଅଶୋକ ପଟ୍ଟନାୟକ, ପାର୍ଥ ସାରଥୀ ପ୍ରଧାନ, ସୁନୀଲ ସାହୁ, କୁଶ ସାହୁ, ଅରବିନ୍ଦ ମିଶ୍ର, ସଞ୍ଜୟ ମହାପାତ୍ର, ପଦ୍ମ ଚରଣ ପ୍ରଧାନ, ସରିତା ରାଣୀ ମିଶ୍ରଙ୍କ ସମେତ ଶତାଧିକ ଆଇନଜୀବୀମାନେ ଉପସ୍ଥିତ ଥିଲେ।

## ପୂର୍ବତନ ଏଡିଏମଓଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ



**ସମ୍ବଲପୁର,(ଡିକେ ନ୍ୟୁଜ):** ସମ୍ବଲପୁରର ଜଣାଶୁଣା ଡାକ୍ତର ତଥା ପୂର୍ବତନ ଏଡିଏମଓ ଡା. ଭରତ ଚନ୍ଦ୍ର ଦାଶଙ୍କ ଆଜି ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି। ସ୍ଥାନୀୟ ଅଇଁଠାପାଲି ଆୟକର ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ତାଙ୍କ ସ୍କୁଟିକୁ ଏକ ଟ୍ରକ ଧକ୍କା ଦେବା ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସେ ଜଣେ ଅତି ସରଳ ଓ ପରୋପକାରୀ ବ୍ୟକ୍ତି ଥିଲେ। ନିକଟରେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏଡିଏମଓ ପଦବୀରୁ ଅବସରର ଗ୍ରହଣ କରିଥିଲେ। ଏହି ଖବର ଜଣାପଡ଼ିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବୋହୂଙ୍କୁ ପଥରରେ ଛେଚି ହତ୍ୟା ଉଦ୍ୟମ : ଶ୍ୱଶୁର ଗିରଫ

**ବ୍ରହ୍ମପୁର,(ଡିକେ ନ୍ୟୁଜ):** କୁକୁଡ଼ାଖଣ୍ଡି ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକ ଅନନ୍ତେଇ ଗ୍ରାମର ଆନନ୍ଦ ଗୌଡ଼ଙ୍କୁ ରବିବାର ଦିଗପହଣ୍ଡି ଥାନା ଏସ.ଆଇ ସୋଫିଆ ମିଶ୍ର ଗିରଫ କରି ବ୍ରହ୍ମପୁର ସଦର କୋର୍ଟଚାଲାଣ କରିଛନ୍ତି। ଥାନା ମାମଲା ନଂ.୧୭୮/୨୫ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରାୟ ୯ଟାରେ ଆନନ୍ଦ ତାଙ୍କ ବଡପୁଅ ଶଙ୍କର ଗୌଡ଼ ରହୁଥିବା ଘରକୁ ଯାଇ ସେଠାରୁ ଏକ କବାଟ, ଶାବଳ ଏବଂ ହାତୁଡ଼ି ଜବରଦସ୍ତ ନେଇଗଲେ। ବୋହୂ ପଙ୍କଜିନୀ ପ୍ରତିବାଦ କରିବାରୁ ଶ୍ୱଶୁର ତାଙ୍କ କଥା ଶୁଣିନଥିଲେ। ପଙ୍କଜିନୀ ଶଶୁର ଘର ସମ୍ମୁଖରେ ରଖାଯାଇଥିବା କିଛି ଇଟା ନେଇଆସିବାରୁ ଶ୍ୱଶୁର ଉତ୍ତେଜିତ ହୋଇ ତାଙ୍କୁ ଏକ ପଥର ଖଣ୍ଡରେ ମୁଣ୍ଡକୁ ପିଟି ଦେବାରୁ ସେ ତଳେ ପଡ଼ିଯାଇଥିଲେ। ତାଙ୍କୁ ପଥର ଛେଚି ହତ୍ୟା ଉଦ୍ୟମ କରିଥିଲେ। ପାଖରେ ଥିବା ପଙ୍କଜିନୀଙ୍କ ସ୍ୱାମୀ ଶଙ୍କର ଏବଂ କିଛି ବ୍ୟକ୍ତି ଆନନ୍ଦଙ୍କ ହାତରୁ ପଥରଖଣ୍ଡ ଛଡାଇ ନେଇଥିଲେ। ଆହାତ ପଙ୍କଜିନୀଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ପରେ ସେଠାରୁ ଫେରି ସେ ଥାନାରେ ଏତଲା ଦେଇଥିଲେ। ସେହିପରି ଶଙ୍କର ଗୌଡ଼ ତାଙ୍କ ବାପା ଆନନ୍ଦ ଏବଂ ମା' ବର୍ଗିଙ୍କୁ ଶନିବାର ସକାଳେ ପାରିବାରିକ ବିବାଦକୁ କେନ୍ଦ୍ରକରି ଏକ ଲୁହାଛଡ଼ରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ମା' ବିର୍ଗି ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ପୋଲିସ ଥାନା ମାମଲା ନଂ.୧୭୭/୨୫ ଅନୁଯାୟୀ ଶଙ୍କରଙ୍କୁ ରବିବାର ଗିରଫ କରି ବ୍ରହ୍ମପୁର ସଦର କୋର୍ଟକୁ ଚାଲାଣ କରିଛନ୍ତି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି।

## ସ୍ତ୍ରୀକୁ ପିଟି ପିଟି ହତ୍ୟା : ସ୍ୱାମୀ ଗିରଫ

**ତିହିଡ଼ି,(ଡିକେ ନ୍ୟୁଜ):** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ବାରସର ପଞ୍ଚାୟତ ଅଧୀନ ସାପକାଡିଆ ଗ୍ରାମର ଉର୍ବଶୀ ଦାସ (୩୫) ନାମ୍ନୀ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ପପୁ ଦାସ (୪୦) ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୀରହାଟ ପୁଲିସ ଉର୍ବଶୀଙ୍କ ବାପା ବାଂଶଡ଼ା ଥାନା ଅଧୀନ ଛେଡ଼ାକ ଗ୍ରାମର ରମେଶ ଜେନାଙ୍କ ଅଭିଯୋଗ ମୂଳେ ୧୩୦/୨୫ରେ ଏକ ମାମଲା ରୁଜୁ କରି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଅଭିଯୁକ୍ତ ସ୍ୱାମୀ ପପୁକୁ ଗିରଫ କରିଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ, ରମେଶଙ୍କ ଝିଅ ଉର୍ବଶୀ ସାପକାଡିଆ ଗ୍ରାମର ଗୋଲେଖ ଦାସଙ୍କ ପୁଅ ପପୁଙ୍କୁ ୧୨ ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ବିଭିନ୍ନ ସମୟରେ ପାରିବାରିକ କଳହ ଉପୁଜୁଥିଲା। ରବିବାର ପୂର୍ବାହ୍ନରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ହେବାରୁ ପପୁ ଏକ ବାଡ଼ି ସହାୟତାରେ ଉର୍ବଶୀଙ୍କୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ଘଟଣାର ଦୀର୍ଘ ସମୟ ପରେ ପପୁ ତାଙ୍କ ଶଶୁର ଘର ଲୋକଙ୍କୁ ଉର୍ବଶୀ ଛାତରୁ ଖସି ପଡ଼ି ମୃତ୍ୟୁବରଣ କରିଥିବା ନେଇ ଖବର ଦେଇଥିଲେ। ଉର୍ବଶୀଙ୍କ ବାପା ଓ ଅନ୍ୟମାନେ ସାପକାଡିଆ ଗ୍ରାମରେ ପହଞ୍ଚି ମୃତ ଦେହ ଦେଖିବା ପରେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ମନରେ ସନ୍ଦେହ କରିଥିଲେ। ପରେ ଏ ସମ୍ପର୍କରେ ଉର୍ବଶୀଙ୍କ ବାପା ରମେଶ ପୀରହାଟ ପୁଲିସକୁ ଖବର ଦେଇଥିଲେ। ରାତି ପ୍ରାୟ ୧୧ଟା ସମୟରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ସ୍ୱାମୀ ପପୁ ଖସି ପଳାଉଥିବା ବେଳେ ପୁଲିସ ହାତରେ ଧରା ପଡ଼ିଥିଲା। ସୋମବାର ପୂର୍ବାହ୍ନ ୧୦ଟାରେ ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା ଅନ୍ୟ ପୁଲିସ ଅଧିକାରୀଙ୍କ ସହ ଘଟଣା ସ୍ଥଳରେ ପହଞ୍ଚି ମହିଳାଙ୍କ ମୃତ ଦେହକୁ ଜବତ କରିଥିବା ଜଣାଯାଇଛି।

## ଅଜଣା ଗାଡ଼ି ଧକ୍କାରେ ଅଚିହ୍ନା ବ୍ୟକ୍ତି ମୃତ

**କୁତ୍ରା ,(ଡିକେ ନ୍ୟୁଜ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅନ୍ତର୍ଗତ ବିଜୁ ଏକ୍ସପ୍ରେସୱେ ଝାରବେଡା ଠାରେ ଗତକାଲି ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। କୁତ୍ରା ପୋଲିସ ଖବର ପାଇ ଶବ ଜବତ କରି ରାଜଗାଙ୍ଗପୁର ସ୍ଥିତ ଶବାଗାରରେ ଶବ ରଖାଇ ମୃତକର ପରିଚୟ ଓ ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ଅଜଣା ଗାଡିର ଅନୁସନ୍ଧାନ କରୁଛି। ଏହି ଖବର ଲେଖାହେବା ସୁଦ୍ଧା ମୃତକର ପରିଚୟ ମିଳି ପାରିନ ଥିବା ଜଣା ପଡିଛି।

## ବାହାଦୂର ପେଣ୍ଠରେ ବୋମାମାଡ଼ : ଜଣେ ଅଟକ

**ରଙ୍ଗେଇଲୁଣ୍ଡା,(ଡିକେ ନ୍ୟୁଜ):** ଗୋପାଳପୁର ଥାନା ଅନ୍ତର୍ଗତ ବାହାଦୂର ପେଣ୍ଠ ଗ୍ରାମରେ ନିଜକୁ ବଞ୍ଚାଇବାକୁ ଯୁବକ ଜଣଙ୍କ ବୋମାମାଡ କରିଛନ୍ତି । ଏଥିରେ କେହି ଆହତ ହୋଇନଥିବା ବେଳେ ପୁଲିସ ଘଟଣା ସ୍ଥଳରୁ ଗୋଟିଏ ଅଫୁଟା ବୋମା ଜବତ କରିବା ସହ ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି। ଶନିବାର ବିଳମ୍ବିତ ରାତିରେ ବାହାଦୁର ପେଣ୍ଠ ରହୁଥିବା ଜି. ଲୋକେଶ ରେଡ୍ଡୀଙ୍କ ଘର ସମ୍ମୁଖରେ ବ୍ରହ୍ମପୁର ଗେଟ୍ ବଜାର ଅଞ୍ଚଳର ଦିବାକର ଚୌଧୁରୀଙ୍କ ସମେତ କିଛି ଯୁବକ ବାଇକ୍‌ରେ ପହଞ୍ଚି ଗାଳିଗୁଲଜ କରିବା ସହ ଘର ଉପରକୁ ପଥର ମାଡ କରିଥିଲେ। ଯାହାଫଳରେ ଘରେ ଥିବା ଲୋକେଶ ନିଜକୁ ବଞ୍ଚାଇବାକୁ ଯୁବକଙ୍କ ଉପରକୁ ୪ଟି ବୋମା ଫୋପାଡି ଥିଲେ। ବୋମାମାଡ ଘଟଣାରେ ଦିବାକରଙ୍କ ବାମ ଗୋଡରେ ସାମାନ ସାମାନ୍ୟ ଆଘାତ ଲାଗିଥିଲା। ଘଟଣା ପରେ ଲୋକେଶଙ୍କ ଘର ସମ୍ମୁଖରେ ଜମା ହୋଇଥିବା ଯୁବକମାନେ ଘଟଣା ସ୍ଥଳରୁ ଛତ୍ର ଭଙ୍ଗ ଦେଇଥିଲେ। ଘଟଣା ନେଇ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ନ ଆରମ୍ଭ କରିଦେଇଥିଲେ। ବୋମାମାଡ କରିଥିବା ଲୋକେଶକୁ ପଚରାଉଚରା ସହ ଘର ତଲାସି ସମୟରେ ଘର ପରିସରରୁ ଏକ ଅଫୁଟା ବୋମା ଜବତ କରାଯିବା ସହ ବୋମ ସ୍କର୍ଡ ସହାୟତାରେ ତାହାକୁ ନିଷ୍କ୍ରିୟ କରାଯାଇଛି। ପଚରାଉଚରା ସମୟରେ ଗତ ୧୫ ତାରିଖରେ ଲୋକେଶ ଓ ତାଙ୍କର କିଛି ବନ୍ଧୁ ଡୁରା ଠାରେ କୌଣସି କଥାକୁ ନେଇ ଗୋଟିଏ ଗୋଷ୍ଠୀର କିଛି ଯୁବକଙ୍କ ସହ ଯୁକ୍ତିତର୍କ ହବା ସହ ସେଠାରେ ଥିବା କିଛି ଯୁବକଙ୍କ ସହ ଗଣ୍ଡଗୋଳ ଘଟିଥିଲା। ଏହି ଘଟଣା ପରେ ଉକ୍ତ ଯୁବକ ମାନେ ଲୋକେଶକୁ ଆକ୍ରମଣ କରିବା ଆଶଙ୍କାରେ ରହିଥିଲେ। ଲୋକେଶ ନିଜର ସୁରକ୍ଷା ପାଇଁ ଆମ୍ବପୁଆ ଅଞ୍ଚଳରୁ ୬ ଟି ବୋମା ଆଣି ଗାଁ ନିକଟରେ ଥିବା ଏକ ବୁଦା ମୂଳେ ଫୁଟାଇବା ସହ ବଳକା ୫ଟି ବୋମା ଘରେ ରଖିଥିବା ପୁଲିସ ଆଗରେ କହିଛି। ଘଟଣା ନେଇ ଥାନାରେ ଦୁଇଟି ଲିଖିତ ଅଭିଯୋଗ କରାଯାଇଛି। ପୁଲିସ ତଦନ୍ତ ଆରମ୍ଭ କରିବା ସହ ଘଟଣାରେ ସମ୍ପୃକ୍ତ କିଛି ଯୁବକକୁ ଥାନାକୁ ଆଣି ପଚରାଉଚରା ଜାରି ରଖିଛି।

## ଅନୁଗୁଳରେ ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ

# ବିଜେପି ଦେଇଥିବା ପ୍ରତିଶୃତି ପୂରଣ ହୋଇଛି : ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର



**ଅନୁଗୁଳ,(ଡିକେ ନ୍ୟୁଜ):** ଅନୁଗୁଳ ସଭାଘର ଠାରେ ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପି କୃଷକ ମୋର୍ଚ୍ଚା ତରଫରୁ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଖାଉଟି କଲ୍ୟାଣ ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ରାଜ୍ୟରେ ୨୪ ବର୍ଷଧରି ସ୍ଥାଣୁ ଅପାରଗ ସରକାରକୁ ଓଡିଶାର ଜନସାଧାରଣ ବଦଳାଇ ଡବଲ ଇଂଜିନ ସରକାର ଆଣିବା ପରେ ଆଜି ସମସ୍ତ କ୍ଷେତ୍ରରେ ବିକାଶ ଚାଲୁ ରହିଛି ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଲୋକଙ୍କ ସରକାର ଆଜି ମହିଳା, ଯୁବକ, ଶ୍ରମିକ ଓ କୃଷକ ମାନଙ୍କର ସାମଗ୍ରୀକ ବିକାଶ ପାଇଁ କାର୍ଯ୍ୟ କରୁଛି। ନିର୍ବାଚନ ସମୟରେ ବିଜେପିର ସଂକଳ୍ପ ପତ୍ରରେ ସ୍ଥାନିତ ହୋଇଥିବା ସମସ୍ତ ପ୍ରତିଶୃତି ଆଜି ଗୋଟି ଗୋଟି କରି ପୂରଣ ହେବାରେ ଲାଗିଛି। କୃଷକମାନଙ୍କର ଆୟ ଦୁଇଗୁଣିତ କରିବା ପ୍ରତିଶୃତି ଆଜି ପୂରଣ ହେବାରେ ଲାଗିଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ଚାଷୀମାନଙ୍କୁ ଦିଆଯାଇଛି। ବିକଶିତ ଓଡିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅହରହ ପରିଶ୍ରମ କରୁଛନ୍ତି। ତାଙ୍କୁ ଯେତେ ଧନ୍ୟବାଦ ଦେଲେ ମଧ କମ ହେବ ବୋଲି ମନ୍ତ୍ରୀ ଶ୍ରୀଯୁକ୍ତ ପାତ୍ର ପ୍ରକାଶ କରିଥିଲେ। କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦେଇ କୃଷକ ମାନଙ୍କର ସମସ୍ୟାକୁ ସବୁ କ୍ଷେତ୍ରରେ ହୃଦୟଙ୍ଗମ କରି ଯେଉଁଭଳି ଭାବେ ସମାଧାନ କରାଯାଉଛି ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ବୋଲି ପ୍ରକାଶ କରିଥିଲେ। ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି କେନ୍ଦ୍ରରେ ମୋଦି ସରକାର ଏବଂ ରାଜ୍ୟରେ ମୋହନ ସରକାର ୨୦୪୭ ଓ ୨୦୩୬ ମିଶନକୁ ନେଇ ବିକଶିତ ଭାରତ ସଙ୍ଗେ ବିକଶିତ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟ କରୁଛନ୍ତି। ଓଡିଶାର ଜନସାଧାରଣଙ୍କର ସେବା କରିବାର ଦାୟିତ୍ୱ ବିଜେପିକୁ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ସମଗ୍ର ରାଜ୍ୟରେ ବିକାଶର ଧାରା ଚାଲୁ ରହିବା ସହ ସାଧାରଣ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିଜର ଅଭିଯୋଗ ଜଣାଇ ପାରୁଛନ୍ତି। ବିଜେପି ସରକାର ଆଜି ଲୋକଙ୍କ ସରକାରରେ ପରିଗଣିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ବୋଲି ଶ୍ରୀ ପାଣି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ପୁଲିନ ପ୍ରକାଶ ପୁହାଣ, ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଗତ, ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ରାଜ୍ୟ ସଂଯୋଜକ ଜଗନ୍ନାଥ ଗଡ଼ନାୟକ ପ୍ରମୁଖ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ଓ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ସମସ୍ତ ପଦାଧିକାରୀଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

# ସମ୍ପର୍କରେ ଲାଗିଲା ରକ୍ତର ଛିଟା



**ସମ୍ବଲପୁର,(ଡିକେ ନ୍ୟୁଜ):** ସମ୍ବଲପୁର ଜିଲ୍ଲାରେ ଘରୋଇ କଳିର କରୁଣ ପରିଣତି ଦେଖିବାକୁ ମିଳିଛି। ଗୋଟିଏ ଘଟଣାରେ ଭାଇ ଓ ଭଉଣୀ ମିଶି ମଝିଆ ଭଉଣୀକୁ ହତ୍ୟା କରିବା ଓ ଅନ୍ୟ ଘଟଣାରେ ପରିବାର ଲୋକେ ପୁଅକୁ ମାରି ପୋତି ଦେବା ଘଟଣା ପଦାକୁ ଆସିଛି। ଯାହାକି ପାରିବାରିକ ସମ୍ପର୍କରେ ରକ୍ତର ଛିଟା ଲାଗିଛି। ସୂଚନା ଯୋଗ୍ୟ, ଗୋବିନ୍ଦପୁର ଥାନା ଅନ୍ତର୍ଗତ ମଝିପଡାରେ ଏକ ଅଭାବନୀୟ ଘଟଣା ଘଟିଛି । ଏକ ସମ୍ପର୍କୀୟଙ୍କ ଅନ୍ତେଷ୍ଟିକ୍ରିୟାରେ ଯୋଗ ଦେବାକୁ ବିନୋଦ ବିହାରୀ ସାହୁଙ୍କ ବଡ ଝିଅ ପୁଷ୍ପାଞ୍ଜଳୀ ସାହୁ (୪୪), ଭାଇ ଗୋଲକ ବିହାରୀ ସାହୁ (୩୭) ଓ ସାନ ଭଉଣୀ ଲିନା ସାହୁ (୪୦) ଆସିଥିଲେ। ଏମାନଙ୍କ ମଧ୍ୟରୁ ଲିନା ସାହୁ ବିବାହିତ ହୋଇଥିବା ବେଳେ ପୈତୃକ ସମ୍ପତ୍ତି ନେବାକୁ କୋର୍ଟରେ ଆଶ୍ରୟ ହେବାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହା ପରବର୍ତ୍ତୀ ସମୟରେ ଉଗ୍ରରୂପ ନେଇଥିଲା। ତେବେ ସାନଭାଇ ଗୋଲକ ଓ ବଡ ଭଉଣୀ ପୁଷ୍ପାଞ୍ଜଳୀ ମିଶି ମଝିଆ ଭଉଣୀ ଲିନା ସାହୁକୁ ଛୁରୀ ଭୁସି ହତ୍ୟା କରିଥିଲେ। ଏନେଇ ଗୋବିନ୍ଦପୁର ଥାନା ପୋଲିସ ୬୭/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ମୃତଦେହକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଅଭିଯୋଗରେ ୨ଭାଇ ଭଉଣୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ରେଢ଼ାଖୋଲ ଥାନା ଡ଼ଇଁଚ ଗ୍ରାମ ସୁଦସାହିରେ ପୁଅକୁ ପରିବାର ଅନ୍ୟ ସଦସ୍ୟ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଗ୍ରାମର ଶେଷ ଦେବ ପଧାନଙ୍କ ବଡପୁଅ ବାଦଲ ପଧାନ (୨୩)ଙ୍କ ଗଳିତ ଶବ ଘର ପଛ ପଟେ ଏକ ଗାତରେ ପଡ଼ିଥିବା ଜଣାପଡ଼ିଥିଲା। ଘର ପାଖରେ ଏକ ଗାତରୁ ଜେସିବିରେ ଖୋଳି ମୃତ ଶବ ବାହାର କରିବା ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ମୃତକର ମାଆ ସମେତ ଭାଇ ଓ ଭଉଣୀକୁ ପଚରାଉଚୁରା କରିଥିଲା। ପୋଲିସ ଏହି ହତ୍ୟାକାଣ୍ଡରେ ମାଆ ସମେତ ଦୁଇ ଭଉଣୀ ଏବଂ ଜଣେ ଭାଇଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ରେଢ଼ାଖୋଲ ଥାନାଧିକାରୀ ଓ ପୋଲିସ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ସାଇଣ୍ଟିଫିକ ଟିମ୍ ଆସିଲା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ କହିଛି।

## ବିଜେପି କାନ୍ତକବି ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା



**ତିହିଡ଼ି,(ଡିକେ ନ୍ୟୁଜ):** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧିନ କାନ୍ତକବି ମଣ୍ଡଳ ପକ୍ଷରୁ ରବିବାର ସନ୍ଧ୍ୟାରେ ଅପରେସନ ସିନ୍ଦୂର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଅଚକ ପେଟ୍ରୋଲ ପମ୍ପ ନିକଟରୁ ବାହାରି ଅଚକ ଓ ନନ୍ଦପୁର ଗ୍ରାମ ପରିକ୍ରମା କରିଥିଲା। ମଣ୍ଡଳ ସଭାପତି ସରୋଜ ନାୟକ, ଯୁବନେତା ସୂର୍ଯ୍ୟନାରାୟଣ ଭୋଇ, ତପନ ପାଢ଼ୀ, ଭରତ ସାହୁ, ଯଜ୍ଞଦତ୍ତ ପତି, ସନ୍ତୋଷ ମିଶ୍ର, ନାରାୟଣ ସେଠୀ, ପ୍ରଭାତ ବେହେରା, ଏସ୍.କେ ୱାଲିଦ, ଜୁଲୁ ଶାହା, ରଂଜିତ ଭୋଇ, ଶଶିକାନ୍ତ ନାୟକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥଲେ।

## ନାଉଗାଁ ଫେଷ୍ଟିଭାଲର ଉଦ୍‌ଯାପନୀ ଉତ୍ସବ

**ନାଉଗାଁ,(ଡିକେ ନ୍ୟୁଜ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗୋବରୀ ନଦୀ ପଠାର ମଣିକର୍ଣ୍ଣିକା ଘାଟ ନିକଟରେ ତୃତୀୟ ନାଉଗାଁ ଫେଷ୍ଟିଭାଲ ରବିବାର ଉଦଯାପିତ ହୋଇଯାଇଛି। ଏହି ଫେଷ୍ଟିଭାଲ କେବଳ ମନୋରଂଜନ ନୁହେଁ କଳା, ସଂସ୍କୃତିକୁ ବଞ୍ଚାଇ ରଖିବାର ଏକ ଅଭିନବ ପ୍ରୟାସ। ଅତୀତ ଦିନରେ ଯେଉଁ ସବୁ ସ୍ମୃତି ଥିଲା ତାହାକୁ ମନେ ପକାଇବାର ଏହା ଏକ ମାଧ୍ୟମ। ଗୋଟିଏ ଜାତି ପାଇଁ, ଗୋଟିଏ ଅଞ୍ଚଳ ପାଇଁ ଏହି ଫେଷ୍ଟିଭାଲ ଅତ୍ୟନ୍ତ ଗୁରୁତ୍ୱ ବହନ କରେ ବୋଲି ମୁଖ୍ୟ ଅତିଥି ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ଡଃ. ଧରଣୀଧର ନାଥ, ଡଃ. କୃଷ୍ଣଚନ୍ଦ୍ର ଆଇଚ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଅଭିଳାଷ ମାଣିଆ, ମଂଜୁଶ୍ରୀ ଶାସ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଫେଷ୍ଟିଭାଲର ସଂପାଦକ ଧନଜଂୟ ପରିଜା ସଂପାଦକୀୟ ବିବରଣୀ ପାଠ କରିଥିଲେ। ସାହିତ୍ୟ ଓ କଳା କ୍ଷେତ୍ରରେ ପାରିଦର୍ଶିତା ଲାଭ କରିଥିବା ବିଶିଷ୍ଟ ଶିକ୍ଷାବିତ ସୁକାନ୍ତ କୁମାର ଲେଙ୍କାଙ୍କୁ ନାଉଗାଁ ଫେଷ୍ଟିଭାଲ-୨୦୨୫ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ପରିଷଦର ସଦସ୍ୟ



ଭାବେ ଯୋଗ ଦେଇ ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ଡା. ଲଲାଟେନ୍ଦୁ ମହାପାତ୍ର ମତବ୍ୟକ୍ତ କରିଥିଲେ। ଫେଷ୍ଟିଭାଲର ସଂପାଦକ ଡଃ. ଚୌଧୁରୀ ସତ୍ୟ ଦାସଙ୍କ ମନୋଜ ନାୟକ, ସୁନିଲ କୁମାର ମାଟିଆ, ତ୍ରିନାଥ ପରିଜା, ଅଭିମନ୍ୟୁ ସାହୁ, ବିବେକାନନ୍ଦ ପରିଜା, ସରୋଜ କୁମାର ଲେଙ୍କାଙ୍କ ସମେତ ଅନ୍ୟମାନେ ଉକ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

# ଆର୍ଟ ଅଫ୍ ଗିଭିଂ ବାର୍ଷିକ ଉତ୍ସବ ଅନୁଷ୍ଠିତ



**ଧର୍ମଗଡ,(ଡିକେ ନ୍ୟୁଜ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସଦର ମହକୁମା ଧାନ ମଣ୍ଡି ପରିସରରେ ଶନିବାର କିଟ୍ ଓ କିସ୍ ବିଶ୍ୱ ବିଦ୍ୟାଳୟ ଭୁବନେଶ୍ୱର ଆନୁକୂଲ୍ୟରେ ଆର୍ଟ ଅଫ ଗିଭିଂ ଦ୍ୱାଦଶ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ୨୦୧୩ ମସିହା ମେ ୧୭ ତାରିଖରେ ଜନ ସଚେତନତା ପାଇଁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ଅଧ୍ୟାପକ ଭୁବନେଶ୍ୱର ଦିଶାରୀଙ୍କ ସଭାପତିତ୍ୱରେ ଉପସ୍ଥିତ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଭତ୍ରା ସମାଜର ଉପ ସଭାପତି ଗରୁଡ଼ ଧ୍ୱଜ ମାଝୀ, ମୁଖ୍ୟବକ୍ତା ଭାବେ ବ୍ଲକ କୋକସରା ଆଦିବାସୀ ସଂଘର ସମ୍ପାଦକ ତ୍ରିନାଥ ଶବର, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ମହିମା ଗ୍ରାପ ଘନଶ୍ୟାମ ନାଏକ, ପୂର୍ବତନ ଜିଲ୍ଲା ଆଦିବାସୀ ସଂଘ ସଭାପତି ନୀଳକଣ୍ଠ ମାଝୀ, ଜିଲ୍ଲା ହଲବା ସମାଜ ସଭାପତି ସହଦେ ନେଗି, ନର୍ଲା ବ୍ଲକର ଆଦିବାସୀ ନେତ୍ରୀ ଶାନ୍ତିଲତା ମାଝୀ, ସମାଜସେବୀ ଅଶ୍ୱିନୀ ମାଝୀ, ଲକ୍ଷ୍ମୀକାନ୍ତ ପୁଝାରି, ଶିକ୍ଷକ ଜଗଦୀଶ ଶବର, କିସ୍ ଶିକ୍ଷାନୁଷ୍ଠାନର ଶିକ୍ଷକ ତୁଳସୀ ପ୍ରସାଦ ଶବର, ଦୋଳ ଗୋବିନ୍ଦ ନାଏକ, କିମ୍ସ ପକ୍ଷରୁ ନବୀନ ନାଏକ, ଅବସର ପ୍ରାପ୍ତ ଯବାନ କୃପାସିନ୍ଧୁ ପାତ୍ର, ଶିକ୍ଷକ ଯୋଗୀନ୍ଦ୍ର ହଂସ, ପୂର୍ଣ୍ଣଚନ୍ଦ୍ର ସାହୁ, କଳାହାଣ୍ଡି ଅଭିଭାବକ ସଂଘର ସମ୍ପାଦକ ସନ୍ତୁ କୁମାର ନାଏକ ପ୍ରମୁଖ ଆଦିବାସୀ ନେତୃବୃନ୍ଦ ଉପସ୍ଥିତ ରହି ଆର୍ଟ ଅଫ ଗିଭିଂର ଦ୍ୱାଦଶ ବାର୍ଷିକ ଉତ୍ସବର ଚଳିତ ବର୍ଷର ପ୍ରସଙ୍ଗ ପଡୋଶୀଙ୍କ ସହ ସୁସମ୍ପର୍କ ସ୍ଥାପନ ନେଇ ଆଲୋଚନାଚକ୍ରରେ ନିଜର ମତାମତ ପ୍ରଦାନ କରିଥିଲେ। କିଟ୍ ଓ କିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତଙ୍କ ପ୍ରଚେଷ୍ଟାରେ ଓଡିଶାର ଆଭ୍ୟନ୍ତରୀଣ, ଦୁର୍ଗମ, ଅପହଞ୍ଚ ବଣପାହାଡ଼ ଘେରା କୋଣ ଅନୁକୋଣରେ ରହିଥିବା ଆଦିବାସୀ ଜନଜାତି ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ଆଲୋକବର୍ତ୍ତିକା ଦେଖାଇ ସେମାନଙ୍କ ଭବିଷ୍ୟତକୁ ନୂତନ ଦିଶା ଦେଖାଇ ଆଜି ଆଦିବାସୀ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସ ଦେଖାଇଛନ୍ତି। ଆଜି ପ୍ରତିଟି କ୍ଷେତ୍ରରେ ଆଦିବାସୀ ଜନଜାତି ଛାତ୍ରଛାତ୍ରୀମାନେ ବିକାଶର ସୋପାନରେ ଆଗେଇ ଚାଲିଛନ୍ତି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନର୍ଲା ବ୍ଲକର ମହିଳା ସମାଜସେବୀ ଶାନ୍ତିଲତା ମାଝୀ, ଆଦର୍ଶ ଶିକ୍ଷକ ଜୟରାମ ରାଉତ, ଏକ୍ସ ଆର୍ମି ସହଦେ ଶବର, କୃପାସିନ୍ଧୁ ପାତ୍ରଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା।

# ଚନ୍ଦ୍ରପୁର ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**ଚନ୍ଦ୍ରପୁର /ରାୟଗଡ,(ଡିକେ ନ୍ୟୁଜ):** ଚନ୍ଦ୍ରପୁର ବ୍ଲକ ସଦଭାବନା ସଭାଗୃହରେ ଜିଲ୍ଲାପାଳ, ରାୟଗଡ଼ ପାରୁଲ ପଟୱାରୀଙ୍କ ନିର୍ଦ୍ଦେଶକ୍ରମେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ କୁମାର ଧର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହୋତା, ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଚନ୍ଦ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୧୫ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ, ସେଥିରୁ ୦୮ଟି ବ୍ୟକ୍ତିଗତ, ୦୭ଟି ସାମୁହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଦରଖାସ୍ତ ପାଇବା ପରେ ସମସ୍ୟା ଗୁଡିକୁ ତୁରନ୍ତ ସମାଧାନ କରିବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶିବିରରେ ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଗୁଣପୁର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣିଧନ ଚିକତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଦାମୋଦର ପାଣିଗ୍ରାହୀ, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଉପଖଣ୍ଡ ପ୍ରଗ୍ରାମ ଅଧିକାରୀ କଳ୍ପନା ମହାକୁଡ଼ ଏବଂ ଅନ୍ୟାନ୍ୟ ଅଧିକାରୀ ଯୋଗଦାନ କରି ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ। ସହକାରୀ ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣି ସହାୟକ ଅଚ୍ୟୁତାନନ୍ଦ ଲିମା ଶିବିର ପରିଚାଳନା କରିଥିବା ବେଳେ ଚନ୍ଦ୍ରପୁର ଥାନା ଅଧିକାରୀ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ।

# ନିମ୍ନମାନର ରାସ୍ତାକୁ ନେଇ ବାତେଲିମା ପଞ୍ଚାୟତବାସୀଙ୍କ ରାସ୍ତା ଅବରୋଧ

କଳାହାଣ୍ଡି, (ଡିକେ ନ୍ୟୁଜ୍): ଲାଞ୍ଜିଗଡ ବ୍ଲକ ବାତେଲିମା ପଞ୍ଚାୟତବାସୀ ନିଜ ପଞ୍ଚାୟତକୁ ଭଲ ରାସ୍ତା ନଥିବା ଯୋଗୁଁ ବର୍ଷ ବର୍ଷ ଧରି ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନଶୁଣିବା ଯୋଗୁଁ ସୋମବାର ବାତେଲିମା ଠାରୁ ନିଆଳି ସଂଯୋଗ କରୁଥିବା ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଯାହା ଫଳରେ ମୁଖ୍ୟ ରାସ୍ତାରେ ପ୍ରାୟ ୭ ଘଣ୍ଟା କାଳ ଯାତାୟାତ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଥିଲା। ଖବର ପାଇ ବାତେଲିମା ସରପଞ୍ଚ କରୁଣା ମାଝୀ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁସାରେ ବାତେଲିମା ପଞ୍ଚାୟତ ୪ଟି ଆର୍ଡି ରାସ୍ତା ସଂଯୋଗ କରୁଥିବା ବେଳେ ବାତେଲିମା-ନିଆଳି, ବାତେଲିମା-କଂସାରୀ, ବାତେଲିମା-ସିନ୍ଧି ବାହିଲି,



ବାତେଲିମା-ଲାଞ୍ଜିଗଡ ସଂଯୋଗ କରୁଥିବା ଆର୍ଡି ରାସ୍ତାଟି ବର୍ଷ ବର୍ଷ ଧରି ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି। ଯାହା ଫଳରେ ପଞ୍ଚାୟତକୁ ଆମ୍ବୁଲାନ୍ସ ଯିବା କଷ୍ଟକର ହୋଇପଡ଼ିଥିବା ବେଳେ ଗୁରୁତର ରୋଗୀ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଡାକ୍ତରଖାନା ନେବା ସମ୍ଭବ ହେଉନାହିଁ। ଏହାକୁ ନେଇ ବ୍ଲକ, ଜିଲ୍ଲା ପ୍ରଶାସନ ଓ ରାଜନେତା ନିକଟରେ ବାରମ୍ବାର ଅଭିଯୋଗ ପରେ ମଧ କୌଣସି ସୁଫଳ ମିଳିନଥିବା ଯୋଗୁଁ ସୋମବାର ସକାଳ ୮ ଘଣ୍ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବାତେଲିମା ଠାରୁ ନିଆଳି ସଂଯୋଗ କରୁଥିବା ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଯାହା ଫଳରେ ମୁଖ୍ୟ ରାସ୍ତାରେ ପ୍ରାୟ ୭ ଘଣ୍ଟା କାଳ ଯାତାୟାତ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଥିଲା। ଖବର ପାଇ ବାତେଲିମା ସରପଞ୍ଚ କରୁଣା ମାଝୀ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ଆଗାମୀ ସାତ ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନେଲେ ରାଜରାସ୍ତାକୁ ଓଲ୍ଲାଇବା ସହିତ ବ୍ଲକ କାର୍ଯ୍ୟାଳୟରେ ଧାରଣା ଦେବା ସହ ଓ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବୁ ବୋଲି ବାତେଲିମା ପୂର୍ବତନ ସରପଞ୍ଚ ଧନୁ ମାଝୀ, ଓ୍ୱାର୍ଡ଼ ମେମ୍ବର ଭଗବାନ ପାତ୍ର, ପୂର୍ବତନ ସମିତି ସଭ୍ୟା ବାସନ୍ତୀ ସାମଲ, ନିର୍ମଳ ସାମଲ, ମୁରଲୀ ନାଏକ, ରୋମିଓ ରଞ୍ଜନ ସାମଲ, କୁମ୍ଭେ ମାଝୀ, ନବୀନ ମାଝୀ, ପ୍ରଭୁରଞ୍ଜନ ସାମଲ, ମାର୍କଣ୍ଡ ଦଣ୍ଡସେନା, ତରୁଣ ସାମଲ, ସୁଭଦ୍ରା ପ୍ରଧାନୀ, ଜୟନ୍ତୀ ଦଣ୍ଡସେନା, କୁମାରୀ ଗୌଡ଼, ସୁକୁମାରି ଦଳପତି, କ୍ଷତି ଭୋଇ, ସଭାରୀ ପାତ୍ର ସମେତ ବାତେଲିମା ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି। ଏନେଇ ସରପଞ୍ଚ କରୁଣା ମାଝୀଙ୍କୁ ପଚରିବାରୁ ମୁଁ ରାସ୍ତାକୁ ନେଉ ପଞ୍ଚାୟତ ସମିତି ବୈଠକରେ ବାରମ୍ବାର ଅଭିଯୋଗ କରିଛି। ଏହା ବ୍ୟତୀତ ଜିଲ୍ଲାପାଳ ନିକଟରେ ମଧ ଅଭିଯୋଗ କରିଛି। କିନ୍ତୁ ରାସ୍ତାକୁ ନେଇ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନେଉନାହାନ୍ତି ତେଣୁ ଆଜି ପଞ୍ଚାୟତବାସୀ ଉତ୍ତ୍ୟକ୍ତ ହୋଇ ରାସ୍ତା ଅବରୋଧ କରିଥିଲେ ବୋଲି ପ୍ରକାଶ କରିଥିଲେ।

# ନକଲି ପୋଲିସକୁ ଧରିଲା ଅସଲି ପୋଲିସ

ବଅଁରପାଳ, (ଡିକେ ନ୍ୟୁଜ୍): ଅନୁଗୋଳ ଜିଲ୍ଲା ସଦର ଥାନା ଅଧିନରୁ ଜଣେ ନକଲି ସବଇନ୍ସପେକ୍ଟର ଗିରଫ ହୋଇଛି। ମହୀଧରପୁର ଫାଣ୍ଡି ଅଧିନରେ ଥିବା ଏକ ମଦ ଦୋକନରୁ ପ୍ରଥମେ ୫ ହଜାର ଟଙ୍କା ବଟି ମାଗିଥିଲେ। ଏହାପରେ ଅନୁଗୋଳ ସଦର ଥାନା ଅଧିନ ଛେଲିଆପଡ଼ାରେ ହେଲମେଟ୍ ଯାଞ୍ଚ କରି ଲୋକଙ୍କ ଠାରୁ ଟଙ୍କା ଆଦାୟ କରୁଥିଲେ। ସଦର ଥାନା ପୋଲିସ ନକଲି ସବଇନ୍ସପେକ୍ଟରଙ୍କୁ ଗିରଫ କରିଛି। ହେଲେ ତାଙ୍କ ସହ ଥିବା ନକଲି କନଷ୍ଟେବଲ ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଉଭୟ ନକଲି ପୋଲିସ କର୍ମଚାରୀଙ୍କ ଘର ସଦର ଥାନା ଅଧିନ ଛେଲିଆପଡ଼ାରେ ବୋଲି ତଦନ୍ତରୁ ଜଣାପଡିଛି। ନକଲି ସବଇନ୍ସପେକ୍ଟର ହେଲେ ଛେଲିଆପଡ଼ା ଗ୍ରାମର ବ୍ରଜବନ୍ଧୁ ନାଥଙ୍କ ପୁଅ ଅରକ୍ଷିତ ନାଥ (୩୮) ଓ ନକଲି କନଷ୍ଟେବଲ କଙ୍ଗୁଲା ନୂଆଡିଅର ସାହିର ଅରକ୍ଷିତ ସେଠୀଙ୍କ ପୁଅ ଅମର ସେଠୀ (୨୦)। ଖବର ନେବାରୁ ଜଣାପଡିଛି ନକଲି ସବଇନ୍ସପେକ୍ଟର ଓ ନକଲି କନଷ୍ଟେବଲ ମହୀଧରପୁର ଫାଣ୍ଡି ଅଧିନରେ ଥିବା ଏକ ମଦ ଦୋକାନୀଙ୍କୁ ୫ ହଜାର ଟଙ୍କା ବଟି ମାଗିଥିଲେ। ମଦ ଦୋକାନୀ କର୍ମଚାରୀ ତାଙ୍କୁ ପ୍ରଥମେ ୩ ହଜାର ଟଙ୍କା ଦେଇଥିଲେ ଓ ପରେ ବାକି ୨ ହଜାର ଟଙ୍କା ଦେବେ ବୋଲି କହିଥିଲେ। ଏହାପରେ ନକଲି ପୋଲିସ କର୍ମଚାରୀ ଦ୍ୱୟ ମହୀଧରପୁର ଓ ଛେଲିଆପଡା ମଧ୍ୟରେ ଥିବା ବିଭିନ୍ନ ନିଛାଟିଆ ସ୍ଥାନରେ ଦୁଇ ଚକିଆ ଯାନ ଅଟକାଇ ହେଲମେଟ୍, ଡ୍ରାଇଭିଂ ଲାଇସେନ୍ସ, ଇନସୁରାନ୍ସ ଇତ୍ୟାଦି ଯାଞ୍ଚ କରିଥିଲେ। ଲୋକେ ହେଲମେଟ୍ ପିନ୍ଧି ନ ଥିବାରୁ ସେମାନଙ୍କ ଠାରୁ ୫୦୦ ଓ ୧୦୦୦ ଆଦାୟ କରୁଥିଲେ। ଏହି ଅଞ୍ଚଳର କେତେକ ସଚେତନ ନାଗରିକଙ୍କ ଏନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ତେଣୁ ସେମାନେ ଅନୁଗୋଳ ସଦର ଥାନା ଓ ବଅଁରପାଳ ଥାନାକୁ ଖବର ଦେଇଥିଲେ। ଉଭୟ ଥାନାର ପୋଲିସ ଘଟଣାସ୍ଥଳକୁ ଆସିଥିଲେ। ପୋଲିସ ଗାଡି ଦେଖି ନକଲି କନଷ୍ଟେବଲ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। କିନ୍ତୁ ନକଲି ସବଇନ୍ସପେକ୍ଟରଙ୍କୁ ଅସଲି ପୋଲିସ ମାଡି ବସିଥିଲା। ମହିଧର ପୁର ଫାଣ୍ଡି ଅଧିକାରୀ ମାନସ କୁମାର ମିଶ୍ର ସୂଚନା ଦେଇଛନ୍ତି।



# ଅଜଣା ଗାଡି ଧକ୍କାରେ ବୃଦ୍ଧା ମୃତ୍ୟୁ

ଧର୍ମଗଡ଼, (ଡିକେ ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣିରୁ ଧର୍ମଗଡ଼ ବ୍ଲକକୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସୱେ ରାସ୍ତାର ଭୁର୍ଷାଗୁଡା ଛକ ନିକଟରେ ସୋମବାର ମଧ୍ୟାହ୍ନରେ ସ୍ଥାନୀୟ ଗ୍ରାମର ଜଣେ ବିଧବା ବୃଦ୍ଧା ମହିଳା ହାରାବତୀ ଧଙ୍ଗଡା ମାଝୀ ରାସ୍ତା ପାର ହେଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଅଜଣା ଗାଡି ଧକ୍କାରେ ଫେରାର ହୋଇଯାଇଥିବା ବେଳେ ରାସ୍ତା ପଡି ବୃଦ୍ଧା ମହିଳା ଜଣକ ଗୁରୁତର ଅବସ୍ଥାରେ ପଡି ରହିଥିବା ବେଳେ କିଛି ସ୍ଥାନୀୟ ଯୁବକ ୧୦୮ ଆମ୍ବୁଲାନ୍ସ ଯୋଗେ ବୃଦ୍ଧାଙ୍କୁ କୋକସରା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଥିବା ବେଳେ ଡାକ୍ତର ବୃଦ୍ଧାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆମପାଣି ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଆମପାଣି ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ନେଇ ତଦନ୍ତକାରୀ ପୋଲିସ ଏସଆଇ ଈଶ୍ୱର ଚନ୍ଦ୍ର ସିରକା ସୂଚନା ଦେଇଛନ୍ତି। ତେବେ ସୂଚନାଯୋଗ୍ୟ ଯେ ମୃତ ବୃଦ୍ଧା ଭୁର୍ଷାଗୁଡା ୟୁପି ସ୍କୁଲରେ ଦୀର୍ଘ ବର୍ଷ ହେବ ପାଚିକା ଭାବେ କାର୍ଯ୍ୟ କରି ଆସୁଥିଲେ। ଏଣୁ ତାଙ୍କ ମୃତ୍ୟୁ ପରେ ତାଙ୍କ ପୁଅଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ରେଙ୍ଗାଲିରେ ପରାକ୍ରମ ଶୋଭାଯାତ୍ରା

ସମ୍ବଲପୁର, (ଡିକେ ନ୍ୟୁଜ୍): ଅପରେସନ ସିନ୍ଦୂରର ସଫଳତାକୁ ନେଇ ସମ୍ବଲପୁର ଜିଲ୍ଲା ରେଙ୍ଗାଲିରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲିର ଲୋକପ୍ରିୟ ପୂର୍ବତନ ବିଧାୟକ ନାଉରୀ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ପରାକ୍ରମ ଶୋଭାଯାତ୍ରା ରେଙ୍ଗାଲି ବାବାମନ୍ଦିର ପ୍ରାଙ୍ଗଣରୁ ବାହାରି ରେଙ୍ଗାଲି ପଞ୍ଚାୟତ ଛକ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ଶ୍ରୀ ନାୟକ, ନବୀନ ପଧାନ, ଯୁଗଳ କିଶୋର ଅଗ୍ରୱାଲ, ସରୋଜ ମେହେର, ଅଜୟ ମହାପାତ୍ର, ଉତ୍ତମ ବିଶ୍ୱାଳ, ପ୍ରକାଶ ପୃଷ୍ଟି, ନୀତିଶ ଅଗ୍ରୱାଲ, ଅନ୍ତର୍ଯ୍ୟାମୀ ପାଣି, ଡା.ଅର୍ଜୁନ ନାୟକ, ସଜନ ପୋଦ୍ଦାର, ପ୍ରଶାନ୍ତ ବାରିକ, ଆଶିଷ ହୋତା, ବାସନ୍ତୀ ନାୟକ, ଗୋବର୍ଦ୍ଧନ ବାରିକ ବିଷ୍ଣୁଲାଲ ଅଗ୍ରୱାଲଙ୍କ ସମେତ ବହୁ ଜନସାଧାରଣ ସାମିଲ ହୋଇଥିଲେ।

# ୨୧ ଦିନରେ ମା'ତାରାଦେବୀଙ୍କ ଠାକୁରାଣୀ ଯାତ୍ରା



ବ୍ରହ୍ମପୁର, (ଡିକେ ନ୍ୟୁଜ୍): ଲାଞ୍ଜିପଲ୍ଲୀର ଅଧିଷ୍ଠାତ୍ରୀ ଦେବୀ ମା'ତାରାଦେବୀଙ୍କ ଠାକୁରାଣୀ ଯାତ୍ରା ରବିବାର ରାତ୍ରରୁ ଆରମ୍ଭହୋଇଯାଇଛି। ସୋମବାର ଠାରୁ ଲାଞ୍ଜିପଲ୍ଲୀ ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ମା'ଙ୍କ ଯାତ୍ରା ନେଇ ସ୍ଥାୟୀ ମନ୍ଦିର ସମେତ ଅସ୍ଥାୟୀ ମନ୍ଦିରକୁ ରଙ୍ଗବେରଙ୍ଗ ଫୁଲରେ ସଜ୍ଜିତ କରାଯାଇଥିବା ଦେଖିବାକୁ ମିଳିଛି। ରାତି ୧୦ଟା ୩୯ ମିନଟରୁ ୧୨ଟା ୪୯ ମିନଟ ମଧ୍ୟରେ ଦେଶୀ ବେହେରାଙ୍କ ସହ ଯାତ୍ରା ପରିଚାଳନା କମିଟି, ଗ୍ରାମବାସୀ ବିରାଟ ପଟୁଆର ଧରି ମା'ତାରାଦେବୀ ଠାକୁରାଣୀଙ୍କ ମୁଖ୍ୟ ମନ୍ଦିରରେ ପହଞ୍ଚିଥିଲେ। ମାଜଣା ଓ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ଆଜ୍ଞାମାଳ ପାଇଁ ନିମନ୍ତ୍ରଣ କରିଥିଲେ। ମା' ତାରାଦେବୀଙ୍କ ଆଜ୍ଞାମାଳ ୧୨ ଘଣ୍ଟା ୨୭ ମିନିଟରେ ମିଳିବା ପରେ ବିରାଟ ପାଟ ପଟୁଆର, ଘଣ୍ଟ, ଢୋଲ, ଶଙ୍ଖ, ମହୁରୀ, ବାଦ୍ୟ ବାଜଣା ବଜାଇ ମା'ଙ୍କୁ ଅସ୍ଥାୟୀ ମଣ୍ଡପକୁ ଅଣାଯାଇଥିଲା। ମା'ଙ୍କ ଆଗମନ ସମୟରେ ମୁଖ୍ୟ ମନ୍ଦିର ଠାରୁ ଅସ୍ଥାୟୀ ମଣ୍ଡପ ମଧ୍ୟରେ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ୨୧ ଦିନ ଯାଏଁ ମା'ଅସ୍ଥାୟୀ ମଣ୍ଡପରେ ରହିବା ପରେ ଆସନ୍ତା ୭ ତାରିଖରେ ପୁଣି ନିଜ ମୁଖ୍ୟ ମନ୍ଦିରକୁ ଫେରିଯିବେ। ସେହିଦିନ ଯାତ୍ରା ସମାପନ ହେବ। ଅସ୍ଥାୟୀ ମଣ୍ଡପରେ ରହଣି ସମୟରେ ପ୍ରତିଦିନ ଭୋରୁ ପ୍ରଭାତ ଆଳତି, ବାଳଭୋଗ, ହୋମ ଚଣ୍ଡିପାଠ ସହ ମଧ୍ୟାହ୍ନରେ ଅନ୍ନଭୋଗ ଓ ସନ୍ଧ୍ୟାରେ ୧୦୮ ଆଳତି ହେବ। ଅସ୍ଥାୟୀ ମଣ୍ଡପରେ ଦୁଇ ଦିନ ବିଶ୍ରାମ ପରେ ୨୧ ତାରିଖରୁ ଘଟ ପରିକ୍ରମା ଆରମ୍ଭ ହେବ। ଘଟ ପରିକ୍ରମା ବେଳେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମା'ଲାଞ୍ଜିପଲ୍ଲୀ ଅଞ୍ଚଳର ଆଖାପାଖ ଥିବା ବିଭିନ୍ନ ସାହିକୁ ପରିକ୍ରମା କରିବେ। ସେହିପରି ରଥ, କଳାକୁଞ୍ଜ, ସାଂସ୍କୃତିକ କାର୍ଯ୍ୟକ୍ରମ, ମେଢ, ତୋରଣ ଓ ଯାତ୍ରା ପଡିଆରେ ମୀନାବଜାର ଆୟୋଜନ ହେବ। ଯାତ୍ରା ପରିଚାଳନା କମିଟି ସଭାପତି ଭଗବତ ପ୍ରସାଦ ସିଂ ଦେଓ, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ସାବତ, ସମ୍ପାଦକ ହୃଷିକେଶ ପାତ୍ରଙ୍କ ସମେତ କାହ୍ନୁ ଚରଣ ଚୌଧୁରୀ, ରାଜେନ୍ଦ୍ର ସାବତ, ଭେଙ୍କେଟ ରାଓ, ସିମାଦ୍ରୀ ପାତ୍ର, ଲଡୁକିଶୋର ପାଣିଗ୍ରାହୀ ପ୍ରମୁଖ ବିଭିନ୍ନ ଦାୟିତ୍ୱରେ ରହିଛନ୍ତି। ସୋମବାର ମା'ଙ୍କ ଯାତ୍ରାରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର ସମେତ ସ୍ଥାନୀୟ କର୍ପୋରେଟର ବନିତା ସାହୁ ସମସ୍ତ କମିଟି କର୍ମକର୍ତ୍ତା, ସଦସ୍ୟ, ଗ୍ରାମବାସୀ ବହୁ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ୧୯୭୯ ଠାରୁ ଲାଞ୍ଜିପଲ୍ଲୀରେ ପ୍ରତି ଦୁଇ ବର୍ଷକୁ ଥରେ ମା'ତାରାଦେବୀଙ୍କ ଯାତ୍ରା ଆୟୋଜିତ ହେଉଛି।

# ସାମ୍ବାଦିକ ଭବନ ନିର୍ମାଣ ପାଇଁ ସାଂସଦଙ୍କୁ ଦାବି



କଳାହାଣ୍ଡି, (ଡିକେ ନ୍ୟୁଜ୍): ଲାଞ୍ଜିଗଡ ବ୍ଲକରେ ସାମ୍ବାଦିକ ଭବନଟିଏ ସ୍ଥାପନ ପାଇଁ ଦୀର୍ଘ ଦିନ ଧରି ଦାବି ହୋଇଆସୁଛି। ବ୍ଲକର ଦୁର୍ଗମାଞ୍ଚଳ ତଥା ଜିଲ୍ଲା ଓ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରକୁ ଆସୁଥିବା ସାମ୍ବାଦିକମାନେ ଅନେକ ସମୟରେ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ଏହାକୁ ଦୃଷ୍ଟିରେ ରଖି ଆଗକୁ ଆସିଛନ୍ତି ସାମ୍ବାଦିକମାନେ। ସୋମବାର କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଗସ୍ତରେ ଆସିଥିବାବେଳେ ତାଙ୍କୁ ସାକ୍ଷାତ କରି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଲାଞ୍ଜିଗଡ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗ, ବରିଷ୍ଠ ସାମ୍ବାଦିକ କୈଳାସ ସାହୁ, ସନ୍ତୋଷ ତୁଳ, ଯୁବ ସାମ୍ବାଦିକ ଦେବାଶିଷ ରଞ୍ଜନ ବିଶି ପ୍ରମୁଖ ସାଂସଦଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହିତ ସାମ୍ବାଦିକ ଭବନଟିଏ ନିର୍ମାଣ ପାଇଁ ସାଂସଦ ପାଣ୍ଠିରୁ ଅନୁଦାନ ଯୋଗାଇଦେବାକୁ ଅନୁରୋଧ କରିଛନ୍ତି। ସାଂସଦ ଦାବିପତ୍ର ଗ୍ରହଣ କରିବା ସହିତ ଅନୁଦାନ ଯୋଗାଇଦେବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଅଭିଯୋଗ ଶୁଣାଣି

ଭଞ୍ଜନଗର, (ଡିକେ ନ୍ୟୁଜ୍): ଭଞ୍ଜନଗରରେ ଜିଲ୍ଲା ସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନସମାଧାନ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଗଞ୍ଜାମ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ସମୁଦାୟ ୧୮୨ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଆଜିର ଏହି ଅଭିଯୋଗ ମଧ୍ୟରେ ବ୍ୟକ୍ତିଗତ ଅଭିଯୋଗ ୧୭୪ଟି ଥିବାବେଳେ, ଗ୍ରାମୀୟ ଅଭିଯୋଗ ୮ଟି ଥିଲା। ଜିଲ୍ଲାପାଳ ତ୍ୱରିତ ୮ଟି ଅଭିଯାଗର ଫଇସଲା କରିଥିଲେ। ରେଡ଼କ୍ରସ ରିଲିଫ ପାଣ୍ଠିରୁ ଜଣଙ୍କୁ ତିରିଶି ହଜାର ଟଙ୍କା ହିସାବରେ ତିନି ଜଣଙ୍କୁ ନବେ ହଜାର ଟଙ୍କା ଏବଂ ଆଉ ଜଣଙ୍କୁ ଦଶ ହଜାର ଟଙ୍କା, ଏବଂ ଅନ୍ୟ ଜଣଙ୍କୁ ଚାରି ହଜାର ଟଙ୍କା (ପାଞ୍ଚ ଜଣଙ୍କୁ ସମୁଦାୟ ଏକ ଲକ୍ଷ ଚାରି ହଜାର ଟଙ୍କା) ସହାୟତା ପ୍ରଦାନ କରାଯାଇଥିଲା ଏବଂ ଭଞ୍ଜନଗର ଏନଏସିର ଭିନ୍ନକ୍ଷମ ସୁବାଷ ଚନ୍ଦ୍ର ନାଇକଙ୍କୁ ଏକ ଟ୍ରାଇ ସାଇକଲ ପ୍ରଦାନ କରାଯାଇଥିଲା। ଆଜିର ଅଭିଯୋଗ ସମୟରେ, ଅଭିଯୋଗ ଗୁଡିକ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଉଟି କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ଭୂମିହୀନଙ୍କ ପାଇଁ ବସୁନ୍ଧରା ଯୋଜନାରେ ଜାଗା ଆବଣ୍ଟନ ଉପରେ ମୁଖ୍ୟତଃ ଥିଲା। ଆଦିବାସୀମାନଙ୍କ ଜଙ୍ଗଲ ଜମି ପଟା ସକାଶେ ସୋରଡ଼ା ବ୍ଲକ ଅଞ୍ଚଳରୁ ଅଭିଯୋଗ ଆସିଥିଲା। ଗ୍ରହଣ କରିଥିବା ଆବେଦନଗୁଡିକର ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ଦିଗରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣି ସମୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷିକ ରଞ୍ଜନ କୁମାର ଦେ, ଭଞ୍ଜନଗର ଡେପୁଟି କଲେକ୍ଟର ସୁମନ ଘୋଷ, ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ଭଞ୍ଜନଗର ତହସିଲଦାର ଅବିନାଶ ମହାର, ଭଞ୍ଜନଗର ବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ପୂର୍ତ୍ତ ବିଭାଗ ଏସଡିଓ ଭଞ୍ଜନଗର ପ୍ରତାପ ନାୟକ, ଭଞ୍ଜନଗର, ବିଜ୍ଞାପିତ ଅଞ୍ଚଳ ଭଞ୍ଜନଗର କାର୍ଯ୍ୟନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା, ଭଂଜନଗର, ସହାୟକ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର, ଜିଲ୍ଲା ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ କୁମାର ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ଏବଂ ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଯୁଗ୍ମ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଗରିବ, ଅସହାୟଙ୍କୁ ସହାୟତା...

ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବସ୍ତରୀୟ ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ରହି ଏହି କାର୍ଯ୍ୟ ପରିଚାଳନା କରିଥିଲେ।

### ପୋଲାଭରମ୍ ପ୍ରକଳ୍ପର...

ଅଧିକାରୀସ୍ତରରେ ଅନେକ ଆଲୋଚନା ସତ୍ତ୍ୱେ କୌଣସି ସମାଧାନ ମିଳିଲା ନାହିଁ। ଓଡ଼ିଶା, ଛତିଶଗଡ଼ ଏବଂ ତେଲେଙ୍ଗାନା ଦ୍ୱାରା ଦାଖଲ କରାଯାଇଥିବା ଆବେଦନଗୁଡ଼ିକ ସୁପ୍ରିମକୋର୍ଟରେ ବିଚାରାଧୀନ ଅଛି। ଯଦିଓ ଆନ୍ତଃପ୍ରଦେଶ ବୁଡ଼ିଯିବାର ସମ୍ଭାବନା ଥିବା ଗ୍ରାମଗୁଡ଼ିକ ପାଖରେ ଏକ ପ୍ରତିବନ୍ଧକ ପ୍ରାଚୀର ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲା, ଓଡ଼ିଶା ଏବଂ ଛତିଶଗଡ଼ ଜମି ଅଧିଗ୍ରହଣ ଏବଂ ପୁନର୍ବାସ ସମ୍ପର୍କରେ ଅଧିକ ଆପତ୍ତି ଉଠାଇଥିଲା। ଆନ୍ତଃ ପ୍ରଦେଶ ବିଭାଜନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତିର ଏକ ଅଂଶ ଭାବରେ କେନ୍ଦ୍ର ସରକାର ପୋଲାଭରମକୁ ଏକ ଜାତୀୟ ପ୍ରକଳ୍ପ ଭାବରେ ଘୋଷଣା କରିଥିଲେ। ସମସ୍ତ ରାଜ୍ୟ ପାଇଁ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ଖୋଜି ସମସ୍ତ ବାଧା ଦୂର କରିବା ଏବେ କେନ୍ଦ୍ର ସରକାରଙ୍କ ଦାୟିତ୍ୱ ହୋଇଯାଇଛି। ଆନ୍ଧ୍ରପ୍ରଦେଶରେ ଏନଡିଏ ସରକାର କ୍ଷମତାକୁ ଆସିବା ପରେ ପ୍ରକଳ୍ପ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। କେନ୍ଦ୍ର ସରକାରଙ୍କ ପାଇଁ ସମୟସୀମା ମଧ୍ୟରେ ପ୍ରକଳ୍ପ ସମାପ୍ତ କରିବା ପାଇଁ ଆନ୍ତଃରାଜ୍ୟ ବିବାଦର ସମାଧାନ ଖୋଜିବା ଜରୁରୀ ହୋଇପଡ଼ିଛି। ପ୍ରଥମ ଥର ପାଇଁ, ପ୍ରଧାନମନ୍ତ୍ରୀ ମୋଦି ସମସ୍ତ ଚାରୋଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ସିଧାସଳଖ ଆଲୋଚନା କରିବାକୁ ଆଗେଇ ଆସିଛନ୍ତି। ସୂତ୍ର ଅନୁସାରେ, ମେ ୨୮ ତାରିଖରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମୁଖ୍ୟ ସଚିବମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ସହ ହୋଇଥିବା ବୈଠକ ବିଷୟରେ ଅବଗତ କରାଯାଇଥିଲା। ଚାରୋଟି ରାଜ୍ୟର ମୁଖ୍ୟମନ୍ତ୍ରୀ, ଜଳସେଚନ ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ, କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ, କେନ୍ଦ୍ରୀୟ ଜଳ କମିଶନ ଏବଂ ପୋଲାଭରମ୍ ପ୍ରକଳ୍ପ ପ୍ରାଧିକରଣର ଅଧିକାରୀମାନେ ବୈଠକରେ ଅଂଶଗ୍ରହଣ କରିବେ। ପ୍ରଧାନମନ୍ତ୍ରୀ ସିଧାସଳଖ ବୈଠକ କରୁଥିବାରୁ, ଜଳସେଚନ ବିଭାଗ ଅଧିକାରୀମାନେ ଆଶା କରୁଛନ୍ତି ଯେ ସେ ପ୍ରକଳ୍ପ ଉପରେ ଥିବା ଗତିରୋଧକୁ ଦୂର କରିବେ, ଯାହା ଚାଲୁଥିବା କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବ।

### ୨୪ ମେ'ପର୍ଯ୍ୟନ୍ତ...

ବେଗରେ ପବନ ବହିବା ସହିତ ବଜ୍ରପାତ ସହିତ ବର୍ଷା ହେବାର ସମ୍ଭାବନା ଅଧିକ ରହିଛି। ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୩ ମେ'ରେ ମୟୂରଭଞ୍ଜ, କେନ୍ଦୁଝର, ଗଜପତି, କନ୍ଧମାଳ, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅପରାହ୍ନ/ସନ୍ଧ୍ୟା ସମୟରେ ଘଡ଼ଘଡ଼ି ସହିତ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏଥିରେ ଘଣ୍ଟାପ୍ରତି ଘଣ୍ଟା ୪୦-୫୦ରୁ ୬୦ କିଲୋମିଟର ବେଗରେ ପବନ ବହିପାରେ। ଏହା ବ୍ୟତୀତ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅପରାହ୍ନ/ସନ୍ଧ୍ୟା ସମୟରେ ଘଡ଼ଘଡ଼ି ସହିତ ବଜ୍ରପାତ ହୋଇପାରେ ଏବଂ ପବନର ବେଗ ଘଣ୍ଟା ପ୍ରତି ୩୦-୪୦ କିଲୋମିଟରେ ପର୍ଯ୍ୟନ୍ତ ବହିପାରେ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ଏସବୁ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସେହିପରି ୨୪ ମେ'ରେ ଗଜପତି, ଗଞ୍ଜାମ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅପରାହ୍ନ/ସନ୍ଧ୍ୟା ସମୟରେ ୪୦-୫୦ କିଲୋମିଟର ବେଗରେ ପବନ ବହିବା ସହିତ ବଜ୍ରପାତ ସହିତ ବର୍ଷା ହେବାର ସମ୍ଭାବନା ଅଧିକ। ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।

# ହାତୀ ଆକ୍ରମଣରେ ପୁଣି ଜଣେ ବୃଦ୍ଧଙ୍କ ମୃତ୍ୟୁ

ସମ୍ବଲପୁର, (ଡିକେ ନ୍ୟୁଜ୍): ଜୁଯୋମୁରା ବ୍ଲକରେ ହାତୀଙ୍କ ଦୌରାତ୍ମ କମୁନି। ଦିନକୁ ଦିନ ଏହା ବଢିଚାଲିଥିବା ବେଳେ ପ୍ରଶାସନିକ କଳ ନିଷ୍କ୍ରିୟ ରହିବା ଯୋଗୁଁ ହାତୀ ଆକ୍ରମଣରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୨ ସପ୍ତାହ ତଳେ ନୂଆବରଙ୍ଗମାଳର ଧୋଧୋଲୋମୁଣ୍ଡା ଠାରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଖବରରେ ପରିବାର ଆଖିରୁ ଲୁହ ଶୁଖିନଥିବା ବେଳେ ରବିବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ପୁଣି ଜଣେ ବୃଦ୍ଧ ଟଳିପଡିଥିବା ଖବର ମିଳିଛି। ପଡିଆବାହାଲ ଫରେଷ୍ଟ ରେଞ୍ଜ ଅଧୀନରେ ଥିବା ଡ଼ଙ୍ଗରପଡା ପଞ୍ଚାୟତରେ ହାତୀ ଆକ୍ରମଣରେ ଏଥର ଜଣଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଉଛନ୍ତି ଚେଲକାମ ଲୁହୁରାପଡାର ଘାସି ପ୍ରଧାନଙ୍କ ପୁଅ ଶ୍ୟାମ ସୁନ୍ଦର ପ୍ରଧାନ (୬୨) ରବିବାର ସନ୍ଧ୍ୟା ପାଖାପାଖି ୫ଟାରେ ଝାଡା ଯିବାକୁ କହି ସେ ବାହାରକୁ ବାହାରିଥିଲେ। କିନ୍ତୁ ସ୍ୱାମୀଙ୍କ ସ୍ୱାସ୍ଥ୍ୟ ଭଲ ନଥିବାରୁ ନିଜ ସ୍ତ୍ରୀ ବାହାରକୁ ଯିବାକୁ ବାରଣ କରି ଘର ବାଡ଼ିରେ ଝାଡା କରିବାକୁ କହିଥିଲେ। କିନ୍ତୁ ସ୍ତ୍ରୀଙ୍କ କଥା ନଶୁଣି ବାହାରକୁ ଯାଇ ବହୁ ସମୟ ଧରି ଘରକୁ ନଆସିବା ଫଳରେ ଆତୁର ସ୍ତ୍ରୀଙ୍କ ଆକୁଳ ନିବେଦନ ଶୁଣି ଗାଁ ଲୋକ ଜଙ୍ଗଲକୁ ଯାଇ ଦେଖନ୍ତିତ ୬ ଘର ହାତୀ ସେଠାରେ ଚଳପ୍ରଚଳ କରୁଛନ୍ତି। କାଳେ ହାତୀ ମାରିଦେଇଥିବ ସନ୍ଦେହ କରି ପଡିଆବାହାଲ ବନ ବିଭାଗ ଓ ଜୁଯୋମୁରା ପୋଲିସଙ୍କୁ ଖବର ଦିଆଯିବା ପରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ପାଖରେ ଖବର ପହଞ୍ଚିଥିଲା। ତେବେ ତାଙ୍କ ସ୍ତ୍ରୀ ମୋ ପାଖରେ ଏବେ କେହି ନାହାଁନ୍ତି, ଏହି ବିପଦ ସମୟରେ ସାହାଯ୍ୟ କର ବୋଲି ଆକୁଳ ନିବେଦନ କରିଥିଲେ। ଜୁଯୋମୁରା ପୋଲିସ ଓ ପଡିଆବାହାଲ ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ହାତୀ ଆକ୍ରମଣରେ ଶ୍ୟାମଙ୍କ ମୃତ୍ୟୁ ହୋଇଥିବା ନେଇ ସ୍ୱୀକାର କରିବା ସହିତ ଏସମ୍ପର୍କରେ ଥାନାରେ ମାମଲା ହେବା ସହ ବନ ବିଭାଗ ହାତୀ ଆକ୍ରମଣ ନେଇ ରିପୋର୍ଟ ଦେଇଛନ୍ତି। ସୋମବାର ଶବ ବ୍ୟବଚ୍ଛେଦ ପରେ ମର ଶରୀର ହସ୍ତାନ୍ତର କରିବା ପରେ ଅନ୍ତିମ ସଂସ୍କାର କରାଯାଇଛି। ମୃତ ବ୍ୟକ୍ତିଙ୍କ ୫ ପୁଅ ଝିଅ ମଧ୍ୟରୁ ୩ ଝିଅ ବିବାହିତ ଓ ୨ ପୁଅ ବାହାରେ ରହୁଥିବାରୁ ବିଧବା ସ୍ତ୍ରୀ ଏବେ ଏକାକୀ ହୋଇପଡିଛନ୍ତି। ଏଠାରେ ସୂଚନା ଯୋଗ୍ୟକି ଚଳିତ ମାସ ୪ ତାରିଖ ଦିନ ଧଧୋଲୋମୁଣ୍ଡା ଗ୍ରାମରେ ସନ୍ତୋଷ ବଡେଇ ନାମକ ଜଣେ ୬୬ ବର୍ଷୀୟ ବୃଦ୍ଧଙ୍କ ଭୋର ହାତୀ ଆକ୍ରମଣରେ ଦେହାନ୍ତ ହୋଇଥିଲା। ପ୍ରାପ୍ତ ସୂଚନା ମତେ, ବାହାମ, ଛାମୁଣ୍ଡା, ବଡତୁରାଙ୍ଗ, ମାଳିମୁଣ୍ଡା, ହିରୋ, ନୀଳଡୁଙ୍ଗାରି, ଘେନୁପାଲି, ଡ଼ଙ୍ଗରପଡା, ଲଦଲଦି, ନୂଆଁ ବରଙ୍ଗାମାଳ ପ୍ରଭୃତି ଅଞ୍ଚଳ ହାତୀଙ୍କ ଚରାଭୂଇଁ ପାଲଟିଛି। ଫଳରେ ହାତୀଙ୍କ ପାଇଁ ଅଞ୍ଚଳରେ ଆତଙ୍କ ବଢିଥିବା ବେଳେ ହାତୀଙ୍କ ଦୌରାତ୍ମ ଯୋଗୁଁ ଅନେକ ଚାଷୀ ନିଜର ଚାଷ କାର୍ଯ୍ୟରୁ ମୁହଁ ଫେରାଇନେଲେଣି। ହାତୀ ଘଉଡ଼ାଇବା ପାଇଁ ବନ ବିଭାଗ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ସତ୍ତ୍ୱେ ଏହି ଅଞ୍ଚଳରେ ଏହା ଏକ ପ୍ରହସନ ପାଲଟିଥିବା ବେଳେ ହାତୀ ମଣିଷ ଲଢେଇରେ ବହୁ ଧନ ଜୀବନ ନଷ୍ଟ ହେଉଥିବା କାହାକୁ ଅଛପା ନୁହେଁ।



# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

ବରଗଡ଼, (ଡିକେ ନ୍ୟୁଜ୍): ସୋହେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲଙ୍କ ସମେତ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ କୃଣାଲ ମୋତିରାମ ଚୌହାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଣବ ଶବର, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ଦାଶ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ କରିସ୍ମା ଭେସ୍ରା ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସୂଚନାଯୋଗ୍ୟକି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ



କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୬୩ଟି ଅଭିଯୋଗ ମଧ୍ୟରୁ ୩୮ଟି ବ୍ୟକ୍ତିଗତ, ୨୫ଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।





# ପାକିସ୍ତାନକୁ ଏକଘରକିଆ କରିବା ଯୋଜନାରେ ବିସିସିଆଇ




ନୂଆଦିଲ୍ଲୀ, ୧୯।୫ (ହି.ସ): ନିକଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତିର ପ୍ରଭାବ ଦୀର୍ଘ ସମୟଧରି ଦୁଇ ଦେଶ ମଧ୍ୟରେ ଥିବା କ୍ରିକେଟ ସମ୍ପର୍କରେ ପଡ଼ିବା ସ୍ପଷ୍ଟ ହୋଇଛି। ଦୀର୍ଘ ବର୍ଷ ହେଲାଣି ଭାରତ ଓ ପାକିସ୍ତାନ ମଧ୍ୟରେ ଦୁଇ ପାକ୍ଷିକ ସିରିଜ ହେଉନାହିଁ। ଦୁଇ ଦେଶ କେବଳ ଏସିଆ କିମ୍ବା ଆଇସିସି ତରଫରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ପରସ୍ପରକୁ ଭେଟୁଛନ୍ତି। କିନ୍ତୁ ପହଲଗାମ ନରସଂହାର ଓ ଭାରତର 'ଅପରେସନ ସିନ୍ଦୂର' ପରେ ପାକିସ୍ତାନ ସହ ସୃଷ୍ଟି ହୋଇଥିବା ବିବାଦ ଏବେ ବହୁ ରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ ଉପରେ ମଧ୍ୟ ପଡ଼ିବାର ଆଶଙ୍କା ପ୍ରକାଶ ପାଇଛି। ପାକିସ୍ତାନ ସହ ଭାରତ ସରକାର କୂଟନୀତିକ ସମ୍ପର୍କଛିନ୍ନ କରିଥିବାରୁ ଏବେ ବିସିସିଆଇ ମଧ୍ୟ କ୍ରିକେଟ କ୍ଷେତ୍ରରେ ପାକିସ୍ତାନକୁ ଏକଘରକିଆ କରିବାକୁ ଯୋଜନା ପ୍ରସ୍ତୁତ କରିଛି। ବର୍ତ୍ତମାନ ପାକିସ୍ତାନର ଜଣେ ମନ୍ତ୍ରୀ ଏସିଆନ କ୍ରିକେଟ କାଉନସିଲ ବା ଏସିସିର ନେତୃତ୍ୱ ନେଉଛନ୍ତି। ଏସିଆ ମହାଦେଶର କ୍ରିକେଟ ବ୍ୟାପାର କଥା ଏସିସି ବୁଝିଥାଏ। ଯେହେତୁ ଏସିସିର ମୁଖିଆ ଏବେ ପାକିସ୍ତାନର ମନ୍ତ୍ରୀ ରହିଛନ୍ତି, ତେଣୁ ବିସିସିଆଇ ବଡ଼ ପଦକ୍ଷେପ ନେବାକୁ ଚିନ୍ତା କରୁଛି। ଭାରତୀୟ କ୍ରିକେଟ ଟିମ ୨୦୨୫ ଏସିଆ କପରେ ଭାଗ ନେବ ନାହିଁ ବୋଲି ବିସିସିଆଇ ଏବେ ଠାରୁ ଏସିସିକୁ ଜଣାଇ ଦେବାକୁ ଚିଠି ଲେଖିବ ବୋଲି ଖବର ମିଳିଛି। ଉଭୟ ଭାରତୀୟ ପୁରୁଷ ଓ ମହିଳା ଟିମ ଏସିଆ କପରେ ଭାଗ ନେବେ ନାହିଁ ବୋଲି କୁହାଯାଉଛି। ଏପରି କରି ପାକିସ୍ତାନକୁ କ୍ରିକେଟ ଦୁନିଆରେ ମଧ୍ୟ ଭାରତ ଏକଘରକିଆ କରିବାକୁ ଚାହୁଁଛି। ଏସିଆ କପ ୨୦୨୫କୁ ଆୟୋଜନ କରିବାର ଅଧିକାର ଭାରତକୁ ମିଳିଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବାର ଥିଲା। ଭାରତ ଓ ପାକିସ୍ତାନ ମ୍ୟାଚର ଗୁରୁତ୍ୱ ମଧ୍ୟ ଯଥେଷ୍ଟ ଅଧିକ। କିନ୍ତୁ ବର୍ତ୍ତମାନର ସ୍ଥିତିରେ ବିସିସିଆଇ ନିଜର ଏସିଆ କପ ଆୟୋଜନ ଯୋଜନାରେ ପରବର୍ତ୍ତନ କରିବା ମୁଡରେ ରହିଛି। ଯଦି ବିସିସିଆଇ ପକ୍ଷରୁ ଏସିଆ କପକୁ ବୟକଟ କରାଯାଏ, ତା'ହେଲେ ଟୁର୍ଣ୍ଣାମେଣ୍ଟର ଭବିଷ୍ୟତ ଉପରେ କଳାବାଦଲ ଘୋଟାଇ ଆସିବ। ସେହିପରି ଏସିସିର ଆର୍ଥିକ ବ୍ୟବସ୍ଥା ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିବ। ଏପରି ସ୍ଥିତିରେ ଏହା ଏସିସି ମୁଖିଆ ମୋହସିନ ନକଭୀଙ୍କୁ ବ୍ୟକ୍ତିଗତ ଭାବେ ଝଟକା ସଦୃଶ ହେବ। ପ୍ରଥମେ ଏସିସିର ମୁଖ୍ୟ ଜୟ ଶାହ ଥିଲେ। ସେ ଆଇସିସି ଅଧ୍ୟକ୍ଷ ହୋଇଯିବାରୁ ପାକିସ୍ତାନ କ୍ରିକେଟ ବୋର୍ଡ ବା ପିସିବି ଅଧ୍ୟକ୍ଷ ଭାବେ କାମ କରୁଥିବା ନକଭୀ ଏସିସି କମାଣ ସମ୍ଭାଳିଛନ୍ତି। ହେଲେ ଭାରତ ଏସିଆ କପରୁ ଓହରିବାକୁ ଯୋଜନା କରୁଥିବା ଖବର ନକଭୀଙ୍କ ଚିନ୍ତା ବଢାଇ ଦେଇଛି। ବିସିସିଆଇର ଜଣେ ଅଧିକାରୀ କହିଛନ୍ତି, ଏସିସି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଟିମ ଆଦୌ ଖେଳିପାରିବ ନାହିଁ। କାରଣ ଏସିସିର ମୁଖିଆ ହେଉଛନ୍ତି ପାକିସ୍ତାନର ଜଣେ ମନ୍ତ୍ରୀ। ଏହା ଦେଶର ଭାବନା ସହ ଜଡ଼ିତ। ଆଗାମୀ ମହିଳା ଇମର୍ଜିଂ ଟିମର ଏସିଆ କପରେ ଆମେ ଭାଗ ନେବୁ ନାହିଁ ବୋଲି ଏସିସିକୁ ଜଣାଇ ଦେଇଛୁ। ସେହିପରି ଏସିସିର ଆଗାମୀ ଟୁର୍ଣ୍ଣାମେଣ୍ଟଗୁଡ଼ିକରେ ଆମର ଯୋଗଦାନ ଉପରେ ରୋକ ଲଗାଇଛୁ। ଆମେ ଭାରତ ସରକାରଙ୍କ ସହ ନିୟମିତ ଯୋଗାଯୋଗରେ ରହିଛୁ। ଏସିଆ କପ ପାଇଁ ଅଧିକାଂଶ ପ୍ରାୟୋଜକ ଭାରତରୁ ମିଳିଥାଏ। ଏବେ ଭାରତରେ ପାକିସ୍ତାନ ବିରୋଧୀ ଭାବନା ଜାରି ରହିଛି। ଏପରି ସ୍ଥିତିରେ ବିସିସିଆଇ ନିଜର ଏସିଆ କପ ଆୟୋଜନ ନିଷ୍ପତ୍ତି ଆଗକୁ ନେବା ଆଦୌ ଶୁଭଙ୍କର ନୁହେଁ। ଖାସ ଏହି କାରଣରୁ ବିସିସିଆଇ ଏସିଆ କପରୁ ଓହରି ଯିବାକୁ ଚାହୁଁଥିବା ଜଣାପଡ଼ିଛି। ୨୦୨୪ରେ ସୋନି ଫିକଚର୍ସ ନେଟୱର୍କସ ଇଣ୍ଡିଆ ୧୭୦ ମିଲିୟନ ଡଲାର ଦେଇ ଏସିଆ କପର ପ୍ରସାରଣ ଅଧିକାର ହାସଲ କରିଛି। କିନ୍ତୁ ଚଳିତ ବର୍ଷ ଯଦି ଏସିଆ କପ ଆୟୋଜନ ନ ହେବ, ତା'ହେଲେ ଏହି ଡିଲ ଉପରେ ପୁଣି ବିଚାର କରାଯାଇ ହିସାବପତ୍ର କରାଯିବ। ୨୦୨୩ରେ ଏସିଆ କପ ହାଇବ୍ରିଡ ମଡେଲରେ ହୋଇଥିଲା। ଭାରତ ତା'ର ମ୍ୟାଚ୍ ଗୁଡ଼ିକ ଶ୍ରୀଲଙ୍କାରେ ଖେଳିଥିଲା। ୨୦୨୩ ଏସିଆ କପରେ ଭାରତ ଚାମ୍ପିୟନ ହୋଇଥିବା ବେଳେ ପାକିସ୍ତାନ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିପାରି ନଥିଲା।

# ୟୁପି ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ସହ ମହମ୍ମଦ ଶାମିଙ୍କ ସାକ୍ଷାତ



ଲକ୍ଷ୍ନୌ, ୧୯।୫ (ହି.ସ): ଭାରତୀୟ କ୍ରିକେଟ ଦଳର ଦ୍ରୁତ ବୋଲର ମହମ୍ମଦ ଶାମି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିଛନ୍ତି। ସେମାନଙ୍କର ସାକ୍ଷାତ ଲକ୍ଷ୍ନୌରେ ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ସରକାରୀ ବାସଭବନରେ ହୋଇଥିଲା। ଏହି ସମୟରେ ଉଭୟଙ୍କ ମଧ୍ୟରେ ଏକ ଉଷ୍ମ କଥାବାର୍ତ୍ତା ହୋଇଥିଲା ଏବଂ ମୁଖ୍ୟମନ୍ତ୍ରୀ ଶାମିଙ୍କୁ ସମ୍ମାନିତ ମଧ୍ୟ କରିଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ କିଛି ଫଟୋ ମଧ୍ୟ ସେୟାର କରିଛନ୍ତି। ସେ 'ଏକ୍ସ'ରେ ଲେଖିଛନ୍ତି ଯେ, ଆଜି ମୁଁ ଭାରତୀୟ କ୍ରିକେଟ ଦଳର ପ୍ରସିଦ୍ଧ ବୋଲର ମହମ୍ମଦ ଶାମିଙ୍କ ସହ ଲକ୍ଷ୍ନୌସ୍ଥିତ ତାଙ୍କ ସରକାରୀ ବାସଭବନରେ ଏକ ସୌଜନ୍ୟମୂଳକ ସାକ୍ଷାତ କରିଥିଲି। ତେବେ ଗତ କିଛି ଦିନ ଧରି ଟେଷ୍ଟ କ୍ରିକେଟରୁ ଅବସର ନେବା ଖବର ଜୋର ଧରିଥିବା ବେଳେ ମହମ୍ମଦ ଶାମି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିଥିଲେ। ତଥାପି ଭାରତୀୟ କ୍ରିକେଟର ମହମ୍ମଦ ଶାମି ଟେଷ୍ଟ କ୍ରିକେଟରୁ ଅବସର ନେବା ଗୁଜବ ଉପରେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ସେ ଇନଷ୍ଟାଗ୍ରାମ ଷ୍ଟୋରୀ ମାଧ୍ୟମରେ ଅବସରର ଗୁଜବକୁ ଖଣ୍ଡନ କରିଥିଲେ ଏବଂ ଲେଖିଛନ୍ତି ଯେ ଏପରି ଲୋକମାନେ ଭବିଷ୍ୟତକୁ ନଷ୍ଟ କରିଦିଅନ୍ତି। ମହମ୍ମଦ ଶାମି ବର୍ତ୍ତମାନ ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖେଳାଳିଙ୍କ ମଧ୍ୟରୁ ଜଣେ। ଏପର୍ଯ୍ୟନ୍ତ ସେ ଭାରତ ପାଇଁ ୬୪ ଟେଷ୍ଟ, ୧୦୮ ଦିନିକିଆ ଏବଂ ୨୫ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ସେ ଟେଷ୍ଟରେ ୨୨୯ ୱିକେଟ୍, ଦିନିକିଆରେ ୨୦୬ ୱିକେଟ୍ ଏବଂ ଟି-୨୦ରେ ୨୭ ୱିକେଟ୍ ନେଇଛନ୍ତି। ସେ ୨୦୨୫ ଚାମ୍ପିଅନ୍ସ ଟ୍ରଫି ବିଜେତା ଦଳର ମଧ୍ୟ ଅଂଶ ଥିଲେ। ଭାରତକୁ ଏହି ଟୁର୍ଣ୍ଣାମେଣ୍ଟ ଜିତିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଶାମି ଚଳିତ ଆଇପିଏଲରେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଖେଳୁଛନ୍ତି, କିନ୍ତୁ ଏହି ସିଜନରେ ତାଙ୍କର ପ୍ରଦର୍ଶନ ଆଶାନୁରୂପ ହୋଇନାହିଁ। ଆଇପିଏଲ ପରେ ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ ଜୁନରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଇଂଲଣ୍ଡର ଏକ ଲମ୍ବା ଗସ୍ତରେ ଯିବେ। ନିକଟରେ ଭାରତୀୟ କ୍ରିକେଟର ଷ୍ଟାର ବ୍ୟାଟସମ୍ୟାନ ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ସେ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ମାଧ୍ୟମରେ ସୋସିଆଲ ମିଡିଆରେ ଏହି ସୂଚନା ଦେଇଛନ୍ତି। ବିରାଟ କୋହଲିଙ୍କ କିଛି ଦିନ ପୂର୍ବରୁ, ରୋହିତ ଶର୍ମା ମଧ୍ୟ କ୍ରିକେଟର ଏହି ଦୀର୍ଘତମ ଫର୍ମାଟକୁ ଅଲବିଦା କହିଥିଲେ। ଏହା ପରେ ଶାମିଙ୍କ ଅବସର ନେଇ ଗୁଜବ ବ୍ୟାପିଥିଲା, ଯାହାକୁ ଦ୍ରୁତ ବୋଲର ଖଣ୍ଡନ କରିଥିଲେ।

# ହକି ଷ୍ଟାଡିୟମରେ ଆଷ୍ଟ୍ରଟର୍ପ ଠିକା କାମରେ ଅଭିଯୋଗ ଥିବା ଠିକାଦାରମାନଙ୍କୁ ପ୍ରବେଶ ନକରାଯାଉ

ଝାରସୁଗୁଡ଼ା, ୧୯।୫ (ଡିକେ ନ୍ୟୁଜ୍): ଝାରସୁଗୁଡା ଜିଲ୍ଲା ପ୍ରଶାସନର ଉଦ୍ୟମରେ ଝାରସୁଗୁଡାରେ ବ୍ଲକ ଅଧିନରେ ଥିବା ଏଚ.କଟାପାଲି ଠାରେ ଜାତୀୟ ଖେଳ ହକି ପାଇଁ ଗ୍ରାସ ପଡିଆ ୧୯୨୩ ମସିହାରେ ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏଠାରେ ହକି ଖେଳାଳିଙ୍କର ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତାରେ ଜିଲ୍ଲାର ସଫଳତା ଓ ସଂଗଠକମାନଙ୍କର ଆଗ୍ରହକୁ ଦେଖି ଜିଲ୍ଲା ପ୍ରଶାସନ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଉନ୍ନୟନ ପାଣ୍ଠିରୁ ଏଠାରେ ଏକ ଆଷ୍ଟ୍ରଟର୍ପ ପଡିଆ ନିର୍ମାଣ ପାଇଁ ଅର୍ଥ ମଞ୍ଜୁରୀ କରାଯାଇଥିଲା। ଏହାର ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ପୂର୍ତ୍ତବିଭାଗକୁ ଦାୟିତ୍ୱ ପ୍ରଦାନ କରିଥିଲେ। ବହୁ ବିଳମ୍ବରେ ଝାରସୁଗୁଡା ହକି ପଡିଆର ଟ୍ରର୍ପ ନିର୍ମାଣ ପାଇଁ ଟେଣ୍ଡର ନମ୍ବର ୬୧୫ ତା୨୦-୦୨-୨୫ରେ ପୂର୍ତ୍ତବିଭାଗ ନରର୍ଦ୍ଦନ ରେଞ୍ଜ ସମ୍ବଲପୁର ସରକାରୀ ବିଜ୍ଞପ୍ତି କରାଗଲା। ଏହା ୨୭-୦୨-୨୫ରେ ବିଭିନ୍ନ ପତ୍ର ପତ୍ରିକା ମାଧ୍ୟମରେ ପୂର୍ତ୍ତ ବିଭାଗର (ସମ୍ବଲପୁର) ଟେଣ୍ଡର ବିଷୟରେ ପ୍ରକାଶିତ ହେଲା। ସର୍ବଭାରତୀୟସ୍ତରରେ ଅନଲାଇନରେ ପରିପ୍ରକାଶରେ ବିଳମ୍ବ ହେବାରୁ ଠିକାଦାରମାନେ ଅଭିଯୋଗ କରିଲେ। ପୁନଶ୍ଚ ୨୯-୦୩ -୨୫ ଅନଲାଇନରେ ପ୍ରକାଶ କରାଯାଇ ତା.୧୬-୦୪-୨୫ ସର୍ବଭାରତୀୟସ୍ତରେ ଅନଲାଇନରେ ଟେଣ୍ଡର ଶେଷ ତାରିଖ ପ୍ରକାଶିତ ହୋଇଥିଲା। ଏହି ହକି ପଡିଆର କାର୍ଯ୍ୟ ପାଇଁ ୬ଟି କମ୍ପାନୀ ଟେଣ୍ଡର ପଦ୍ଧତି ଅନୁସାରେ ଭରିଛନ୍ତି। ଯଥା (୧-ଆର୍ଡଭାନସ୍ ସ୍ପୋର୍ଟ ଏଲଏଲପି ଦିଲ୍ଲି, ୨-ଅଲଟି ଆଇୟୁଏସ (ଦିଲ୍ଲୀ) ୩-ସିନକଟସ ଇଣ୍ଟରନ୍ୟାସଲାଲ (ଦିଲ୍ଲୀ) ୪-ଶିବନରେଶସ୍ପୋର୍ଟସ (ଦିଲ୍ଲୀ) ୫ -ଗ୍ୟାଲନ ସ୍ପୋର୍ଟ (ଦିଲ୍ଲୀ) ୬-ଚଡାସ୍ପୋର୍ଟ (ଦିଲ୍ଲୀ) ଏହି କମ୍ପାନୀମାନଙ୍କ ମଧ୍ୟରୁ ଆର୍ଡଭାନସ୍ ସ୍ପୋର୍ଟ ଓ ଶିବନରେଶ ସ୍ପୋର୍ଟସଙ୍କ ନାମରେ ସୁନ୍ଦରଗଡ ଜିଲ୍ଲାରେ ନିମାଣ କରିଥିବା ହକି ଟ୍ରର୍ପ ପଡିଆ ନିମ୍ନତମ ଧରଣର ବୋଲି ଅଭିଯୋଗ ପରେ ତଦନ୍ତ ଚାଲିଛି। ସେହିପରି କମନୱେଲଥ ଗେମ ୨୦୧୦ରେ କାର୍ଯ୍ୟ କରିଥିବା ଶିବନରେଶ ସ୍ପୋଟର୍ସ, ଆର୍ଡଭାନସ୍ ସ୍ପୋର୍ଟର ମୁଖ୍ୟ ରାଜୀବ ଶର୍ମାଙ୍କ ନାମରେ ସିବିଆଇ ଅଭିଯୋଗ ହୋଇ ତଦନ୍ତର ପରିସର ଭୁକ୍ତ ରହିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ସୁନ୍ଦରଗଡ ଜିଲ୍ଲାରେ ନିର୍ମାଣ ହୋଇଥିବା ବିଶ୍ରାମୁଣ୍ଡା ଷ୍ଟାଡିୟମରେ ଲାଗି ଥିବା ଟ୍ରର୍ପ ବିଶ୍ୱସ୍ତରୀୟ ହେବା କଥା କିନ୍ତୁ ଏହା ହୋଇ ନାହିଁ ଏବଂ ଏଫ୍ଆଇଏଚ୍‌ର ସିକୃତୀ ନଥିବାରୁ ଏହା ନିମ୍ନମାନର ହୋଇଛି ବୋଲି ଅଭିଯୋଗ ହେବାରୁ ତଦନ୍ତ ଚାଲୁଛି। ବର୍ତ୍ତମାନ ଝାରସୁଗଡାରେ ନିର୍ମାଣ ହେବାକୁଯାଉଥିବା ହକି ଟ୍ରର୍ପ ପଡିଆରେ ଯେପରି ଏହାର ପୁନରାବୃତି ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲା ହକି ଆସୋସିଏସନର ସଭ୍ୟମାନେ ଦାବି କରିଛନ୍ତି।

# ଅମ୍ବାଦଳାରେ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ମୁନିଗୁଡ଼ା, ୧୯।୫ (ଡିକେ ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ହାଇସ୍କୁଲ ଖେଳ ପଡିଆରେ ରବିବାରଠୁ ଆରମ୍ଭ ହୋଇଛି ଜିଲ୍ଲାସ୍ତରୀୟ ଅମ୍ବାଦଳା ମୋର୍ଣ୍ଣୀଙ୍ଗ ଇଲେଭେନ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଆୟୋଜିତ କ୍ରିକେଟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଗୁରୁବାରି ଭୋଇ ଓ ସମ୍ମାନିତ ଅତିଥି ଭାବେ ଅମ୍ବାଦଳା ଥାନା ଅଧିକାରୀ କଳ୍ପନା ବେହେରା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ଯୁବ ନେତା ଧୀରେନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ଖେଳାଳୀ ସତ୍ୟବାନ୍ ଛତର, ଏ.ଜଗନ୍ନାଥ ପ୍ରସାଦ, ବୃନ୍ଦାବନ ମହାନ୍ତି,ପରମେଶ୍ୱର ରାଓ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୋର୍ଣ୍ଣିଙ୍ଗ ଇଲଭେନ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିବା ବେଳେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟ ଚାଲିବ ବୋଲି ଆୟୋଜକ ଟିମ ନିକଟରୁ ସୂଚନା ମିଳିଛି। ଉଦ୍‌ଘାଟନୀ ପ୍ରତିଯୋଗିତାରେ ପ୍ରଥମ ମ୍ୟାଚ୍ ଦହିଖାଲ ଓ ସରଧାପୁର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ସରଧାପୁର ଟିମ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୦ ଓଭରରେ ୭ ୱିକେଟ ହରାଇ ୮୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଦହିଖାଲ ଦଳ ୯ ଓଭର ୪ଟା ବଲ୍ ଖେଳି ୪ ୱିକେଟ ହରାଇ ୯୦ ରନ ସଂଗ୍ରହ କରି ଏହି ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ।



ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତାରେ ରାୟଗଡ଼ା ଜିଲ୍ଲା ପି.କୁଟୁଣି ପଦର୍ ଓ କଳାହାଣ୍ଡି ଜିଲ୍ଲା ଛତ୍ରପୁର ମଧ୍ୟରେ ପ୍ରତିଯୋଗିତା ହୋଇଥିବା ବେଳେ ପି. କୁଟୁଣି ପଦର ଟିମ ଛତ୍ରପୁରକୁ ପରାସ୍ତ କରି ବିଜୟୀ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଦଳ କୁନା ସାହୁ, ରଞ୍ଜିତ ପାଢ଼ୀ, ଲୋକନାଥ ରଣା, ଜୟନ୍ତ ନାୟକ, ପୁରୁଷୋତ୍ତମ, ସୁଧୀର ନାୟକ, ଭୋଳେଶ୍ୱର୍ ଦଳେଇ, କାହ୍ନା ପାତ୍ର,କିଶୋର କୁମାର୍ ସାହୁ ପ୍ରମୁଖଙ୍କ ସମେତ ମୋର୍ଣ୍ଣିଙ୍ଗ ଇଲେଭେନ୍ ଟିମର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମାଧୁରୀ ଦୀକ୍ଷିତଙ୍କ ପୁଅ ଅରିନ ହେଲେ ଗ୍ରାଜୁଏଟ୍






ମୁମ୍ବାଇ, ୧୯।୫ (ହି.ସ): ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଓ ରାମ ନେନେଙ୍କ ପୁଅ ଅରିନ ଏବେ ଗ୍ରାଜୁଏଟ ହୋଇଛନ୍ତି। ଅରିନ ଆମେରିକାର ୟୁନିଭର୍ସିଟି ଅଫ୍ ସାଉଦର୍ନ କ୍ୟାଲିଫର୍ଣ୍ଣିଆ, ଲସ୍ ଏଞ୍ଜେଲ୍ସରୁ ଡିଗ୍ରୀ ପ୍ରାପ୍ତ କରିଛନ୍ତି ଏବଂ ପୂରା ପରିବାର ତାଙ୍କର ଏହି ବିଶେଷ ଦିନକୁ ମିଶି ସେଲିବ୍ରେଟ୍ କରିଛନ୍ତି। ରାମ ନେନେ ନିଜର ସୋସିଆଲ ମିଡ଼ିଆ ଆକାଉଣ୍ଟରେ କିଛି ଫଟୋ ସେୟାର କରିଛନ୍ତି, ଯେଉଁଥିରେ ତାଙ୍କର ଚେହେରାରେ ଖୁସି ସ୍ପଷ୍ଟ ନଜର ଆସୁଛି। ଏହି ସବୁ ଫଟୋରେ ଅରିନ, ମାଧୁରୀ ଓ ଡାକ୍ତର ନେନେ କଲେଜର ୨ୟ ପିଲାଙ୍କ ସହ ନଜର ଆସୁଛନ୍ତି। ପିତାମାତାଙ୍କ ପାଇଁ ନିଶ୍ଚୟ ଏହା ଏକ ଗର୍ବର କ୍ଷଣ। ତେବେ ଡାକ୍ତର ରାମ ନେନେ ସୋସିଆଲ ମିଡ଼ିଆରେ ଫଟୋ ସେୟାର କରି କ୍ୟାପସନରେ ଲେଖିଛନ୍ତି ଗୋଟିଏ ସପ୍ତାହରେ ଅନେକ କିଛି। ପ୍ରତି କ୍ଷଣ ବହୁତ ସ୍ପେଶାଲ ଥିଲା ଏବଂ ମୋତେ ଅରିନ ଓ ତାଙ୍କର ସବୁ କ୍ଲାସମେଟ୍ସଙ୍କ ଉପରେ ବହୁତ ଗର୍ବ ଏବଂ ସବୁଠୁ ଖାସ୍ କଥା ଏମଡି (ମାଧୁରୀ) ନିଜର ବାର୍ଥଡେ ଅରିନଙ୍କ ଗ୍ରାଜୁଏସନ ସହ ପାଳିଛନ୍ତି। ଉଭୟଙ୍କ ପାଇଁ ଏହା ଠାରୁ ଭଲ ଉପହାର କ'ଣ ହୋଇ ପାରିଥାନ୍ତା। ଫଟୋରେ ଅରିନ ଗ୍ରାଜୁଏସନ ପୋଷାକ ପିନ୍ଧିବାର ଡିଗ୍ରୀ ଦେଖାଇବା ନଜର ଆସୁଛନ୍ତି। ଏକ ଫଟୋରେ ଡାକ୍ତର ରାମ ନେନେ ଓ ମାଧୁରୀ ଅଡିୟାନ୍ସର ବସି ସେଲଫି ନେବାର ଦେଖିବାକୁ ମିଳି ଥିଲା। ଶେଷ ଫଟୋରେ ପୂରା ପରିବାର ଅରିନ ଓ ତାଙ୍କର ବନ୍ଧୁଙ୍କ ସହ ହସୁ ଥିବାର ନଜର ଆସିଥିଲା। ସୋସିଆଲ ମିଡ଼ିଆରେ ଏହି ପୋଷ୍ଟକୁ ଖୁବ୍ ଭଲ ପାଇବା ମିଳିଛି। ଜଣେ ଫ୍ୟାନ୍ ଲେଖିଛନ୍ତି, କେତେ ସୁନ୍ଦର ଫଟୋ, ଜଣେ ୟୁଜର ଲେଖିଛନ୍ତି, ଅରିନଙ୍କୁ ଅନେକ ଅନେକ ଶୁଭ କାମନା। ଆଉ ଜଣେ ୟୁଜର ଲେଖିଛନ୍ତି, ମ୍ୟାମ୍‌ଙ୍କ ବାର୍ଥଡେ ଅରିନଙ୍କ ଗ୍ରାଜୁଏସନ ପାର୍ଟି ସହ ସେଲିବ୍ରେଟ୍ ହେବା ତ ଖୁବ୍ ସୁନ୍ଦର ମୂହୁର୍ତ୍ତ। ତେବେ ନିକଟରେ ମାଧୁରୀ ଦୀକ୍ଷିତ ନିଜର ୫୮ତମ ବାର୍ଥଡେ ପାଳିଛନ୍ତି। ଏହି ଅବସରରେ ଡାକ୍ତର ନେନେ ଇନଷ୍ଟାଗ୍ରାମରେ ଫ୍ୟାମିଲି ଫଟୋ ସେୟାର କରି ଥିଲେ, ଯେଉଁଥିରେ ତାଙ୍କର ପୂରା ପରିବାର ସାଥିରେ ପୋଜ୍ ଦେଉଛନ୍ତି। ମାଧୁରୀଙ୍କୁ ତାଙ୍କର ଜନ୍ମ ଦିନରେ ସାରା ବିଶ୍ୱରୁ ଶୁଭେଚ୍ଛା ମିଳିଛି।

# ହତ୍ୟା ଉଦ୍ୟମ ଅଭିଯୋଗରେ ବାଂଲାଦେଶୀ ଅଭିନେତ୍ରୀ ଗିରଫ



ଢାକା, ୧୯।୫ (ହି.ସ): ବାଂଲାଦେଶରେ ରାଜନୈତିକ ଅସ୍ଥିରତା ମଧ୍ୟରେ, ଅଭିନେତ୍ରୀ ନୁସରତ ଫାରିଆଙ୍କୁ ଢାକାର ହଜରତ ଶାହଜଲାଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଗିରଫ କରାଯାଇଛି। ସେ ରବିବାର (୧୮ ମଇ, ୨୦୨୫) ଥାଇଲ୍ୟାଣ୍ଡ ଯିବାକୁ ପ୍ରସ୍ତୁତ ହେଉଥିଲେ। ତାଙ୍କ ବିରୁଦ୍ଧରେ ୨୦୨୪ ଛାତ୍ର ଆନ୍ଦୋଳନ ସମୟରେ ହିଂସାକୁ ଉସକାଇବା ଏବଂ ହତ୍ୟା ଉଦ୍ୟମ କରିବାର ଅଭିଯୋଗ ଅଛି। ନୁସରତ 'ମୁଜିବ: ଦି ମେକିଂ ଅଫ୍ ଏ ନେସନ୍' ବାୟୋପିକ୍‌ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଭୂମିକାରେ ଅଭିନୟ କରିଥିଲେ। ଖବର ଅନୁଯାୟୀ, ୩୧ ବର୍ଷୀୟ ଅଭିନେତ୍ରୀଙ୍କୁ ଥାଇଲ୍ୟାଣ୍ଡ ଯାଉଥିବା ସମୟରେ ଏକ ଇମିଗ୍ରେସନ ଚେକିଂ ପୋଷ୍ଟରେ ଅଟକ ରଖାଯାଇଥିଲା। ସରକାର ବିରୋଧୀ ପ୍ରଦର୍ଶନ ସମୟରେ ହତ୍ୟା ଉଦ୍ୟମ ଅଭିଯୋଗରେ ପଞ୍ଜିକୃତ ଏକ ମାମଲା ସହିତ ଜଡିତ ନୁସରତ ଫାରିଆଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଥିଲା। ପୋଲିସ କମିଶନର ଶଫିକୁଲ ଇସଲାମଙ୍କ ଅନୁଯାୟୀ, ଫାରିଆଙ୍କୁ ଗିରଫ କରାଯାଇଥିଲା ଏବଂ ପ୍ରଥମେ ୱାଟାରା ପୋଲିସ ଷ୍ଟେସନକୁ ନିଆଯାଇଥିଲା ଏବଂ ତା'ପରେ ଢାକା ମେଟ୍ରୋପଲିଟାନ ପୋଲିସ ଡିଟେକ୍ଟିଭ୍ ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। ବର୍ତ୍ତମାନ ତାଙ୍କୁ ପଚରାଉଚରା କରାଯାଉଛି। ନୁସରତ ଫାରିଆ ୨୦୨୩ ମସିହାରେ ରିଲିଜ୍ ହୋଇଥିବା ଚଳଚ୍ଚିତ୍ର 'ମୁଜିବ: ଦି ମେକିଂ ଅଫ୍ ଏ ନେସନ୍'ରେ ଶେଖ୍ ହାସିନାଙ୍କ ଭୂମିକା ପାଇଁ ବହୁତ ସ୍ୱୀକୃତି ପାଇଥିଲେ। ବାଂଲାଦେଶ ଏବଂ ଭାରତ ମିଳିତ ଉଦ୍ୟମରେ ନିର୍ମିତ ଏହି ଚଳଚ୍ଚିତ୍ରଟି ସ୍ୱର୍ଗତ ଭାରତୀୟ ନିର୍ଦ୍ଦେଶକ ଶ୍ୟାମ ବେନେଗଲଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲା। ଅଭିନୟ ଜଗତରେ ପ୍ରବେଶ କରିବା ପୂର୍ବରୁ, ନୁସରତ ଫାରିଆ ଜଣେ ରେଡିଓ ଜକି ଥିଲେ ଏବଂ ଏହିଠାରୁ ସେ ତାଙ୍କ କ୍ୟାରିଅର ଆରମ୍ଭ କରିଥିଲେ। ସେ ୨୦୧୫ ମସିହାରେ ଆଶିକି: ଟ୍ରୁ ଲଭ୍ ସହିତ ତାଙ୍କର ଚଳଚ୍ଚିତ୍ର ଜୀବନ ଆରମ୍ଭ କରିଥିଲେ ଏବଂ ସେବେଠାରୁ ଅନେକ ବାଂଲାଦେଶୀ ଏବଂ ଭାରତୀୟ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି।

# 'ମୁଁ ସବୁକିଛି ଛାଡି ସେବା ଭାବନାରେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିବି'



ନୂଆଦିଲ୍ଲୀ, ୧୯।୫ (ହି.ସ): ୟୁଭିକା ଚୌଧୁରୀ ଜଣେ ବଡ ଟିଭି ଅଭିନେତ୍ରୀ। ସେ ବହୁ ବର୍ଷ ଧରି ଟିଭିରେ କାମ କରିଛନ୍ତି ଏବଂ ଅନେକ ଫିଲ୍ମରେ ମଧ୍ୟ କାମ କରିଛନ୍ତି। ୟୁଭିକା ଏବେ ଏହି ଶିଳ୍ପ ଛାଡି ଭ୍ଲଗିଂରେ ପ୍ରବେଶ କରିଛନ୍ତି। କିଛି ସମୟ ପୂର୍ବରୁ ସେ ଏକ ଝିଅର ମାଆ ହୋଇଥିଲେ। ସେ ତାଙ୍କ ଝିଅର ଲାଳନପାଳନ କରିବାରେ ବ୍ୟସ୍ତ ଏବଂ ବାକି ସମୟ ଭ୍ଲଗିଂ କରନ୍ତି। ୟୁଭିକା ଜଣେ ପୂର୍ଣ୍ଣକାଳୀନ ଭ୍ଲଗର ହୋଇଗଲେଣି। ସେ ଏକ ସାକ୍ଷାତକାରରେ ସାଧ୍ୱୀ ହେବା ବିଷୟରେ କହିଥିଲେ। ୟୁଭିକା ଚୌଧୁରୀ ଭ୍ଲଗ୍ ମାଧ୍ୟମରେ ତାଙ୍କ ପ୍ରଶଂସକମାନଙ୍କୁ ତାଙ୍କ ଜୀବନର ଅପଡେଟ୍ ଦେଇ ଚାଲିଛନ୍ତି। ପ୍ରଶଂସକମାନେ ମଧ୍ୟ ତାଙ୍କ ଜୀବନ ବିଷୟରେ ଜାଣିବାକୁ ପସନ୍ଦ କରନ୍ତି। ୟୁଭିକା କହିଛନ୍ତି ଯେ, ସେ ସବୁକିଛି ଛାଡି ସାଧ୍ୱୀ ହେବେ। ୟୁଭିକା ଥରେ ପାରସ ଛାବ୍ରାଙ୍କ ପୋଡକାଷ୍ଟକୁ ଯାଇଥିଲେ। ଯେଉଁଠାରେ ପାରସ ତାଙ୍କୁ ତାଙ୍କ ରାଶିଫଳ ବିଷୟରେ ପଚାରିଥିଲେ। ତାଙ୍କ କୁଣ୍ଡଳୀର ଗୁପ୍ତ କଥା ପ୍ରକାଶ କରି ପାରସ କହିଥିଲେ ଯେ, ଆପଣଙ୍କର କୁଣ୍ଡଳୀରେ ଏକ ଯୋଗ ଅଛି ଯେ ଆପଣ ଶୀଘ୍ର ସନ୍ଥ ହେବାକୁ ଯାଉଛନ୍ତି। ଏହାର ଉତ୍ତରରେ ୟୁଭିକା କହିଥିଲେ ଯେ, 'ବହୁତ ଶୀଘ୍ର ନୁହେଁ।' କିନ୍ତୁ ମୋ ଜୀବନରେ ଏପରି ଏକ ସମୟ ଆସିବ ଯେତେବେଳେ ମୁଁ ମୋ ଜୀବନକୁ ସେବା ପାଇଁ ଉତ୍ସର୍ଗ କରିବି। ଏବେ ମୁଁ କେବଳ ନିଜ ପାଇଁ ଧାର୍ମିକ। କିଛି ସମୟ ପରେ ମୁଁ ନିଷ୍ପତ୍ତି ନେଇଥିଲି ଯେ, ମୁଁ ସବୁକିଛି ଛାଡି ସେବାରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିବି। ମୁଁ ଏହା ବିଷୟରେ ପୂର୍ବରୁ ଭାବିସାରିଛି। ୟୁଭିକା ଆହୁରି କହିଛନ୍ତି ଯେ ସାଂସାରିକ ଜୀବନଯାପନ କରିବା ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ। ଆପଣ ତାଙ୍କଠାରୁ ବହୁତ କିଛି ଶିଖନ୍ତି। ଏହା ଆପଣଙ୍କ ଭିତରେ ଏକ ଭଲ ପରିବର୍ତ୍ତନ ଆଣିଥାଏ। ମାଆ ହେବା ପରେ ମଧ୍ୟ ମୁଁ ବଦଳିଯାଇଛି। ଆପଣ ସମ୍ପର୍କ ଏବଂ ଜୀବନକୁ ଅଧିକ ମୂଲ୍ୟ ଦିଅନ୍ତି। ସଂଘର୍ଷ ବିନା ଜୀବନରେ ଆଗକୁ ବଢ଼ିପାରିବ ନାହିଁ।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik